**RD-6**
**BLOCK-3**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,
ସମ୍ବଲପୁର, ଓଡ଼ିଶା

**Odisha State Open University**
**Sambalpur, Odisha**

# ଗ୍ରାମୀଣ ବିକାଶ
# RURAL DEVELOPMENT (RD)

## ଓଡ଼ିଶାରେ ଗ୍ରାମୀଣ ବିକାଶ

## ଓଡ଼ିଶାରେ ବିକାଶ କ୍ଷେତ୍ରଗୁଡିକ



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଗ୍ରାମାଞ୍ଚଳ ବିକାଶ

ପାଠ୍ୟକ୍ରମ -୬
ଓଡ଼ିଶାରେ ଗ୍ରାମାଞ୍ଚଳ ବିକାଶ

ବ୍ଲକ୍

## ୩ ଓଡିଶାରେ ବିକାଶମୂଳକ କ୍ଷେତ୍ର

ପ୍ରଥମ ଏକକ : ବିକାଶ ମୂଳକ କ୍ଷେତ୍ର - କୃଷିକ୍ଷେତ୍ର, ଶିଳ୍ପକ୍ଷେତ୍ର, ସେବାକ୍ଷେତ୍ର ଏବଂ ସାମାଜିକ କ୍ଷେତ୍ର

ଦ୍ୱିତୀୟ ଏକକ : ଦାରିଦ୍ର୍ୟ ଦୂରୀକରଣ ପାଇଁ ଯୋଜନା - ବିଜୁ କେବିକେ ଯୋଜନା, ସଂଶୋଧିତ ଦୀର୍ଘସୂତ୍ରୀକାର୍ଯ୍ୟଯୋଜନା (RLTAP), ବିଜୁ କନ୍ଧମାଳ ଓ ଗଜପତି ଯୋଜନା

## ବିଶେଷଜ୍ଞ ପରିଷଦ

| | | |
|---|---|---|
| ଶ୍ରୀ ଜଗଦାନନ୍ଦ | ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ ଏବଂ ସହ ଉଦ୍ୟୋଗୀ, ସି.ଓ୍ୱାଇ ଏସ୍.ଡି., ଭୁବନେଶ୍ୱର, ଓଡ଼ିଶା | ଅଧ୍ୟକ୍ଷ |
| ଡଃ. ଶ୍ରୁତି ମହାପାତ୍ର | ମୁଖ୍ୟ ନିର୍ବାହୀ, ସ୍ୱାଭିମାନ, ଭୁବନେଶ୍ୱର | ସଭ୍ୟ |
| ଡଃ. ଧର୍ମବ୍ରତ ମହାପାତ୍ର | ବିଭାଗୀୟ ମୁଖ୍ୟ, ଗ୍ରାମ୍ୟ ବିକାଶ, ସ୍ନାତକୋତ୍ତର ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ | ସଭ୍ୟ |
| ଡଃ. ଏମ୍.ଜି.ବାଗେ | ପ୍ରାଧ୍ୟାପକ, ଗ୍ରାମ୍ୟ ବିକାଶ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଭ୍ୟ |
| ଶ୍ରୀମତୀ ଦୀପ୍ତି ରାୟ | ସହ-ପ୍ରାଧ୍ୟାପିକା, ଗ୍ରାମ୍ୟ ପରିଚାଳନା ବିଭାଗ, ନିଶ୍ୱାସ, ଭୁବନେଶ୍ୱର | ସଭ୍ୟ |
| ଡଃ. ରବିନ୍ଦ୍ର ଗାରାଡେ | ପ୍ରାଧ୍ୟାପକ, ଗ୍ରାମ୍ୟ ବିକାଶ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଭ୍ୟ |
| ଡଃ. ଏସ୍.ଟି.ରେହମାନ | ଶିକ୍ଷଣ ପରାମର୍ଶଦାତା, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର | ସଭ୍ୟ |

**ଅନୁବାଦକ : ଡକ୍ଟର ଦେବାଶିଷ ମହାପାତ୍ର**
**ପୂର୍ବାଞ୍ଚଳ ଭାଷାକେନ୍ଦ୍ର, ଲକ୍ଷ୍ମୀସାଗର, ଭୁବନେଶ୍ୱର ।**

**ପାଠ୍ୟ ସମ୍ପାଦକ : ଡକ୍ଟର ବିଳାଶ ଚନ୍ଦ୍ର ମନ୍ତ୍ରୀ**
ଶୈକ୍ଷିକ ପରାମର୍ଶଦାତା, ଗ୍ରାମାଞ୍ଚଳ ବିକାଶ ବିଭାଗ,
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଅଳଙ୍କରଣ : ଲିପିନା ସାହୁ,** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।


## ପ୍ରକାଶକ

**ଡକ୍ଟର ମାନସ ରଞ୍ଜନ ପୂଜାରୀ**
କୁଳସଚିବ
*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*


© OSOU, 2021. "ଓଡ଼ିଶାରେ ବିକାଶମୂଳକ କ୍ଷେତ୍ର" is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ : ବିକାଶ ମୂଳକ କ୍ଷେତ୍ର - କୃଷିକ୍ଷେତ୍ର, ଶିଳ୍ପକ୍ଷେତ୍ର, ସେବାକ୍ଷେତ୍ର ଏବଂ ସାମାଜିକ କ୍ଷେତ୍ର

**ବିଷୟ ଗଠନ :**


୧.୦ ପଠନର ଉଦ୍ଦେଶ୍ୟ

୧.୧ ଉପକ୍ରମ

୧.୨ ଓଡିଶାରେ କୃଷିକ୍ଷେତ୍ର

୧.୨.୧ ଜମିବ୍ୟବହାର ବ୍ୟବସ୍ଥା

୧.୨.୨ ମୁଖ୍ୟଶସ୍ୟ ଉତ୍ପାଦନ

୧.୨.୩ କୃଷିଭିତ୍ତିକ

୧.୨.୪ ବିକାଶ ପାଇଁ ନୀତି ଓ ସହଯୋଗ

୧.୩ ପ୍ରାଣୀସଂପଦ / ପଶୁସଂପଦ

୧.୩.୧ ଓଡିଶାରେ କ୍ଷୀର, ଅଣ୍ଡା ଓ ମାଂସର ଉତ୍ପାଦନ

୧.୩.୨ ପଶୁସଂପଦ ବିକାଶ ପାଇଁ ସରକାରୀ ପଦକ୍ଷେପ

୧.୪ ମତ୍ସ୍ୟ ସଂପଦ

୧.୪.୧ ମତ୍ସ୍ୟସଂପଦ ବିକାଶ ପାଇଁ ରାଜ୍ୟର ପଦକ୍ଷେପ

୧.୫ ବନୀକରଣ

୧.୫.୧ ଜଙ୍ଗଲ ବିକାଶ ପାଇଁ ସରକାରୀ ପଦକ୍ଷେପ

୧.୬ ଶିଳ୍ପକ୍ଷେତ୍ର

୧.୬.୧ ନିର୍ମାଣ

୧.୬.୨ ଖଣି ଓ ଖନନ

୧.୬.୩ ବିଦ୍ୟୁତ୍‌ଶକ୍ତି

୧.୬.୪ ଜଳ ଯୋଗାଣ

୧.୭ ଓଡିଶାରେ ସେବାକ୍ଷେତ୍ର

୧.୭.୧ ବ୍ୟାଙ୍କ ଓ ବୀମା

୧.୭.୨ ପରିବହନ ଓ ଯୋଗାଯୋଗ

୧.୭.୩ ବିଜ୍ଞାନ ଓ ବୈଷୟିକଜ୍ଞାନ
୧.୮ ଓଡିଶାରେ ସାମାଜିକକ୍ଷେତ୍ର
୧.୮.୧ ଶିକ୍ଷା
୧.୮.୨ ସ୍ୱାସ୍ଥ୍ୟସେବା
୧.୯ ସାରାଂଶ
୧.୧୦ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ ଓ ସମ୍ଭାବ୍ୟ ଉତ୍ତର


## ୧.୦ ପଠନର ଉଦ୍ଦେଶ୍ୟ

ଏହି ଏକକ ଅଧ୍ୟୟନ ପରେ ତୁମେମାନେ

- ଓଡିଶାରେ କୃଷି କ୍ଷେତ୍ର ସମ୍ବନ୍ଧରେ ଜାଣିପାରିବ।
- ପ୍ରାଣୀସଂପଦ ବିଷୟରେ ବୁଝାଇପାରିବ।
- ବନୀକରଣ ଓ ମତ୍ସ୍ୟସଂପଦ ବିଷୟରେ ଜାଣିପାରିବ।
- ଓଡିଶାରେ ଶିଳ୍ପ ଓ ସାମାଜିକ କ୍ଷେତ୍ର ବିଷୟରେ ବୁଝାଇପାରିବ।

## ୧.୧ ଉପକ୍ରମ

ଭାରତର ୨୯ଟି ରାଜ୍ୟ ମଧ୍ୟରୁ ଓଡିଶା ଗୋଟିଏ ରାଜ୍ୟ। ଏହା ୧୭° ୪୫' ଉତ୍ତର ଉଚ୍ଚତାରୁ ୨୨° ୩୦' ଉତ୍ତର ଉଚ୍ଚତା ଏବଂ ୮୧° ୪୫' ପୂର୍ବ ଉଚ୍ଚତା ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହାର ଭୌଗୋଳିକ କ୍ଷେତ୍ର ୧,୫୫,୭୦୭ ସ୍କୋୟାର କିଲୋମିଟର, ଯାହାକି ୩୦ ଜିଲ୍ଲା, ୫୮ ସବଡିଭିଜନ, ୩୧୭ ତହସିଲ, ୩୧୪ ଗୋଷ୍ଠୀ ଉନ୍ନୟନ ଅଞ୍ଚଳ, ୬୨୨୭ ଗ୍ରାମ ପଞ୍ଚାୟତ ଓ ୫୧, ୩୪୯ ଗ୍ରାମର ସମାହାର।

ରାଜ୍ୟର ବିକାଶକ୍ଷେତ୍ର ମଧ୍ୟରେ କୃଷି, ଶିଳ୍ପ ଓ ସେବାକ୍ଷେତ୍ର ଅନ୍ତର୍ଭୁକ୍ତ। ସାମାଜିକକ୍ଷେତ୍ର, ସେବାକ୍ଷେତ୍ରର ଏକ ଅଂଶବିଶେଷ, ଏହାଛଡା କୃଷିକ୍ଷେତ୍ରରେ କୃଷି, ପ୍ରାଣୀସଂପଦ, ମତ୍ସ୍ୟସଂପଦ ଓ ବନୀକରଣ ଆଦି ଉପକ୍ଷେତ୍ର ଅନ୍ତର୍ଭୁକ୍ତ। ସେହିପରି ଶିଳ୍ପକ୍ଷେତ୍ରରେ ନିର୍ମାଣ, ଖଣି ଓ ଖନନ, ବିଦ୍ୟୁତ୍‌ଶକ୍ତି, ଗ୍ୟାସ ଓ ଜଳଯୋଗାଣ ଉପକ୍ଷେତ୍ର ଅନ୍ତର୍ଭୁକ୍ତ। ସେବା କ୍ଷେତ୍ରରେ ବ୍ୟାଙ୍କ ଓ ବୀମା ରିୟଲ ଷ୍ଟେଟ, ସାଧାରଣ ପ୍ରଶାସନ, ବାଣିଜ୍ୟ, ହୋଟେଲ ଓ ରେସ୍ତୋରାଁ, ନିର୍ମାଣ, ପରିବହନ ଯୋଗାଯୋଗ ଏବଂ ଅନ୍ୟାନ୍ୟ ସେବା ଅନ୍ତର୍ଭୁକ୍ତ। ସାମାଜିକ କ୍ଷେତ୍ରରେ ଶିକ୍ଷା, ସ୍ୱାସ୍ଥ୍ୟ, ନିରାପଦ ପାନୀୟଜଳ, ପରିମଳ ସହ ଅବହେଳିତ ଓ ପଛୁଆବର୍ଗର ବିକାଶ ଅନ୍ତର୍ଭୁକ୍ତ।

## ୧.୨ ଓଡିଶାରେ କୃଷିକ୍ଷେତ୍ର

ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲେ ମଧ୍ୟ ବିଗତ ବର୍ଷମାନଙ୍କରେ କୃଷି ଓ ଅନ୍ୟାନ୍ୟ ସଂଯୁକ୍ତ କ୍ଷେତ୍ରରେ ଅଂଶ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ରାଜ୍ୟର ଷାଠିଏ ଭାଗ ଲୋକ, ସେମାନଙ୍କ ଜୀବିକା ପାଇଁ ସଂପୂର୍ଣ୍ଣ ବା ଆଂଶିକ ଭାବେ କୃଷି ଉପରେ ନିର୍ଭରଶୀଳ। ସମୁଦାୟ ରାଜ୍ୟଘରୋଇ ଉତ୍ପାଦ (GSDP) ରେ

କୃଷିକ୍ଷେତ୍ରର ଅଂଶ ୧୯୫ ୭୦ଭାଗରୁ ଅଧିକ ଥିବାବେଳେ ଏହା ବର୍ତ୍ତମାନ ୧୫.୫୮ %କୁ ଖସି ଆସିଛି । ଏ ଦୃଷ୍ଟିରୁ ପ୍ରାକୃତିକ ସଂପଦ ଏବଂ ଶସ୍ୟର ବୈଜ୍ଞାନିକ ପରିଚାଳନା ମାଧ୍ୟମରେ ଜମିର ପ୍ରତ୍ୟେକ ଏକକରେ ଉତ୍ପାଦନ ବୃଦ୍ଧି ଉପରେ ଯେପରି ବାତ୍ୟା, ଦୁର୍ଭିକ୍ଷ ଏବଂ ବନ୍ୟାଦ୍ୱାରା କ୍ଷତିଗ୍ରସ୍ତ ହେଉଥିବାରୁ କୃଷିର ଉତ୍ପାଦନ ଓ ଉତ୍ପାଦନ ସାମର୍ଥ୍ୟ ଏହାଦ୍ୱାରା ପ୍ରଭାବିତ ହେଉଛି । ଅମଳକାରୀ ଓ କୃଷିଶ୍ରମିକମାନଙ୍କ ସଂଖ୍ୟା ଦେଖିଲେ ଜଣାଯାଏଯେ ମୁଖ୍ୟତଃ କୃଷିଶ୍ରମିକମାନେ କୃଷିକ୍ଷେତ୍ରରେ ନିୟୋଜିତ। ୨୦୧୧ ଜନଗଣାନ ଅନୁଯାୟୀ ୧୭୫,୪୨ ଲକ୍ଷ କର୍ମୀମାନ୍‌କ ମଧ୍ୟରୁ ୪୧୦.୦୪ ଲକ୍ଷ ଅମଳକାରୀ ଓ ୬୭.୪୦ ଲକ୍ଷ କୃଷି ଶ୍ରମିକ ଥିଲେ । ତେଣୁ ୬୧.୮% ଶ୍ରମିକ କୃଷିକାର୍ଯ୍ୟରେ ନିୟୋଜିତ ହୋଇଥିଲେ ।

## ୧.୨.୧ ଜମିବ୍ୟବହାର ବ୍ୟବସ୍ଥା

କୃଷିପାଇଁ ଉଦ୍ଦିଷ୍ଟ ଜମି, ହ୍ରାସ ପାଇବାରେ ଲାଗିଛି । ଜମିର ବହୁମୁଖୀ ବ୍ୟବହାର ନେଇ ଚାହିଦା ବୃଦ୍ଧି ପାଇଥିବାରୁ କୃଷି ଏବଂ ସଂଯୁକ୍ତ ଉପକ୍ଷେତ୍ରଗୁଡିକରେ ଚାହିଦା ହ୍ରାସ ପାଉଛି । ତେଣୁ, ଅମଳପାଇଁ ଉପଲବ୍ଧ ଓ ବ୍ୟବହୃତ ଜମିର ଅମଳ ବୃଦ୍ଧି ଓ ଖାଦ୍ୟଶସ୍ୟ ଉତ୍ପାଦନ ଉପରେ ପ୍ରାଧାନ୍ୟ ପ୍ରଦାନ ପାଇଁ ବ୍ୟବସ୍ଥିତ ଢଙ୍ଗରେ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ।

ସାରଣୀ ୧.୨.୧ ଓଡିଶାରେ ୨୦୦୮ରୁ ୨୦୧୩ ବିଭିନ୍ନ କିସମର ଶସ୍ୟ ଅମଳର କ୍ଷେତ୍ର

| | | | |
|---|---|---|---|
| ୨୦୧୨-୧୩ | ୧୪.୯୫ | ୭୫.୯୯ | ଅନ୍ୟାନ୍ୟ |
| ୨୦୧୧-୧୨ | ୧୦.୫୨ | ୮୦.୦୩ | ତନ୍ତୁ |
| ୨୦୧୦-୧୧ | ୧୪.୮ | ୭୪.୭୭ | ତୈଳବୀଜ |
| ୨୦୦୯-୧୦ | ୧୪.୪୯ | ୭୫.୯୧ | ଡାଲି |
| ୨୦୦୮-୦୯ | ୧୩.୭୨ | ୭୮.୬୯ | ଖାଦ୍ୟଶସ୍ୟ |

୦ ୨୦ ୪୦ ୬୦ ୮୦ ୧୦୦

ଓଡିଶାରେ ଖାଦ୍ୟଶସ୍ୟ କ୍ଷେତ୍ର ୬.୦୨% ହାରରେ ବୃଦ୍ଧି ପାଇଛି, ଯାହାକି ୨୦୧୧-୧୨ରେ ୪୭୪୪ ହେକ୍ଟର ଥିବାବେଳେ ୨୦୧୨-୧୩ରେ ୫୦୩୦ ହେକ୍ଟରକୁ ବୃଦ୍ଧି ପାଇଥିଲା । ସମୁଦାୟ ଅମଳକ୍ଷେତ୍ରରେ ଧାନଜମି ୭୦%ରୁ ଅଧିକ, ଯାହାକି ୨୦୧୧-୧୨ରେ ୪୦୦୫ ହେକ୍ଟର ଥିବାବେଳେ ୨୦୧୨-୧୩ ବେଳକୁ ସାମାନ୍ୟ ବୃଦ୍ଧିପାଇ ୪୦୦୫ ହେକ୍ଟର ହୋଇଥିଲା । ୨୦୧୨-୧୩ରେ ତୈଳବୀଜ କ୍ଷେତ୍ର ୨୦୧୧-୧୨ ତୁଳନାରେ ୨.୮.ଶତକଡା ହ୍ରାସ ପାଇଛି ।

## ୧.୨.୨ ମୁଖ୍ୟଶସ୍ୟ ଉତ୍ପାଦନ

ରାଜ୍ୟରେ ଅଧିକ ପରିମାଣରେ ଅମଳ ହେଉଥିବା ଚାଉଳ, ଏକ ପ୍ରମୁଖ ଶସ୍ୟ। ୨୦୧୦-୧୧ରେ ଏହାର ଉତ୍ପାଦନ ୬୩.୫% ହାରରେ ବୃଦ୍ଧିପାଇ ୫୮୦୭ ହଜାର ମେଟ୍ରିକ ଟନ ହୋଇଥିଲା। ସେହି ସମୟରେ ଡାଲିଜାତୀୟ ଶସ୍ୟ ୭୨% ହାରରେ ବୃଦ୍ଧି ପାଇଥିଲା। ୨୦୧୧-୧୨ରେ ତୈଳବୀଜ ଉତ୍ପାଦନ ୧୬୬ ହଜାର ମେଟ୍ରକଟନକୁ ହ୍ରାସ ପାଇଥିଲା। ଯାହାକି ୨୦୧୦-୧୧ରେ ଥିଲା ୨୨୨ ମେଟ୍ରିକଟନ। ତେବେ ଏହା ୨୦୧୨-୧୩ ରେ ପୁଣି ବୃଦ୍ଧିପାଇ ୨୬୪ ହଜାର ମେଟ୍ରିକଟନ ହୋଇଥିଲା। ମତ୍ସ୍ୟସଂପଦ ଉତ୍ପାଦନ ବୃଦ୍ଧିପାଇ ୨-୦୧୧-୧୨ର ୩୫୧ ହଜାର ମେଟ୍ରିକଟନ ରୁ ୨୦୧୨-୧୩ ରେ ୪୩୪ ହଜାର ମେଟ୍ରିକ ଟନ ହୋଇଥିଲା। ତୁଳା ଓ ଝୋଟ ଓଡିଶାର ମୁଖ୍ୟ ତନ୍ତୁ ଜାତୀୟ ଶସ୍ୟ। ତୁଳାର ଉତ୍ପାଦନ ୨୦୧୨-୧୩ର ୩୩୬ ହଜାର ବେଲ୍ସକୁ ବୃଦ୍ଧି ଝୋଟ ଉତ୍ପାଦନ ୦୬ ହଜାର ବେଲ୍ସରୁ ୦୩ ହଜାର ବେଲ୍ସକୁ ଖସି ଆସିଛି। କେବିକେ ଜିଲ୍ଲାଗୁଡିକରେ, ତୁଳା ହେଉଛି ଖରିଫ ଋତୁର ମୁଖ୍ୟ ବ୍ୟବାହସାୟିକ ଶସ୍ୟ। ଅନ୍ୟ ଶସ୍ୟଗୁଡିକ ମଧ୍ୟରେ ଆଳୁ, ଲଙ୍କା, ଅଦା ଓ ଆଖୁ ଅନ୍ତର୍ଭୁକ୍ତ। ଚାହିଦା ତୁଳନାରେ ଆଳୁର ଉତ୍ପାଦନ ନଗଣ୍ୟ। ଆଳୁଭଳି, ଆଖୁ ମୁଖ୍ୟତଃ କଟକ, ସମ୍ବଲପୁର, ବଲାଙ୍ଗିର, କଳାହାନ୍ଡି ଓ ପୁରୀଜିଲ୍ଲାରେ ଚାଷ ହୋଇଥାଏ। ଆଖୁ ଅମଳ ହେଉଥବା ଜମି ଖୁବ କମ୍, ଏହା ସମୁଦାୟ ଅମଲ କ୍ଷେତ୍ରର ଏକ ଭାଗରୁ ବି କମ୍। ୨୦୧୨-୧୩ ରେ ୧୪.୫୩ ହଜରା ହେକ୍ଟରରେ ଆଖୁଚାଷ କରାଯାଇ ୯୫୨ ଜହରା ମେଟ୍ରିକଟନ ଆଖୁ ଉତ୍ପାଦନ କରାଯାଇଥିଲା। ଓଡିଶାରେ ଖାଦ୍ୟଶସ୍ୟ ଉତ୍ପାଦନ ହାର ଅନ୍ୟ ରାଜ୍ୟ ଏବଂ ଜାତୀୟ ସ୍ତରରେ ହାର ତୁଳନାରେ କମ୍। ତେଣୁ ମୁଖ୍ୟ ଶସ୍ୟଗୁଡିକର ଉତ୍ପାଦନ ହାର ବୃଦ୍ଧି ଦିଗରେ ବ୍ୟାପକ ବ୍ୟବସ୍ଥିତ ଫଳପ୍ରଦ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଖାଦ୍ୟ ଓ ଅନ୍ୟାନ୍ୟ ଚାଷ ଉତ୍ପାଦନର ଚାହିଦା ବୃଦ୍ଧିର ସମ୍ମୁଖୀନ ହେବା ପାଇଁ ତିନୋଟି ମୁଖ୍ୟ ମାଧ୍ୟମ ରହିଛୀ। ଯେମିତିକି ପ୍ରଥମ ହେଉଛି ଚାଷଜମିର ବିସ୍ତାର କରିବା, ଦ୍ୱିତୀୟ ଉପଲବ୍ଧ ଚାଷଜମିର ଚାଷ ବଢାଇବା ଏବଂ ତୃତୀୟ ହେକ୍ଟର ପିଛା ଉତ୍ପାଦନ କ୍ଷମତା ବଢାଇବା। ଚାଷଜମିରେ ଚାଷକାର୍ଯ୍ୟ ବଢାଇବା ଅର୍ଥ ଗୋଟିଏ କୃଷିବର୍ଷରେ ସେହି ଚାଷଜମିରେ ବିଭିନ୍ନ ପ୍ରକାରର ଚାଷ କରିବା। ଏହି ଶୈଳୀକୁ ସଫଳ କରିବାରେ ଆମ ଦେଶରେ ପଞ୍ଜାବ ପ୍ରଥମ, ଏହା ପଛକୁ ଅଛି ପଶ୍ଚିମବଙ୍ଗ, ହରିୟାନା ଏବଂ ହିମାଚଳ ପ୍ରଦେଶ, ଓଡିଶାରେ କୃଷି ଜଳବାୟୁ ପରିସ୍ଥିତି ବିଭିନ୍ନ ପ୍ରାକରର ପନିପରିବା, ଫଳ ମସଲା ଉତ୍ପାଦନର ସହାୟକ। କେବିକେ ଜିଲ୍ଲା ଗଜପତି, କନ୍ଧମାଳ, କେଉଁଝର ଏବଂ ଅନ୍ୟ ଜିଲ୍ଲାଗୁଡିକ ଫଳଚାଷ କାର୍ଯ୍ୟ କରି ଆସୁଛନ୍ତି। ଅନ୍ୟାନ୍ୟ ଫଳ ମଧ୍ୟରେ ଆମ୍ବ, ନଡିଆ, କାଜୁ, ସପେଟା, ପଣସ, କମଳା ଓ ଲିଚୁ ମୁଖ୍ୟ। ଓଡିଶା ପନିପରିବା ଉତ୍ପାଦନରେ ଚତୁର୍ଥ ସ୍ଥାନରେ ରହିଛୀ। ଫଳଉତ୍ପାଦନରେ ବି ଓଡିଶାର ସ୍ଥାନ ଚତୁର୍ଥ। ଭାରତର ମସଲା ଉତ୍ପାଦନର ଶତକଡା ୪ ଭାଗ ଓଡିଶାର ଅବଦାନ। ଅଦା ଓ ହଳଦୀର ଉତ୍ପାଦନ ଆଖିଦୃଶିଆ ଭାବେ ବୃଦ୍ଧି ପାଇଛି। ଓଡିଶା ମଧ୍ୟ ଭାରତର ସମୁଦାୟ ଫୁଲ ଉତ୍ପାଦନର ୩ ଭାଗ ଦେଇଥାଏ। ଗୋଲାପ, ଗେଣ୍ଡୁ ଓ ରଜନୀଗନ୍ଧା ଓଡିଶାରେ ଉତ୍ପାଦିତ ମୁଖ୍ୟ ଫୁଲ।

## ୧.୨.୩ କୃଷିଭିତ୍ତିକ

ଚାଷ ଉତ୍ପାଦନରେ ବୃଦ୍ଧି ବିହନ, ଜଳସେଚନ, ସାର କୀଟସାଶକ, ଜମିର ଆକର, ଋଣ ଓ ବିହନର ବ୍ୟବହାର ଆଦି ବିଭିନ୍ନ ଆନୁଷଙ୍ଗିକ ଧାରା ଉପରେ ନିର୍ଭରଶୀଳ। କୃଷିଭିତ୍ତିକ ଉତ୍ପାଦନ ଓ ଉତ୍ପାଦନ ହାର ବଢ଼ାଇବାରେ ବିହନର ମାନ, ସର୍ବଦା ଗୁରୁତ୍ୱପୂର୍ଣ୍ଣ। ୨୦୧୩୧୪ରେ ୬-୪୦ ଲକ୍ଷ କ୍ୱିଣ୍ଟାଲ ବିଭିନ୍ନ କିସମର ବିହନ ବିସ୍ମିତ କରିଥିଲା। ବିହନ ବଦଳ ହାର ଓଡିଶାରେ ବହୁତ କମ୍। ଏହା ପାରମ୍ପରିକ ଚାଷ ଅଭ୍ୟାସ ସୂଚାଏ, ଯାହା ଉପରେ କୃଷକମାନେ ନିର୍ଭର କରନ୍ତି। କୃଷିଭିତ୍ତିକ ଉତ୍ପାଦନ ବୃଦ୍ଧିରେ ଜଳସେଚନ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଚାରା ରୋପଣଠାରୁ, ଶସ୍ୟ ଅମଳ ପର୍ଯ୍ୟନ୍ତ ପ୍ରତିକ୍ଷେତ୍ରରେ ଏହାର ଭୂମିକା, ଉତ୍ପାଦନ ବୃଦ୍ଧି ଦିଗରେ ସହାୟକ ହୋଇଥାଏ। ରାଜ୍ୟରେ ୬୪.୦୯ ଲକ୍ଷ ହେକ୍ଟର ଜଳସେଚିତ ଜମି ଅଛି। ଆକଳନ କରାଯାଇଛି ଯେ ୪୯.୯୦ ଲକ୍ଷ ହେକ୍ଟର ଜମି, କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜଳସେଚିତ କରାଯାଇପାରିବ। ୨୦୧୨-୧୩ ଶେଷସୁଦ୍ଧା ପ୍ରାୟ ୪୭.୦୪ ଲକ୍ଷ ହେକ୍ଟର ସମୁଦାୟ ଚାଷ ସାମର୍ଥ୍ୟ ସୃଷ୍ଟି କରାଯାଇ ପ୍ରାୟ ୭୨ % ବ୍ୟବହୃତ ହୋଇପାରିଛି। ରାଜ୍ୟରେ ଜଳସେଚନ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ ୨୦୦୫-୦୬ରେ ପଦକ୍ଷେପ ନିଆଯାଇଥିଲା, ଯେଉଁଥିରେ କି ୨୦୧୪ ସୁଦ୍ଧା ପ୍ରତ୍ୟେକ ବ୍ଲକର ଚାଷୋପେଯାଗୀ ଜମିର ଅନ୍ତତଃ ୩୫% ଜଳସେଚିତ କରିବାର ବ୍ୟବସ୍ଥାଥିଲା। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲକ୍ଷ୍ୟ ପୂରଣ ପାଇଁ ନୂଆ ଯୋଜନା ସବୁ ଯେମିତିକି ବନ୍ଧ ନିର୍ମାଣ, ନଳକୂପ ଖନନ, ବୃହତ୍ ଉପଜଳସେଚନ ପ୍ରକଳ୍ପ ଆଦି କରାଯାଇଥିଲା। ରାଜ୍ୟରେ ଆରମ୍ଭ ହୋଇଥିବା 'ଜଳନିଧି' କାର୍ଯ୍ୟକ୍ରମ ଚାଷୀମାନଙ୍କୁ ଜଳସେଚନର ସୁବିଧା ସୁଯୋଗ ପ୍ରଦାନ ସହ ଏ ସଂକ୍ରାନ୍ତରେ ଉତ୍ସାହିତ କରିଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ନାବାର୍ଡ ସହାୟତାରେ ରାଜ୍ୟସରକାର ଚାଷୀମାନଙ୍କୁ ଆର୍ଥିକ ରିହାତି ମଧ୍ୟ ପ୍ରଦାନ କରିଥିଲେ, ନଳକୂପ ଖନନ, ନଳକୂପ ବସାଇବା, ନଦୀଜଳ / ଭୂପୃଷ୍ଠଜଳ ପ୍ରକଳ୍ପ ଜରିଆରେ, ଜଳସେଚନ ବ୍ୟବସ୍ଥା କରିବା ଆଦି ବିଭିନ୍ନ ପ୍ରକାରର ଜଳସେଚନ ଭିତ୍ତିକ କାର୍ଯ୍ୟ ପାଇଁ ସରକାର ୫୦% ପର୍ଯ୍ୟନ୍ତ ରିହାତି ଦେଇଥାନ୍ତି। ବୃହତ ଜଳସେଚନ ଯୋଜନା ୨୦୧୧-୧୨ରେ ଆରମ୍ଭ ହୋଇଥିଲା, ଯାହାକି ନଦୀରୁ ଜଳ ଉଠାଯାଇ ଚାଷଜମିକୁ ଯୋଗାଇବାର ବ୍ୟବସ୍ତା ଭତ୍ତିକ ଥିଲା। ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ ବି ଜଳସେଚନକୁ ଗୁରୁତ୍ୱ ଦିଆଯାଇଥିଲା, ଯାହାର ସୁଫଳ ରାଜ୍ୟ ସରକାର ନେବା ସହ ଜଳସେଚନ ବ୍ୟବସ୍ଥାକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ଯଥାସମ୍ଭବ ପଦକ୍ଷେପ ଗ୍ରହଣ କରିଛନ୍ତି।

- **ସାର ଓ କୀଟନାଶକ :** କୃଷିକ୍ଷେତ୍ରର ବିକାଶରେ ରାସାୟନିକ ସାରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ନିୟମିତ ସାରର ବ୍ୟବହାରର ଆବଶ୍ୟକତା ରହିଛି। ୨୦୧୨-୧୩ ଶେହ ସୁଦ୍ଧା ରାଜ୍ୟରେ ହେକ୍ଟର ପିଚ୍ଛା ସାରର ବ୍ୟବହାର ୫୮ରୁ ୬୪ କିଲୋଗ୍ରାମ ଥିଲା। କୀଟନାଶକ ପ୍ରୟୋଗ ୨୦୧୧-୧୨ ରେ ହେକ୍ଟର ପିଛା ୧୪୮ ଗ୍ରାମ ଥିବାବେଳେ ଏହା ସାମାନ୍ୟ ବୃଦ୍ଧି ପାଇ ୨୦୧୨-୧୩ ରେ ୧୫୮ ଗ୍ରାମ ହୋଇଥିଲା।
- **ଭୂବନ୍ଦୋବସ୍ତ :** ଭୂବନ୍ଦୋବସ୍ତ ବ୍ୟବସ୍ଥା ଉତ୍ପାଦନ ବୃଦ୍ଧି ସହ ସମାଜର ସାମାଜିକ - ଆର୍ଥିକ ସ୍ଥିତି ସୁଧାରିବାରେ ସହାୟକ ହୋଇଥାଏ। ନାମମାତ୍ର, କ୍ଷୁଦ୍ର, ଅର୍ଦ୍ଧମଧ୍ୟମ, ମଧ୍ୟମ ଏବଂ ବଡ ଆଦି ବିଭାଗରେ ଜମିର ଉପଲବ୍ଧକୁ ନେଇ ବଣ୍ଟାଯାଇଥାଏ। ଏହି ଭୂବନ୍ଦୋବସ୍ତ ବ୍ୟବସ୍ଥା ଫଳରେ ଜମିର ବ୍ୟବହାର ବୃଦ୍ଧି

ହୋଇଥାଏ ହେଲେ ଏହାର କ୍ଷୟ ହୋଇନ ଥାଏ, ତେବେ ଭୁବନ୍ଦୋବସ୍ତ ଅଧିନରେ ଥିବା ଜମି ହ୍ରାସ ପାଉଛି । ଏହାକୁ ଅଧିକ ବ୍ୟବସ୍ଥିତ ଢଙ୍ଗରେ କରାଯିବା ଆବଶ୍ୟକ ।

- **ଋଣ :** ଏହା ଏକ ଜଟିଳ ଅଣ-ଭୁମି ସହଯୋଗ ଯାହାର କି ଦୁଇଟି ଦିଗରୁ ଏହାର ଅବଦାନକୁ ବିଚାର କରଯାଇପାରେ । ପ୍ରଥମଟି ଏହାର ଉପଲବ୍ଧତା ଓ ଦ୍ୱିତୀୟରଣ ବଣ୍ଟନ । କୃଷିକ୍ଷେତ୍ରର ବିକାଶ ପାଇଁ ଋଣର ଭୂମିକା ଅବଶ୍ୟ ଅପରିହାର୍ଯ୍ୟ ।
- **କାର୍ଯ୍ୟକାରିତା :** ଚାଷୀମାନଙ୍କର କୃଷିଯନ୍ତ୍ରପାତି ଓ କୃଷି ଉତ୍ପାଦନ ବୃଦ୍ଧି ନେଇ ଆବଶ୍ୟକ ସହଯୋଗ ପାଇଁ ରିହାତି ହାରରେ ଋଣ ଯୋଗାଇବା ବ୍ୟବସ୍ଥା କାର୍ଯ୍ୟକାରୀ କରିବା । ଏହି ସାହାଯ୍ୟ ସାମଗ୍ରୀକ ଭାବେ କୃଷିକ୍ଷେକ୍ଷତ୍ରରେ ବିକାଶରେ ସହାୟକ ହୋଇଥାଏ ।

## ୧.୨.୪ ବିକାଶ ପାଇଁ ନୀତି ଓ ସହଯୋଗ

ରାଜ୍ୟରେ କୃଷିକ୍ଷେତ୍ରର ବିକାଶ ପାଇଁ ବିଭିନ୍ନ ନିତି ଓ କାର୍ଯ୍ୟକ୍ରମ କରାଯାଇଛି - ଓଡିଶା ରାଜ୍ୟ କୃଷିନୀତି ୨୦୦୩ - ରାଜ୍ୟକୃଷିନିତି ୨୦୦୮ ଠାରୁ ଭିନ୍ନ ଓଡିଶା ରାଜ୍ୟ କୃଷିନୀତି ୨୦୧୩ ଘରୋଇ ଉପଜଳସେଚନ ଓ କୃଷ ଉଦ୍ୟୋଗର ବିକାଶକୁ ପ୍ରାଧାନ୍ୟ ପ୍ରଦାନ କରେ । କୃଷିଯନ୍ତ୍ରପାତି ର ଅତ୍ୟାଧୁନିକ ଜ୍ଞାନ କୌଶଳ କୃଷିକ୍ଷେତ୍ରରେ ବିନିଯୋଗ ହେଉଛି । ଓଡିଶା ପବନକଳର ସବୁଠାରୁ ବଡ ଗ୍ରାହକ । ଏହି କୃଷିନୀତି ଚାଷୀମାନଙ୍କର ନୂଆପିଢିକୁ ନୂତନ ଶତାବ୍ଦୀରେ କୃଷି ସମ୍ମୁଖୀନ ହେବାକୁ ଥିବା ଯେ କୌଣସି ସମସ୍ୟାକୁ ସାହସାର ସହ ମୁକାବିଲା ପାଇଁ ଉତ୍ସାହିତ କରେ । ବିଶେଷକରି କୃଷି ଉତ୍ପାଦନରେ ହ୍ରସ, ଲଭର ପରିମାଣ ହ୍ରାସ, ଅଣକୃଷିକ୍ଷେତ୍ର ପ୍ରତି ଆଗ୍ରହ ବୃଦ୍ଧି ଆଦି କାରଣ ଚିନ୍ତାର ବିଷୟ, ରାଜ୍ୟ କୃଷିନୀତି ୨୦୧୩ କୃଷିକ୍ଷେତ୍ରର ସାମଗ୍ରିକ ବିକାଶ ଲକ୍ଷ୍ୟରେ ମୃତ୍ତିକାର ଉର୍ବରତା ପରୀକ୍ଷା ସମେତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଦକ୍ଷତା ବିକାଶ, ଉଦ୍ୟାନ ମତ୍ସ୍ୟ ସଂପଦ, ପଶୁସଂପଦ, ଜଳସଂପଦ ବିଭାଗ ସହଯୋଗରେ କୃଷିର ବିବିଧ ଦିଗ, ଅମଳପରବର୍ତ୍ତୀ ପରିଚାଳନା, କୃଷିଉଦ୍ୟୋଗ, କୃଷି ପ୍ରକ୍ରିୟାକରଣ, ଋଣ ଓ ବ୍ୟବସାୟକୁ ଗୁରୁତ୍ୱ ପ୍ରଦାନ କରେ ।

- କୃଷିର ବ୍ୟାପକ ପରିଚାଳନା : କେନ୍ଦ୍ର ସରକାର ୨୦୦୧-୦୨ରେ ଆରମ୍ଭ କରିଥିବା ଏହି ବ୍ୟବସ୍ଥା କାର୍ଯ୍ୟଯୋଜନା ଭାବେ ପରିଚିତ ଯାହାକି, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୯୦-୧୦ ପାଣ୍ଠି ହାରରେ କାର୍ଯ୍ୟରତ, ବୈଷୟିକ ଜ୍ଞାନରେ ଏହା ବିଭିନ୍ନ ଶସ୍ୟର ମାନବୃଦ୍ଧି ଦିଗରେ କାର୍ଯ୍ୟ କରେ । ୨୦୧୨-୧୩ ବାର୍ଷିକ ଯୋଜାନରେ ଏହା ତିନୋଟି ମୁଖ୍ୟ ଶସ୍ୟ ଚାଉଳ, ମାଣ୍ଡିଆ ଏବଂ ଆଖୁ ବୈଷୟିକ ଜ୍ଞାନକୌଶଳ ଜରିଆରେ ଅଭିବୃଦ୍ଧି କରିବାର ଲକ୍ଷ୍ୟ ରଖିଥିଲା । ବୈଷୟିକ ଜ୍ଞାନକୌଶଳର ପ୍ରଦର୍ଶନ ଏବଂ କୃଷକ କୃଷିକ୍ଷେତ୍ର ବିଦ୍ୟାଳୟ (FFS) ର ପ୍ରଦର୍ଶନକୁ ଏହା ଗୁରୁତ୍ୱ ଦେଇଥାଏ । ସେହିପରି ଚାଉଳର ବ୍ୟବସ୍ଥିତ ପ୍ୟାକେଜ (SRI) ର ପ୍ରଦର୍ଶନ ମଧ୍ୟ କରାଯାଇଥିଲା । ଚାଷୀମାନଙ୍କୁ ଉତ୍ସାହତ କରିବ ପାଇଁ ନୂଆ HYV ଧାନ ସମେତ ଉନ୍ନତମାନର ଅନୁମୋଦିତ ଧାନ, ସେମାନଙ୍କୁ ରିହାତି ଦରରେ ପ୍ରଦାନ କରାଯାଇଥିଲା । ଚାଷଜମିରେ ମାଣ୍ଡିଆ ପ୍ରଦର୍ଶିତ ହୋଇ ଚାଷୀମାନଙ୍କ ଅବଗତ କରାଯିବା ସହ ଉନ୍ନତମାନର ଜ୍ଞାନ କୌଶଳର ବ୍ୟବହାର ଉପରେ ବୁଝାଇ ଦିଆଯାଇଥିଲା । ଆଖୁର ଉତ୍ପାଦନ ବୃଦ୍ଧି ପାଇଁ ମଧ ଚାଷୀମାନଙ୍କୁ ଅବଗତ କରାଯାଇ

କିଭଳି ସାର, କୀଟନାଶକ ପ୍ରୟୋଗ ସହ ଆଖୁଚାଷରେ ଉନ୍ନତିପାଇଁ ଉନ୍ନତମାନର ପ୍ରଣାଳି ଅବଲମ୍ବନ କରାଯାଇପାରିବ, ତାହା ସେମାନଙ୍କ ଚାଷଜମିରେ ପ୍ରଦର୍ଶନ ସହ ବୁଝାଇଦିଆଯାଇଥିଲା । ସେହିଭଳି ୨୦୦୪-୦୫ ରେ କେନ୍ଦ୍ରୀୟ ସହାୟତାରେ ତୈଳବୀଜ, ଡାଲି, ତେଲ, ତାଳ ଓ ମକା ଚାଷର ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ୭୫-୨୫ ପାଣ୍ଠି ସହଯୋଗରେ ଆରମ୍ଭ ହୋଇଥିଲା । ଉନ୍ନତମାନର ବାଦାମ, ସୋରିଷ ରାଶି ଏବଂ ଅଦା ରିହାତି ଦରରେ ଚାଷୀମାନଙ୍କୁ ରିହାତି ଦିଆଯାଇଥିଲା । ସେହିଭଳି ତୈଳବୀଜ ଉତ୍ପାଦନ ବୃଦ୍ଧି ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରାଯିବା ସହ ରିହାତି ପ୍ରଦାନ କରାଯାଇଥିଲା । ମକା ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ISOPOM କେନ୍ଦ୍ରୀୟ ଯୋଜନା ସହାୟତାରେ ବ୍ୟାପକ ବ୍ୟବସ୍ଥା ସହ ଓଡିଶାରେ ଡାଲି ଓ ତାଳ ଭିନ୍ନୟନ ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି ।

- ବ୍ୟବସ୍ଥିତ କପା ଉନ୍ନୟନ କାର୍ଯ୍ୟକ୍ରମ (ICDS) : କରିଫଋତୁରେ କେବିକେ ଜିଲ୍ଲାଗୁଡିକରେ ମୁଖ୍ୟତଃ କପାଚାଷ ହୁଏ । କପାଚାଷ ରାଜ୍ୟର ବଲାଙ୍ଗିର, କଳାହାଣ୍ଡି, ଗଞ୍ଜାମ ଓ ରାୟଗଡା ଜିଲ୍ଲାରେ ବୃଦ୍ଧି ପାଉଛି । ୨୦୧୨-୧୩ ରେ ଉନ୍ନତ ଜମି ସଂପ୍ରସାରଣ, ଶଙ୍କରବିହନ, ଚାଷିତାଲିକା ଓ IPM କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଥିଲା । ୨୦୧୨-୧୨ରେ ଏକଶହ ଚାଷୀ କୃଷି ବିଦ୍ୟାଳୟ FFS ଓ ୧୦୩୨ ଆଗୁଆ ପ୍ରଦର୍ଶନ FLDS ଭଳି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇ ଚାଷୀମାନଙ୍କୁ ତାଲିମଦେବା ସହ ଉନ୍ନତମାନର ଜ୍ଞାନକୌଶଳ ବ୍ୟବହାର ବିଷୟ ବୁଝାଇ ଦିଆଯାଇଥିଲା ।

- ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା RKVY : ଏହି ଯୋଜନା ଭାରତ ସରକାରଙ୍କ ଦ୍ୱାରା ୨୦୦୭-୦୮ରେ ଆରମ୍ଭ ହୋଇଥିଲା, ଯାହାକି କୃଷି ଓ କୃଷିଭିତ୍ତିକ ବିବିଧ କାର୍ଯ୍ୟର ଶତକଡା ୪ ଭାଗ ବିକାଶ ଉଦ୍ଦେଶ୍ୟ ଅଭିପ୍ରେତ ଥିଲା । ଆଞ୍ଚଳିକ ଭିତ୍ତିରେ କୃଷି ଓ କୃଷି ସଂଯୁକ୍ତ କ୍ଷେତ୍ରଗୁଡିକରେ ବିକାଶରେ ଏହାର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ୨୦୧୧-୧୨ରେ ରଷ୍ଟ୍ରୀୟ କୃଷି ବିକାଶ ଯୋଜନା ସହ ନୂଆ ଯୋଜନା ଯଥା - ପୂର୍ବ ଭାରତରେ ସବୁଜ ବିପ୍ଳବ ଆଣିବା, ଡାଲି ଜାତୀୟ ଶସ୍ୟ, ତୈଳ, ତାଳ, ପନିପରିବାର ବିକାଶ ପାଇଁ ରାଜ୍ୟଗୁଡିକରେ ଆରମ୍ଭ କରାଯାଇ ଦ୍ୱାଦଶ ଯୋଜନାରେ କୃଷି ଓ କୃଷି ସଂଯୁକ୍ତ କ୍ଷେତ୍ରଗୁଡିକରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା ।

- ବିଜୁ କୃଷକ କଲ୍ୟାଣ ଯୋଜନା BKSY : ବିଜୁ କୃଷକ କଲ୍ୟାଣ ଯୋଜନା, ରାଜ୍ୟ ସରକାରଙ୍କ ଏକ ଅଭିନବ ଯୋଜନା, ଯାହାକି କୃଷକ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରଦାନ ପାଇଁ ଏକ ବୀମା ବ୍ୟବସ୍ଥା । ଏକ ଜନମଙ୍ଗଳକାରୀ ରାଜ୍ୟର ପ୍ରତିଶ୍ରୁତି ମୁତାବକ ଏହା କୃଷକଙ୍କୁ ଆର୍ଥିକ ସହାୟତା ଦେବା ସହ ଦୁର୍ଘଟଣା ଓ ସ୍ୱାସ୍ଥ୍ୟଜନିତ  କାରଣରୁ କୃଷକ ଯୋଉଭଳି ନିଜକୁ ଅସହାୟ ନ ମନେ କରେ ସେଦିଗରେ ପଦକ୍ଷେପ ନେଇଥାଏ । ରାଜ୍ୟରେ ଚାଷକୁ ଉତ୍ସାହିତ କରିବାରେ ସରକାରଙ୍କ ଏହି ଯୋଜନା ଫଳପ୍ରଦ ସାବ୍ୟସ୍ତ ହୋଇଛି । ରାଜ୍ୟସରକାର ଏହି ଯୋଜନାରେ ପୁଞ୍ଜି ନିବେଶ କରି ଏହାର ଏକ ଅଂଶଧନ ରାଜ୍ୟର ବିଭିନ୍ନ ୩୩/୧୧ କେଭି ସବ୍ଷ୍ଟେସନ ସ୍ଥାପନ କରି କୃଷକ ଏବଂ କୃଷି ସଂଯୁକ୍ତ କ୍ଷେତ୍ରର ବିକାଶରେ ସହଯୋଗର ହାତ ବଢାଇଛନ୍ତି ।

- କୃଷକମାନଙ୍କୁ ମାଗଣା ମୋବାଇଲ : ରାଜ୍ୟ ସରକାର ଡିଜିଟାଲ ବଜାର ଯୋଜନା ଆରମ୍ଭ କରିଥିବାରୁ ଚାଷୀମାନେ କିଭଳି କୃଷି ସମ୍ବନ୍ଧୀୟ ସମସ୍ତ ସୂଚନା ସହଜରେ ପାଇପାରିବେ, ସେଥିପାଇଁ ସେମାନଙ୍କୁ ମାଗଣାରେ ମୋବାଇଲ ଦେବାର ବ୍ୟବସ୍ଥା କରିଛନ୍ତି । କିଷାନ କ୍ରେଡିଟ କାର୍ଡ ଥିବା ଚାଷୀମାନେ ଏହି ଯୋଜନାର ଅନ୍ତର୍ଭୁକ୍ତ । ଜିଲ୍ଲାପାଳଙ୍କ ଅଧକ୍ଷତାରେ ଗଠିତ ଜିଲ୍ଲାସ୍ତରୀୟ କମିଟି ସେମାନଙ୍କ ଆବେଦନକୁ ବିଚାର କରି ଯୋଗ୍ୟ ବିବେଚିତ କୃଷକମାନଙ୍କର ତାଲିକା କରିଥାନ୍ତି । ଏହି ତାଲିକା ଆଧାରରେ ଚାଷୀମାନଙ୍କୁ ସରକାରଙ୍କ ତରଫରୁ ମାଗଣାରେ ମୋବାଇଲ ଫୋନ୍ ଯୋଗାଇ ଦିଆଯାଏ ।

- କୃଷିଭିତ୍ତିକ ଉନ୍ନତି ଓ ନିବେଶ କର୍ପରେସନ ଲିମିଟେଡ (APICOL) : ଆପିକଲ ୧୯୯୬ରେ ପ୍ରତିଷ୍ଠା କରାଯାଇଥିଲା । ରାଜ୍ୟରେ କୃଷି ଉଦେ୍ୟାଗ, କୃଷି ଉଦ୍ୟୋଗ ସାମଗ୍ରୀର ବ୍ୟବସାୟିକରଣ, ଖାଦ୍ୟ ପ୍ରକ୍ରିୟାକରଣକୁ ଏହା ପ୍ରୋତ୍ସାହନ ଦେଇଥାଏ । ଏହା ରାଜ୍ୟର ନୋଡାଲ ସଂସ୍ଥା ଭାବେ କାର୍ଯ୍ୟକରି ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣର କେନ୍ଦ୍ରୀୟ ଯୋଜନା ସବୁ କାର୍ଯ୍ୟକାରି କରିବାରେ ସହଯୋଗ କରିଥାଏ । ଏ କ୍ଷେତ୍ରରେ ପୁଞ୍ଜିନିବେଶ ଓ ନୂଆ ସୁଯୋଗ ସୃଷ୍ଟି କରିବାରେ ମଧ ଭୂମିକା ନିର୍ବାହ କରିଥାଏ । କୃଷି ଖାଦ୍ୟ ସାମଗ୍ରୀ ବଜାର ତିଆରି କେି ଏହାର ଘରୋଇ ଓ ରପ୍ତାନିଭିତ୍ତିକ ବ୍ୟବସାୟକୁ ଉତ୍ସାହିତ କରେ । କ୍ଷୁଦ୍ରଚାଷୀମାନଙ୍କ ପାଇଁ ଆପିକଲ ଏକ ରାଜ୍ୟସଂସ୍ଥା ଭାବେ ମଧ କାର୍ଯ୍ୟ କରେ । ଏହା ଫୁଲ, ଫଳ, ଔଷଧୀୟ ଚାରା ଆଦି ଚାଷ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥାଏ । କୃଷି ଏବଂ କୃଷି ସଂଯୁକ୍ତ କ୍ଷେତ୍ରରେ ସାମଗ୍ରିକ ବିକାଶ ପାଇଁ ଆପିକଲ ସର୍ବଦା ପ୍ରୋତ୍ସାହନ ପ୍ରଦାନ କରେ ।

- ଓଡିଶାକୃଷି ଉଦ୍ୟୋଗ କର୍ପୋରେସନ (OAIC) : ଓଡିଶା କୃଷି ଉଦେ୍ୟାଗ କର୍ପୋରେସନର ଆଭିମୁଖ୍ୟ, ଜିଲ୍ଲା ଓ ଉପଜିଲ୍ଲା ସ୍ତରରେ ବିବିଧ କୃଷିଜାତ ସାମଗ୍ରୀ ଓ ଯନ୍ତ୍ରପାତିର ବ୍ୟବସାୟ । ଏହା ମଧ ନଳକୂପ, କୂପଖନନ ଓ ଜଳସେଚନ କାର୍ଯ୍ୟରେ ବ୍ୟକ୍ତିବିଶେଷ ଓ ଗୋଷ୍ଠୀଙ୍କୁ ସହାୟତା ଦିଏ । ଏହା ଚାଷୀମାନଙ୍କୁ ସାର, କୀଟନାଶକ, ଗୋଖାଦ୍ୟ, କୁକୁଡାଖାଦ୍ୟ ମଧ ଦେଇଥାଏ ।

- କ୍ଷୁଦ୍ରଜଳସେଚନ କାର୍ଯ୍ୟକ୍ରମ : କ୍ଷୁଦ୍ର ଜଳସେଚନ କାର୍ଯ୍ୟକ୍ରମ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା CSP, ଯାହାକି ୨୦୦୬-୦୭ରୁ ଆରମ୍ଭ ହୋଇ ଅଦ୍ୟାବଧି ୪୦:୩୦:୪୦ (କେନ୍ଦ୍ର-ରାଜ୍ୟ-ଉପଭୋକ୍ତା) ପାଣ୍ଠି ବ୍ୟବସ୍ଥାରେ କାର୍ଯ୍ୟରତ । ଫଳଚାଷ ପାଇଁ ଜଳସିଞ୍ଚନ ଓ ଜଳସେଚନ ବ୍ୟବସ୍ଥାରେ ଏହା ଆର୍ଥିକ ରିହାତି ଦେଇଥାଏ । ନାବାର୍ଡ ସହାୟତାରେ ଚାଷୀମାନେ କ୍ଷୁଦ୍ର ନଳକୂପ, ମଧମ ନଳକୂପ, କୂପ, କୂପଖନନ, ନଦୀ ଜଳସେଚନ, ଆଦି ବ୍ୟାପକ ଜଳସେଚନ କାର୍ଯ୍ୟରେ ଉପକୃତ ହୋଇଥାନ୍ତି ।

- ଜଳବିଭାଜନ ଅଭିଯାନ : ରାଜ୍ୟ ସରକାର ଜଳବିଭାଜନ ଅଭିଯାନ ଆରମ୍ଭ କରିଛନ୍ତି, ଯାହାକି ମୃତ୍ତିକା ଓ ଜଳ ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ । ଯେଉଁ ସବୁ ଅଞ୍ଚଳରେ ଜଳସେଚନ ସୁବିଧା ଅପେକ୍ଷାକୃତ ଆଶାଜନକ ନୁହେଁ ଏବଂ ମୃତ୍ତିକା ସାଧାରଣତଃ କ୍ଷୟପ୍ରାପ୍ତ ସେଠାରେ ଏହା କାର୍ଯ୍ୟକାରୀ କରାଯାଏ । ସ୍ଥାନୀୟ ଲୋକଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକୁ ତୃଣମୂଳସ୍ତରରେ ଆରମ୍ଭ କରାଯାଇଛି । ଜଳସେଚନ ଓ ମୃତ୍ତିକା ବ୍ୟବସ୍ଥାରେ ଉନ୍ନତିକରଣ ପାଇଁ ଏହା ସହ ଜୀବିକା (JEEBIKA) ଯୋଜନାକୁ ମଧ ସାମିଲ କରାଯାଇଛି ।

ସେହିଭଳି ସଂଯୋଜିତ ଅନାବାଦୀ ଜମି ବିକାଶ ଯୋଜନା, ପଶ୍ଚିମ ଓଡିଶାଗ୍ରାମ୍ୟ ଜୀବନଧାରା ପ୍ରକଳ୍ପକୁ ସଂଶୋଧନ କରାଯାଇ ଦୀର୍ଘସୂତ୍ରୀ ଯୋଜନା ଆଦି କରାଯାଉଛି । ଜାତୀୟ ଜଳ ବିଭାଜନ ବିକାଶ ପ୍ରକଳ୍ପ ବର୍ଷାଭାବ, ଦୁର୍ଭିକ୍ଷ ପ୍ରବଣ ଅଞ୍ଚଳରେ କରାଯିବା ସହ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇପାରେ । ଏହି ଯୋଜନା ରାଜ୍ୟର ୨୩ଟି ଜିଲ୍ଲାରେ ସମୁଦାୟ ୧୦୪୬ କ୍ଷୁଦ୍ର ଜଳବିଭାଜନ ପ୍ରକଳ୍ପ ଦ୍ୱାରା କାର୍ଯ୍ୟକାରି ହୋଇଛି ।

- ସଂଯୋଜିତ ଜଳବିଭାଜନ ପରିଚାଳନା କାର୍ଯ୍ୟକ୍ରମ (JWMP) : ଏହା ଏକ କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଯୋଜନା ଯାହା ୨୦୦୯-୧୦ରେ ଆରମ୍ଭ ହୋଇଥିଲା, ଯାହାର ପାଣ୍ଠି ଅନୁପାତ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୯୦:୧୦ । ଓଡିଶାରେ ଏହି ଯୋଜନା ୟୁନିଟ ବ୍ୟୟ ହେକ୍ଟର ପିଛା ୧୨ ହଜାର ଟଙ୍କା ହିସାବରେ ପୁରୀ, ଜଗତସିଂପୁର, କେନ୍ଦ୍ରାପଡା ଓ ଭଦ୍ରକ ଜିଲ୍ଲା ବ୍ୟତୀତ ଅବଶିଷ୍ଟ ୨୬ଟି ଜିଲ୍ଲାରେ କାର୍ଯ୍ୟକାରି କରାଯାଇଛି ।
- ଦୁର୍ଭିକ୍ଷ ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ (DPAP) : DPAP ରାଜ୍ୟର ୪୭ଟି ବିହ୍ନଟ ବ୍ଲକରେ ଲାଗୁ ହୋଇଛୀ । ଏହି ବ୍ଲକଗୁଡିକ ରାଜ୍ୟର ୮ଟି ଜିଲ୍ଲା ଯଥା ବଲାଙ୍ଗିର, ସମ୍ବଲପୁର, କଳାହାଣ୍ଡି, ନୂଆପଡା, ବରଗଡ, ବୌଦ୍ଧ, ଢେଙ୍କାନାଳ ଓ କନ୍ଧମାଳର ଅନ୍ତର୍ଭୁକ୍ତ । ଏହାର ପାଣ୍ଠି ଅନୁପାତ କେନ୍ଦ୍ର ଓ ରାଜ୍ୟ ସରକାର ମଧଯୟରେ ଯଥାକ୍ରମେ ୭୫:୨୫ ।
- ଓଡିଶାଗ୍ରାମୀ ଜୀବିକା କାର୍ଯ୍ୟକ୍ରମ (JEEBIKA) : ଏହା ଗ୍ରାମାଞ୍ଚଳରେ ଜୀବିକା ଯୋଗାଇ ଦେବାରେ ଏକ ଅତିରିକ୍ତ ଅଂଶ । ରାଜ୍ୟର ୬ଟି ଜିଲ୍ଲାରେ IWDP ଓ DPAP ଅଧିନରେ ଚାଲୁଥିବା ୪୬୦ଟି ଜଳବିଭାଜନ ପ୍ରକଳ୍ପଗୁଡିକ ମଧ୍ୟରେ ଏହା ଅନ୍ତର୍ଭୁକ୍ତ । ଏହାର ଆଭିମୁଖ୍ୟ, ଭୂମିହୀନ ଓ ନାମମାତ୍ର କୃଷିଜୀବିମାନଙ୍କୁ ଜଳବିଭାଜନ କାର୍ଯ୍ୟ ମାଧ୍ୟମରେ ଜୀବିକା ଯୋଗଇଦେବା ।
- ନଦୀଉପତ୍ୟକା ପ୍ରକଳ୍ପ (RVP) : ମାକ୍ରୋ ମ୍ୟାନେଜମେ ଅଫ୍ ଏଗ୍ରିକଲଚର (MMA) ଅଧିନରେ ନଦୀ ଉପତ୍ୟକା ପ୍ରକଳ୍ପ କାର୍ଯ୍ୟରତ । ଏହା ଏକ କେନ୍ଦୋୟ ଅନୁଦାନପ୍ରାପ୍ତ ଯୋଜନା । ଜଳବିଭାଜନ ପ୍ରକ୍ରିୟାରେ ଆନ୍ତଃରାଜ୍ୟ ଜଳଭଣ୍ଡାରର ବିବିଧ ଉପଯୋଗ, ଜମିର ଉନ୍ନତିକରଣ, ଜଳଗଛିତ ଥିବା ଅଞ୍ଚଳଗୁଡିକର ବିକାଶ ଆଦି ଏହି ଯୋଜନା ଅନ୍ତର୍ଭୁକ୍ତ । ହୀରାକୁଦ, ଦେବଗଡ ଓ କୋରାପୁଟ ଜିଲ୍ଲାର ଏହି ସବୁ ଜଳ ଗଚ୍ଛିତ ଅଞ୍ଚଳରେ ନଦୀ ଉପତ୍ୟକା ପ୍ରକଳ୍ପ RVP କାର୍ଯ୍ୟ କରୁଛି ।
- କେବିକେ ଜିଲ୍ଲାଗୁଡିକରେ RLTAP ଅଧିନରେ ଜଳବିଭାଜନ ବିକାଶ : ୨୦୦୮-୦୯ ରେ ୧୫୦ଟି କ୍ଷୁଦ୍ର ଜଳବିବାଜନ ପ୍ରକଳ୍ପ ସ୍ୱତନ୍ତ୍ର ଯୋଜନା କ୍ରମରେ କେବିକେ ଜିଲ୍ଲାଗୁଡିକରେ ଆରମ୍ଭ ହୋଇଥିଲା । ଏହି ସବୁ କ୍ଷୁଦ୍ରଜଳବିଭାଜନ ପ୍ରକଳ୍ପଗୁଡିକ ପଶ୍ଚିମ ଓଡିଶା ଗ୍ରାମୀଣ ଜୀବିକା କାର୍ଯ୍ୟକ୍ରମ (WORLD) ନିର୍ଦ୍ଦେଶାବଳୀ ଅନୁସାରେ କାର୍ଯ୍ୟକାରି କରାଯାଇ ହେକ୍ଟର ପିଛା ୯ ହଜାର ଟଙ୍କା ବ୍ୟୟ କରଯାଇଛି ।

- ଜାତୀୟ ଉଦ୍ୟାନ ଯୋଜନା (NHM) : ୨୦୦୫-୦୬ରେ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାକ୍ରମେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୧ଡିଶାର ୨୪ଟି ଜିଲ୍ଲାରେ କାର୍ଯ୍ୟରତ। ଏହି ଯୋଜନାର ମୁଖ୍ୟ ଆଭିମୁଖ୍ୟ, ଉଦ୍ୟାନଚାଷ ଯେପରିକି ଫଳ, ପନିପରିବା ଓ ଅନ୍ୟାନ୍ୟକୁ ଉତ୍ସାହିତ କରିବା। ଏହି ଯୋଜନା ମଧ୍ୟ ଅମଳ ପରବର୍ତ୍ତୀ କାର୍ଯ୍ୟ ଓ ଉଦ୍ୟାନଜାତୀୟ ଶସ୍ୟର ବିକ୍ରୟ ଆଦି ପାଇଁ ସହାୟତା ପ୍ରଦାନ କରେ। ଏହି ଯୋଜନା ଆମ୍ବ, ଲିଚୁ, କଦଳୀ ଆଦି ଫଳ, କାଜୁ, ଅଦା, ହଳଦୀ, ଗୁଆ ଓ ଫୁଲଚାଷ ପାଇଁ ପ୍ରୋତ୍ସାହନ ପ୍ରଦାନ କରେ। ମତ୍ସ୍ୟଚାଷ ପାଇଁ ଚାଷୀମାନଙ୍କୁ ଶତପ୍ରତିଶତ କେନ୍ଦ୍ରୀୟ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି, ଯାହାକି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୮୫:୧୫ ପାଣ୍ଠି ସହ ଯୋଗ ବୁଝାମଣା ଆଧାରିତ। ଦେଶରେ ଫଳ, ଫୁଲ, ମସଲା, ପନିପରିବା ଚାଷ ପ୍ରୋତ୍ସାହନ ପାଇଁ ଏହି ଯୋଜନା ଅଭିପ୍ରେତ।
- ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (NFSM) : ୨୦୦୭-୦୮ରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରାଯାଇ, ଚିହ୍ନଟ ହୋଇଥରବା ଜିଲ୍ଲାଗୁଡିକରେ ଚାଉଳ ଓ ଡାଲିର ଉତ୍ପାଦନ ବୃଦ୍ଧି ନେଇ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି କ୍ରମରେ ୨୦୧୦-୧୧ରେ ଜଳି କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ଏହା ସହ ଡାଲି ପାଇଁ ସ୍ୱତନ୍ତ୍ର ଭାବେ ରାଜ୍ୟ ତରଫରୁ ୨୦୧୧-୧୨ ରେ ବୌଦ୍ଧ, ମୟୂରଭଞ୍ଜ, ବରଗଡ, ଅନୁଗୁଳ ଓ କେଉଁଝର ଜିଲ୍ଲାରେ APPP କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ପରେ ୨୦୧୨-୧୩ ରେ ଆଉ ୧୫ଟି ଜିଲ୍ଲାକୁ ପ୍ରସାରିତ ହୋଇଥିଲା। ୨୦୧୨-୧୩ ରେ ଉଭୟ କାର୍ଯ୍ୟରେ ଚାଉଳ ଓ ଡାଲି ଉତ୍ପାଦନ ବୃଦ୍ଧି ନେଇ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରଯାଇଛି।

## ୧.୩ ପ୍ରାଣୀସଂପଦ / ପଶୁସଂପଦ

ଲୋକମାନଙ୍କର ଏକ ପ୍ରମୁଖ ଜୀବିକା ଭାବେ ପଶୁପାଳନର ଭୂମିକା ଅଛି। ଅସମୟରେ ଏହା ବୀମା ଭଳି କାର୍ଯ୍ୟକରେ। ଓଡିଶାର ଗ୍ରାମାଞ୍ଚଳରେ ପ୍ରାୟ ଶତକଡା ୮୦ ଭାଗ ପଶୁସଂପଦ ଉପରେ ନିର୍ଭର କରନ୍ତି, ଯାହାକି ସେମାନଙ୍କର ବାର୍ଷିକ ୩୦ ଭାଗ ଆୟକୁ ଭରଣ କରିବାରେ ସହାୟକ ହୋଇଥାଏ। ପଶୁସଂପଦର ଶତକଡା ୮୫ ଭାଗର ମାଲିକାନା ଭୁମିହୀନ, ନାମମାତ୍ର ଓ କ୍ଷୁଦ୍ର ଜମିଥିବା ପରିବାରବର୍ଗଙ୍କ ପାଖରେ ଥାଏ। ୨୦୦୭ରେ ଉତ୍ତରପ୍ରଦେଶରେ ସର୍ବାଧିକ ପଶୁସଂପଦ ଥରଲା। ଓଡିଶାରେ ଭାରତର ପଶୁସଂପଦର ୪.୩୫ ଶତକଡା ଥିବାବେଳେ ଉତ୍ତରପ୍ରଦେଶରେ ଏହା ୧୧.୩୮ ଶତକଡା। ସେହିଭଳି ରାଜସ୍ଥାନରେ ଏହା ୧୦.୭୦ ଏବଂ ପଶ୍ଚିମବଙ୍ଗରେ ୭.୦୬ ଶତକଡା ଥିବା ହିସାବରୁ ଜଣାଯାଏ। ପଶୁସଂପଦ ଜନଗଣନା ୨୦୦୪ ଅନୁଯାୟୀ ଓଡିଶାରେ ପଶୁସଂପଦ ସଂଖ୍ୟା ଥିଲା ୨୩୦.୫୭ ଲକ୍ଷ। ଏହି ୨୩୦.୫୭ ଲକ୍ଷରୁ ୫୮.୫ % ଗାଈ, ବଳଦ ଓ ମଇଁଷି, ୩୮.୮% ଛୋଟ ଗୃହପାଳିତ ପଶୁ ଏବଂ ୨.୭% ଥିଲେ ଘୁଷୁରୀ। ଏହାଛଡା ରାଜ୍ୟରେ ୨୦୬.୦୦ ଲକ୍ଷ କୁକୁଟ ଥିଲା, ଯାହାକି ଭାରତର ସଂଖ୍ୟା ୬୪୮.୮୩ ମିଲିୟନ। ସମୁଦାୟ କୁକୁଟ ମଧ୍ୟରୁ ରାଜ୍ୟରେ ୭୦ ଭାଗ ଦେଶୀ ଛୁଆ କୁକୁଡା। ୨୦୦୭ ପଶୁସଂପଦ ଜନଗଣନା ଅହୁରି ସୂଚାଏ ଯେ ୨୦୦୩ ଜନଗଣନା ତୁଳନାରେ ରାଜ୍ୟରେ ୪% ପଶୁସଂପଦ ସଂଖ୍ୟା ହ୍ରାସ ପାଇଛି। ତେବେ ସର୍ବଭାରତୀୟ ସ୍ତରରେ ଏହା ୫.୩% ପରିମାଣ ବୃଦ୍ଧି ହୋଇଛି। ସାରଣି ୧.୩ରେ ଓଡିଶାରେ ପଶୁସଂପଦ ସଂଖ୍ୟା ୧୯୮୨ ଠାରୁ ୨୦୦୭ ପର୍ଯ୍ୟନ୍ତ ସୂଚାଇ ଦିଆଯାଇଛି।

## ୧.୩.୧ ଓଡିଶାରେ କ୍ଷୀର, ଅଣ୍ଡା ଓ ମାଂସର ଉତ୍ପାଦନ

ବିଶ୍ୱରେ ଭାରତ ଦୁଗ୍ଧ ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରିଛି । ତେବେ ସମୁଦାୟ ଦୁଗ୍ଧ ଉତ୍ପାଦନରେ ଓଡିଶାର ଅବଦାନ ଶତକଡା ଦୁଇଭାଗରୁ ବି କମ୍ । ସେହିପରି ଅଣ୍ଡା ଉତ୍ପାଦନ ବି ସର୍ବଭାରତୀୟ ଉତ୍ପାଦନରେ ଓଡିଶାର ଅବଦାନ ୩% । ସାରଣି ୧.୩.୧ ଓଡିଶାରେ ୨୦୦୮-୦୯ରୁ ୨୦୧୨-୧୩ ଯାଉଁ ମୁଣ୍ଡପିଛା କ୍ଷୀର, ଅଣ୍ଡା ଓ ମାଂସର ଉପଲବ୍ଧତା ସୂଚାଏ । ଏହା ଯଦିଓ ଅନୁଭବ କରାଯାଏ ଯେ, ଓଡିଶାରେ ୨୦୦୮-୦୯ର ୧୧୩ ଗ୍ରାମ ଦୈନିକ ତୁଳନାରେ ୨୦୧୨-୧୩ରେ ଦୈନିକ ୧୧୭ ଗ୍ରାମ ମୁଣ୍ଡପିଛା କ୍ଷୀରର ଉପଲବ୍ଧତା ସାମାନ୍ୟ ବଢିଥିଲେ ହେଁ, ୨୦୧୧-୧୨ରେ ଥିବା ଜାତୀୟ ହାର ମୁଣ୍ଡପିଛା ୨୩୦ ଗ୍ରାମ ଦୈନିକ ଏବଂ ବିଶ୍ୱର ହାରାହି ହାର ଯାହା ୨୦୦୯-୧୨ ରେ ଥିଲା ମୁଣ୍ଡପିଛା ଦୈନିକ ୨୮୪ ଗ୍ରାମଠାରୁ ଯଥେଷ୍ଟ ପଛରେ ଅଛି ।

## ୧.୩.୨ ପଶୁସଂପଦ ବିକାଶ ପାଇଁ ସରକାରୀ ପଦକ୍ଷେପ

ରାଜ୍ୟ ସରକାର, ପଶୁସଂପଦ ବିକାଶ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି ।

- ପଶୁଚିକିତ୍ସକ ଓ ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟବସ୍ଥା : ରାଜ୍ୟରେ ପଶୁମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ପାଇଁ ୫୪୦ଟି ପଶୁଡାକ୍ତରଖାନା ଓ ସ୍ୱସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରାଯାଇ ସେଥିରରେ ୬୮୨ ଜଣ ପଶୁଡାକ୍ତରଙ୍କୁ ନିୟୋଜିତ କରାଯାଇଛି । ସେହିଭଳି ରାଜ୍ୟରେ ୨୯୩୯ଟି ପଶୁ ସହାୟତା କେନ୍ଦ୍ର (LAC) ରେ ୨୪୬୭ ଜଣ ପଶୁନିରୀକ୍ଷକ ନିୟୋଜତ ଅଛନ୍ତି । ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଉପନିର୍ଦ୍ଦେଶକଙ୍କ ସ୍ତରରେ ଅନୁଧ୍ୟାନ କରାଯାଏ । ରାଜ୍ୟର ଭୁବନେଶ୍ୱର ଓ ବ୍ରହ୍ମପୁରଠାରୁ ଦୁଇଟି ଜୈବଉତ୍ପାଦ୍ୟ ପ୍ରତିଷ୍ଠାନ, ରାଜ୍ୟରେ ପଶୁରୋଗ ନିୟନ୍ତ୍ରଣ ପାଇଁ ବିଭିନ୍ନ ପ୍ରକାରର ପ୍ରତିଷେଧକ ଟୀକା ଆଦି ପ୍ରସ୍ତୁତ କରୁଛି ।

- କୃତ୍ରିମ ପ୍ରଜନନ (AI) : କୃତ୍ରିମ ପ୍ରଜନନ ବ୍ୟବସ୍ଥା ରାଜୟରେ ଗୋସଂପଦ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ରାଜ୍ୟରେ ୫୮୪୯ଟି ବିଭାଗୀୟ କୃତ୍ରିମ ପ୍ରଜନନ କେନ୍ଦ୍ର ରହିଛି, ଯାହାକି ଏ ଦିଗରେ ସହଯୋଗ କରେ । କଟକଠାରେ ଥିବା ବୀର୍ଯ୍ୟଜମାଟ ବ୍ୟାଙ୍କ (F&B) ଏକମାତ୍ର ବୀର୍ଯ୍ୟଯୋଗାଣ କେନ୍ଦ୍ର, ଯାହାକି ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାକୁ ପ୍ରଜନନ ଦିଗରେ ସହାୟତା କରିଥାଏ । ଗୋସଂପଦ ବୀମା ଯୋଜନା କ୍ରମରେ ୩୦ଟି ଜିଲ୍ଲାର ୪୫,୦୩୬ ପଶୁକୁ ବୀମାଭୁକ୍ତ କରାଯାଇଛି । ବିମାର ପ୍ରିମିୟମ ରାଶି ୫୦% ରିହାତି ବ୍ୟବସ୍ଥା ଥିବାବେଳେ ଏହି ରିହାତି ପରିମାଣ କେନ୍ଦ୍ର ସରକାର ପୂରଣ କରନ୍ତି ।

- କୁକୁଡା / ବତକ ଉନ୍ନୟନ : ନିଯୁକ୍ତି ଓ ରୋଜଗାର ଦେବାରେ କୁକୁଡା ପାଳନ ଏବେ ରାଜ୍ୟରେ ଆଖିଦୃଶିଆ ଭାବେ ସହାୟକ ହେଉଛି । କୁକୁଡାପାଳନ, ଗୋପାଳନ, ବତକପାଳନ ମଧ୍ୟ ରାଜ୍ୟର ବହୁ ସଂଖ୍ୟକ ଗରିବ, ବିଶେଷକରି ତଫସଲିଭୁକ୍ତ ଜାତି ଓ ଜନଜାତିର ଜୀବିକା ନିର୍ବାହରେ ସାହାଯ୍ୟ କରୁଛି ।

ପଶୁପାଳନ ପାଇଁ ମୁଖ୍ୟ ଆବଶ୍ୟକତା ହେଉଛିସେମାନଙ୍କର ଖାଦ୍ୟ । ଏହି ଖାଦ୍ୟ ସେମାନଙ୍କୁ ସୁସ୍ଥ ସବଳ କରିବା ସହ ଅନ୍ତା, ଦୁଗ୍ଧ ଆଦି ଅଧିକ ପରିମାଣରେ ଯୋଗାଇବାରେ ସକ୍ଷମ କରାଇଥାଏ । ପଶୁଖାଦ୍ୟ ସାଧାରଣତଃ ଦୁଇ ପ୍ରକାରର - ସବୁଜ ଖାଦ୍ୟ ଓ ଶୁଷ୍କ ଖାଦ୍ୟ । ରାଜ୍ୟରେ ୮ଟି ବିଭାଗୀୟ ପଶୁଖାଦ୍ୟ ଉନ୍ନୟନ କେନ୍ଦ୍ର, ରାଜ୍ୟର କୁକୁଡା ଓ ବତକ ଚାଷୀ, ଗୋପାଳକମାନଙ୍କୁ ରିହାତି ଦରରେ ବିହନ ଆଦି ଯୋଗାଇ ଦେଇଥାଏ । ଏହାଫଳରେ ରାଜ୍ୟର କୁକୁଡା, ବତକ ଆଦି ସହ ଗୋ ଉନ୍ନୟନ ପାଇଁ ସୁବିଧା ସୁଯୋଗ ମିଳିଥାଏ ।

- ଜାତୀୟ ଗିପ୍ରଜନନ ଓ ମଇଁଷି ପ୍ରଜନନ ପ୍ରକଳ୍ପ (NPCBB) : କେନ୍ଦ୍ର ସରକାରଙ୍କ ତରଫରୁ ଗାଈ, ବଳଦ ଓ ମଇଁଷି ପ୍ରଜନନ ବୃଦ୍ଧି କାର୍ଯ୍ୟକ୍ରମ ପାଇଁ ଏହି ପ୍ରକଳ୍ପ ଆରମ୍ଭ କରାଯାଇଛି । ଗ୍ରାମାଞ୍ଚଳରେ ରୋଜଗାର ଓ ଆୟର ସୁବିଧା ବଢାଇବା ଦିଗରେ ଏହି ପ୍ରକଳ୍ପ ଅଭିପ୍ରେତ । ଓଡିଶାରେ ପଶୁସଂପଦ ଉନ୍ନୟନ ପରିହଦ (OLRDS) ପ୍ରତିଷ୍ଠା କରାଯାଇ ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଏକ ଆତ୍ମନିଯୁକ୍ତ କାର୍ଯ୍ୟକ୍ରମ ଅଧିନରେ ଗୋମିତ୍ରମାନଙ୍କୁ ନିଯୁକ୍ତି କରାଯାଉଛି, ଯାହାକି ଗୋପ୍ରଜନନ ଓ ମଇଁଷି ପ୍ରଜନନରେ ସାହାଯ୍ୟ କରୁଛି । ରାଜ୍ୟରେ ସେହିଭଳି ମେଣ୍ଢା ପ୍ରଜନନ, ଛେଳି ପ୍ରଜନନ ଓ ଘୁଷୁରୀ ପ୍ରଜନନ ପାଇଁ ମଧ୍ୟ ଅନୁରୂପ ବ୍ୟବସ୍ଥା ଗ୍ରହଣ କରାଯାଉଛି । ଅଣ୍ଡା, ଦୁଗ୍ଧ ସହ ମାଂସ ବ୍ୟବସାୟ ବୃଦ୍ଧିକ ଦୃଷ୍ଟିରେ ରଖି କୁକୁଡା, ବତକ ଆଦି ପକ୍ଷୀମାନଙ୍କର ମଧ୍ୟ ଖାଦ୍ୟ ଓ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଆଯାଉଛି । ସମସ୍ତ ପ୍ରକାରର ଗୃହପାଳିତ ପଶୁପକ୍ଷୀଙ୍କ ବିକାଶ ଉଦ୍ଦେଶ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆବଶ୍ୟକତା ଅନୁଯାୟୀ ସମୟୋପ ଯୋଗୀ ପଦକ୍ଷେପ ଗ୍ରହଣ କରୁଛନ୍ତି ।

- କଲ୍ୟାଣୀ ପ୍ରକଳ୍ପ : ଏହା ଏକ ନୂଆ ଯୋଜନା, ଯାହାକି ସାମଗ୍ରୀକ ଭାବେ ଗ୍ରାମାଞ୍ଚଳର ଗୋପାଳକ, କୁକୁଡା ଓ ବତକଚାଷୀମାନଙ୍କୁ ଆତ୍ମନିଯୁକ୍ତି ଦେବା ସହ ସେମାନଙ୍କର ଆର୍ଥିକ ସ୍ୱଚ୍ଛଳତାରେ ସହାୟତା ପ୍ରଦାନ କରିଥାଏ । ଏହି ପ୍ରକଳ୍ପର ଚାରିଗୋଟି ଅଂଶ ଅଛି । ଯଥା

  ୧) ଗୋ ଉନ୍ନୟନ କାର୍ଯ୍ୟକ୍ରମ

  ୨) ଛେଳି ଉନ୍ନୟନ କାର୍ଯ୍ୟକ୍ରମ

  ୩) ଗୋଖାଦ୍ୟ ଉନ୍ନୟନ କାର୍ଯ୍ୟକ୍ରମ

  ୪) ଚିପିଲିମା ଗୋଖାଦ୍ୟ କେନ୍ଦ୍ରର ବୈଷୟିକ ଓ କୌଶଳ ବିକାଶ କାର୍ଯ୍ୟକ୍ରମ

ଗୋମହିଷାଦି ଗୃହପାଳିତ ପଶୁ ଉନ୍ନୟନ ଯୋଜନା ରାଜ୍ୟର ଦଶଟି ଜିଲ୍ଲାରେ ଲାଗୁ କରାଯାଇଛି । ଗ୍ରାମାଞ୍ଚଳର ଗୋପାଳକମାନଙ୍କୁ ଗୋପ୍ରଜନନ, ଗୋଖାଦ୍ୟ, ଗୋବିକାଶ ଆଦି ବିଭିନ୍ନ ବିଷୟରେ ସେମାନଙ୍କର ଘରେ ବୁଝାଇବା ସହ ଏ ନେଇ ସହାୟତାର ବ୍ୟବସ୍ଥା ଅବଗତ କରାଯାଏ ।

ଛେଳି ଉନ୍ନୟନ ଯୋଜନା ରାଜ୍ୟର ପାଞ୍ଚଟି ଜିଲ୍ଲା ଯଥା- ସୁନ୍ଦରଗଡ, ମୟୁରଭଞ୍ଜ କେଉଁଝର, ବଲାଙ୍ଗିର ଓ ଦେବଗଡରେ ଲାଗୁ କରାଯାଇ ୨୫୦ ଗ୍ରାମର ୨୦ ହଜାର ଚାଷୀ ପରିବାରକୁ ଏଥରରେ ଅନ୍ତର୍ଭୁକ୍ତ କରାଯାଇଛି। ଗୋଖାଦ୍ୟ ଉନ୍ନୟନ ଯୋଜନାରେ ଗୋଖାଦ୍ୟ ବିହନ / ଚାରା ସାମଗ୍ରୀ ଚାଷୀମାନଙ୍କୁ ପ୍ରଦାନ କରାଯାଇ ସେମାନଙ୍କୁ ସେମାନଙ୍କ ନିଜ ଜମିରେ ଏସବୁର ବିକାଶ ପାଇଁ ଉତ୍ସାହିତ କରାଯାଇଥାଏ।

ବୈଷୟିକ ଜ୍ଞାନ ଓ କୌଶଳ କାର୍ଯ୍ୟକ୍ରମ ଅଧିନରେ ୪୦MT ଗୋଖାଦ୍ୟ ବିହନ ଉତ୍ପାଦନ କରାଯାଇ ଚାଷୀମାନଙ୍କ ଚାଷଜମିରେ ଏହାକୁ ବହୁଗୁଣିତ କରିବା ବ୍ୟବସ୍ଥା ହୋଇଛି।

ଓଡିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିମିଟେଡ (OMFED) - ୧୯୮୦ ରେ ଓମଫେଡ ପ୍ରତିଷ୍ଠା କରାଯାଇ, ଓଡିଶାରେ ଦୁଗ୍ଧଚାଷୀମାନଙ୍କୁ ପ୍ରୋତ୍ସାହନ ପ୍ରଦାନସହ ଦୁଗ୍ଧ ବ୍ୟବସାୟ କ୍ଷେତ୍ରରେ ସର୍ବୋଚ୍ଚ ସଂସ୍ଥା ଭାବେ ସରକାଙ୍କ ପକ୍ଷରୁ ଦାୟିତ୍ୱ ଦିଆଯାଇଥିଲା। ଓମଫେଡର ମୁଖ୍ୟ ଆଭିମୁଖ୍ୟ କ୍ଷୀରର ପ୍ରସାର, ଉତ୍ପାଦନ, ପ୍ରକ୍ରିୟା, ବ୍ୟବସାୟ ସହ ଦୁଗ୍ଧଜାତ ସାମଗ୍ରୀର ବିକାଶ ଓ ବ୍ୟବସାୟ ମାଧ୍ୟମରେ ଗ୍ରାମାଞ୍ଚଳର ଦୁଗ୍ଧଚାଷୀମାନଙ୍କର ଆର୍ଥିକ ବିକାଶ କରିବା। ଏହା ରାଜ୍ୟର ସମସ୍ତ ଜିଲ୍ଲାକୁ ଅନ୍ତର୍ଭୁକ୍ତ କରିଛି। ଓମଫେଡ ଅଧିନରେ ୫୧୭୨ ଦୁଗ୍ଧ ଉତ୍ପାଦକ ସମବାୟ ସମିତି (MPCS), ଦୁଇ ଲକ୍ଷ ୬୯ ହଜାର ସଭ୍ୟ କାର୍ଯ୍ୟରତ। ଏହା ବ୍ୟତୀତ ସମସ୍ତ ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଥିବା ୧୨ ଟି ଦୁଗ୍ଧ ସଂଘ ମଧ୍ୟ ୧ମଫେଡ୍ ଦ୍ୱାରା ସ୍ୱୀକୃତି ପ୍ରାପ୍ତ। ଓମଫେଡର ଏଗାରଟି ଦୁଗ୍ଧ କାରଖାନାରେ ଦୈନିକ ୫.୪୫ ଲକ୍ଷ ଲିଟର ଦୁଗ୍ଧ ସାମର୍ଥ୍ୟ ରହିଛି। ଦୈନିକ ୨.୦୨ ଲକ୍ଷ ଲିଟର କ୍ଷମତା ଥିବା ୧୧ଟି ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ରହିଛି, ଯାହାକି ୩୧୧ଟି ବୃହତ୍ ଶୀତଳ ଯନ୍ତ୍ର ସହାୟତାରେ ୩.୮୭ ଲିଟର କ୍ଷମତା, ଦୈନିକ ୫ mt କ୍ଷମତା ଥିବା ଏକ ଗୁଣ୍ଡ ଦୁଗ୍ଧ କାରଖାନା ଏବଂ ଦୈନିକ ୨୦୦ MT କ୍ଷମତା ସଂପନ୍ନ ଗୋଖାଦ୍ୟ କାରଖାନା ମଧ୍ୟ ଓମଫେଡ ଅନ୍ତର୍ଭୁକ୍ତ। ଓମଫେଡ ମଧ୍ୟ ଏହାର ଉତ୍ପାଦନ ପରିସର ବୃଦ୍ଧିକରି ଗୋଟିଏ ଖାଦ୍ୟ ପ୍ରକ୍ରିୟାକରଣ କାରଖାନା ଓ ଗୋଟିଏ ଆଇସକ୍ରିମ କାରଖାନା ସଂଯୋଗ କରିଛି। ଦୁଗ୍ଧଜାତ ସାମଗ୍ରୀ ଯଥା – ଘିଅ, ପନିର, ଲହୁଣୀ ଦହି ଓ ଗୁଣ୍ଡଦୁଗ୍ଧ ଏବଂ କୃଷିଜାତ ସାମଗ୍ରୀ ହଳଦୀଗୁଣ୍ଡ ଓ ସୋରିଷ ଇତ୍ୟାଦି, ଯାହାକି କନ୍ଧମାଳ ଜିଲ୍ଲାର ଜନଜାତିଙ୍କ ଦ୍ୱାରା ଉତ୍ପାଦିତ, ସେସବୁର ବ୍ୟବସାୟ କରେ ଓମଫେଡ। ଏତଦ୍ ବ୍ୟତିତ ଓମଫେଡର ଫଳରସ, ଆଚାର, ଜାମ୍, ଚଟଣି ଏବଂ ସପୁରୀରସ ଆଦିର ଉତ୍ପାଦନ ଓ ବିକ୍ରୟ ବ୍ୟବସ୍ଥା ହାତକୁ ନେଇଛି। ନିକଟରେ ବିଭିନ୍ନ ଆକାରର ଓ ବିଭିନ୍ନ ସ୍ୱାଦଯୁକ୍ତ ଆଇସକ୍ରିମ ଉତ୍ପାଦନ ଓ ବିକ୍ରୟ, ଓମଫେଡ ସଫଳତାର ସହ ଆରମ୍ଭ କରିଛି। ଏହିଭଳି ଓମଫେଡ ରାଜ୍ୟରେ ବ୍ୟାପକ କାର୍ଯ୍ୟକ୍ରମ କରୁଛି। ଓମଫେଡର କାର୍ଯ୍ୟଗୁଡିକ ନିମ୍ନମତେ ଦର୍ଶାଯାଇପାରେ –

କ) ରାଜ୍ୟରେ ଦୁଗ୍ଧ ବନ୍ୟା କାର୍ଯ୍ୟକ୍ରମ, ବିଶେଷକରି ଅବିଭକ୍ତ କଟକ, ପୁରୀ, ଢେଙ୍କାନାଳ, କେଉଁଝର ଓ ସମ୍ବଲପୁର ଜିଲ୍ଲାରେ ଜାତୀୟ ଦୁଗ୍ଧ ଉନ୍ନୟନ ପରିଷଦ (NDDB) ର ଆର୍ଥିକ ସହାୟତାରେ କାର୍ଯ୍ୟକାରି କରିବା।

ଖ) ମହିଳାମାନଙ୍କୁ ଉତ୍ସାହିତ କରିବା ପାଇଁ "ଓଡିଶା ମହିଳା ଦୁଗ୍ଧଚାଷୀ ପ୍ରକଳ୍ପ" କରାଯାଇ ଅବିଭକ୍ତ କଟକ, ଢେଙ୍କାନାଳ, ପୁରୀ, ସମ୍ବଲପୁର, କେଉଁଝର, ଗଞ୍ଜାମ ଓ ବାଲେଶ୍ୱର ଜିଲ୍ଲାର ମହିଳାମାନଙ୍କୁ ଭାରତ

ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଓ କୃଷି ମନ୍ତ୍ରଣାଳୟ ଅଧିନସ୍ଥ ପ୍ରାଣୀସଂପଦ ଓ ଦୁଗ୍ଧ ବିକାଶ ବିଭାଗ ଆର୍ତିକ ସହାୟତାରେ ପ୍ରୋତ୍ସାହନ ପ୍ରଦାନ କରିବା।

ଗ) ଛ'ଟି ପର୍ଯ୍ୟାୟରେ ୨୦ଟି ଜିଲ୍ଲାରେ ବ୍ୟବସ୍ଥିତ ଦୁଗ୍ଧ ବିକାଶ ପ୍ରକଳ୍ପ କାର୍ଯ୍ୟ କରିବା।

ଘ) ପ୍ରଥମ ପର୍ଯ୍ୟାୟରେ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବଲପୁର, କୋରାପୁଟ, ଗଜପତି ଓ କଳାହାନ୍ଡି ଜିଲ୍ଲାରେ ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ଅଭିଯାନ କାର୍ଯ୍ୟରତ।

ଙ) ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ସହାୟତାରେ କନ୍ଧମାଳର ଜନଜାତି ମହିଳାମାନଙ୍କୁ ହଳଦୀ ପ୍ରକଳ୍ପରେ ନିୟୋଜିତ କରି କାର୍ଯ୍ୟକାରି କରିବା।

ଚ) ଖାଦ୍ୟସାର ଅଭାବରୁ ରୋଗ ଦୂରୀକରଣ ପାଇଁ ଦୁଇ କେଜି ପ୍ୟାକେଟର ଖଣିଜ ମିଶ୍ର ସାମଗ୍ରୀ ବିକ୍ରୟ କରିବା।

ଛ) ଗୋପାଳକ ଓ ଚାଷୀମାନଙ୍କୁ ତାଲିମ, ପ୍ରଦର୍ଶନ, ସହାୟତା ଆଦି ପ୍ରଦାନ କରି ସେମାନଙ୍କୁ ପଶୁସ୍ୱାସ୍ଥ୍ୟ ଯତ୍ନ ଓ ପ୍ରଜନନ ଆଦି ବିଷୟରେ ଅବଗତ କରିବା।

- ଓଡିଶା ରାଜ୍ୟ କୁକ୍କୁଟ ଉତ୍ପାଦକ ସଂଘ : ଓଡିଶା ରାଜ୍ୟ କୁକ୍କୁଟ ସମବାୟ ସମିତି ସଂଘ ଲିମିଟେଡ (OPELFED) ରାଜ୍ୟର କୁକ୍କୁଟ ପ୍ରଜନନ, ବିକାଶ କ୍ଷେତ୍ରରେ ସର୍ବୋଚ୍ଚ ସଂସ୍ଥା। ଏହାର ଭୁବନେଶ୍ୱରରେ ମୁଖ୍ୟ କାର୍ଯ୍ୟାଳୟ ଅବସ୍ଥାପିତ। ରାଜ୍ୟରେ କୁକ୍କୁଟ ଚାଷର ବିକାଶ, ପ୍ରୋତ୍ସାହନ ସହ ଏହାର ବ୍ୟବସାୟ ଦିଗରେ ଓପୋଲଫେଡ କାର୍ଯ୍ୟରତ। ଅଣ୍ଡା, ମାଂସ ଆଦି ଉତ୍ପାଦନ ଓ ବ୍ୟବସାୟ ପାଇଁ ଓପୋଲଫେଡ ଏହାର ଆଠଟି କେନ୍ଦ୍ରରେ ସକ୍ରିୟ ଭାବେ କାର୍ଯ୍ୟ କରେ। ଓପୋଲଫେଡ ପ୍ରତିଷ୍ଠା ପରେ ଉନ୍ନତମାନର ଅଣ୍ଡା, ମାଂସ ଆଦି ସୁଲଭ ଦରରେ ମିଳିବା ସହ ଆତ୍ମନିଯୁକ୍ତି ଓ ଆୟର ମଧ୍ୟ ଅନେକାଂଶରେ ସହାୟକ ହୋଇପାରିଛି। ଓପୋଲଫେଡ କେନ୍ଦ୍ରଗୁଡିକରେ ଉପଲବ୍ଧ ଅଣ୍ଡା, ମାଂସ ସାଧାରଣ ଗ୍ରାହକମାନଙ୍କର ବିଶ୍ୱାସଭାଜନ ହୋଇପାରିଛି। ଓପୋଲଫେଡ ପ୍ରତିଷ୍ଠା ପରେ ରାଜ୍ୟରେ କଲୁକୁଡାଚାଷ ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଅଣ୍ଡା, କୁକୁଡାମାଂସର ଚାହିଦା ଓ ବିଭିନ୍ନ କ୍ଷେତ୍ରରେ ଏହାର ବିବିଧ ବ୍ୟବହାର ଏହାର ଉତ୍ପାଦନ ବୃଦ୍ଧି ପାଇଁ ସୁଯୋଗ ଓ ସମ୍ଭାବନା ସୃଷ୍ଟି କରିଛି।

## ୧.୪ ମତ୍ସ୍ୟ ସଂପଦ

ଓଡିଶା ଗୋଟିଏ ସାମୁଦ୍ରିକ ରାଜ୍ୟ ହୋଇଥରବାରୁ ଏଠାରେ ଉଭୟ ଦେଶୀ ଓ ସାମୁଦ୍ରିକ ମାଛ ବିକାଶର ବ୍ୟାପକ ସୁଯୋଗ ରହିଛି। ରାଜ୍ୟର ସୁଦୀର୍ଘ ୪୮୦ ହଜାର ସ୍କୋୟାର କିଲୋମିଟର ସଂପଦ ସଦୃଶ। ଏହା ମଧୁରଜଳ ମାଛ ଓ ସାମୁଦ୍ରିକ ମାଛ ଉତ୍ପାଦନ ସହ ଆର୍ତିକ ଅଭିବୃଦ୍ଧି ଓ ନିଯୁକ୍ତି ପ୍ରଦାନର ପର୍ଯ୍ୟାୟ ସୁଯୋଗ ଦେଇଥାଏ। ରାଜ୍ୟର ମଧୁର ଜଳସଂପଦ ୬.୭୫ଲକ୍ଷ ହେକ୍ଟର ଥିବାର ଆକଳନ କରାଯାଇଛି,ଯେଉଁଥିରେ କି ୧.୨୪ଲକ୍ଷ ହେକ୍ଟର ପୋଖରୀ / ଜଳାଶୟ ୨.୦ ଲକ୍ଷ ହେକ୍ଟର ଜଳଭଣ୍ଡାର ୧.୮୦ଲକ୍ଷ ହେକ୍ଟର ହ୍ରଦ / ଗାଡିଆ / ଝରଣା ଏବଂ ୧.୭୧ ଲକ୍ଷ ହେକ୍ଟର ନଦୀ ଓ କେନାଲ ଅନ୍ତର୍ଭୁକ୍ତ। ରାଜ୍ୟରେ ପାଞ୍ଚଟି ଲୁଣିଜଳ

ସଂପଦଅଛି ଯେଉଁଥିରୁ ଚିଲିକା ହ୍ରଦର ୪.୧୮ ଲକ୍ଷ ହେକ୍ଟର, ୨.୯୮ ଲକ୍ଷ ହେକ୍ଟର ଜଳାଶୟ, ୩୨.୫୮୭ ହେକ୍ଟରର ଲୁଣିଜଳ ପୁଷ୍କରିଣୀ ଏବଂ ୮୧୦୦ ହେକ୍ଟରର ଲୁଣିଜଳ ଅଞ୍ଚଳ। ୨୦୧୨-୧୩ରେ କୃଷିକ୍ଷେତ୍ରର ସମୁଦାୟ ଘରୋଇ ଉତ୍ପାଦ୍ୟ ମଧ୍ୟରୁ ମତ୍ସ୍ୟା ବିଭାଗର ଅବଦାନ ଥିଲା ଶତକଡା ଛଅ ଭାଗ।

ରାଜ୍ୟରେ ମାଛ ଗୋଟିଏ ଲୋକପ୍ରିୟ ଖାଦ୍ୟ। ୨୦୧୦-୧୧ରେ ସର୍ବଭାରତିୟ ସ୍ତରରେ ଓଡିଶା ମାଛ ଉତ୍ପାଦନରେ ନବମ ସ୍ଥାନ ଅଧିକାର କରିଥିଲା, ଯାହାକି ସମୁଦାୟ ମାଛ ଉତ୍ପାଦନର ଶତକଡା ୪.୭ ଭାଗ,। କାର୍ଲୋର ଉତ୍ପାଦନ ମଧ୍ୟୟ ରାଜ୍ୟରେ ପ୍ରତିବର୍ଷ ବଢିବାରେ ଲାଗିଛି। ୧୯୯୬ରେ ରାଜ୍ୟ ସକରାକ କୃଷି ନୀତିର ଏକ ଅଂଶ ସ୍ୱରୂପ ମତ୍ସ୍ୟ ବିକାଶ ଯୋଜନା କରିଥିଲେ। ଏହି ନିତିର ଅଭିମୁଖ୍ୟ ଥିଲା

କ) ଉନ୍ନତମାନର ଜ୍ଞାନକୌଶଳ ସହାୟତାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା।

ଖ) ଧୀବରମାନଙ୍କୁ ନିଷ୍କାର ସହ ମତ୍ସ୍ୟ ସଂଗ୍ରହରେ ସହାୟତା କରିବା।

ଗ) ଗଭୀର ସମୁଦ୍ରରେ ମତ୍ସ୍ୟ ଧରିବା ଅଭିଯାନକୁ ଗୁରୁତ୍ୱ ଦେବା।

ଘ) ମତ୍ସ୍ୟଚାଷୀ ଓ ଧୀବରମାନଙ୍କୁ ମତ୍ସ୍ୟ ଧରିବା ଓ ଉତ୍ପାଦନରେ ଜ୍ଞାନ କୌଶଳ ଯୋଗାଇବା।

ଙ) ଚିଙ୍ଗୁଡି ଉତ୍ପାଦନ ଓ ବ୍ୟବସାୟକୁ ପ୍ରୋତ୍ସାହନ ପ୍ରଦାନ କରିବା।

୨୦୧୦-୧୧ରେ ଦେଶୀ ଓ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଯଥାକ୍ରମେ ୧୪.୦୭ ଶତକଡା ଓ ୬.୯୨ % ବୃଦ୍ଧ ପାଇଛି। ସମୁଦାୟ ମତ୍ସ୍ୟ ଉତ୍ପାଦନର ୮୨% କଞ୍ଚା ଭାବେ ବିକ୍ରୟ ହୋଇଥିବାବେଳେ ୧୦% ଶୁଖୁଆ ବାବେ ବିକ୍ରି ହୋଇଛି। ୨୦୧୨-୧୩ ରେ ରାଜ୍ୟରେ ମୁଣ୍ଡପିଛା ମାଛ କ୍ରୟର ହାର ୯.୧୩ କିଲୋଗ୍ରାମ ଥିଲା, ସେହି ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ସେହିହାର ୧୧ କିଲୋଗ୍ରାମ ଅଣୁମୋଦନ କରିଥିଲା। ୧ହା ରାଜ୍ୟର ଜୀବନଶୈଳୀରେ ପରିବର୍ତ୍ତନ ଓ ଖାଦ୍ୟପ୍ରିୟତାକୁ ସୂଚାଇଥାଏ। ୨୦୧୨-୧୩ରେ ଓଡିଶାରୁ ଦେଶବିଦେଶକୁ ୧୧୬-୪୧ ହଜାର ମିଲିୟନ ଟନ ମାଛ ରପ୍ତାନି ହୋଇଥିଲା। ଯେଉଁଥିରେ ୬୯.୪୫ TMT (୫୯.୭%) ପରିମାଣର ମାଛ ଥିଲା ସାମୁଦ୍ରିକ। ସାଧାରଣତଃ ସାମୁଦ୍ରିକ ମାଛ ମାଧମରେ ଚିଙ୍ଗୁଡି, ପାମ୍ପଲେଟ, ଇଲିଶି, ରିବନଫିସ୍ ଅନ୍ତର୍ଭୁକ୍ତ। ଏହିସବୁ ମାଛ ବିଦେଶକୁ ଯଥା - ଜାପାନ, ଚୀନ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ, ସାଉଦିଆରବ, ଇଣ୍ଡୋନେସିଆ, ହଂକଂ କୁ ରପ୍ତାନି ହୋଇଥାଏ। ପ୍ରତିବର୍ଷ ରପ୍ତାନି ହେଉଥିବା ସମୁଦାୟ ସାମୁଦ୍ରିକ ଉତ୍ପାଦ ମଧ୍ୟରେ ପ୍ରାୟ ଏକତୃତୀୟାଂଶ ଛୋଟ ଚିଙ୍ଗୁଡି। ତେବେ ମାଛର ଆମଦାନି ଧାରରେ ପ୍ରତ୍ୟେକ ବର୍ଷ ହ୍ରାସ ବୃଦ୍ଧି ହୋଇଥାଏ। ୨୦୧୨-୧୩ରେ ପ୍ରାୟ ୨୧,୨୧୭ ମିଲିୟନ ଟନ୍ ମଧୁର ଜଳ ମାଛ, ଘରୋଇ ବ୍ୟାବହସାୟିକ ସଂସ୍ଥା ମାଧମରେ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ଆମଦାନି ହୋଇଥିଲା।

## ୧.୪.୧ ମତ୍ସ୍ୟସଂପଦ ବିକାଶ ପାଇଁ ରାଜ୍ୟର ପଦକ୍ଷେପ

- ମତ୍ସ୍ୟ ବିକାଶ ନୀତି : ୨୦୦୮ ମସିହାରେ କୃଷିନୀତର ଏକ ଅଂଶରୂପ ମତ୍ସ୍ୟ ବିକାଶ ନୀତିକୁ ଆରମ୍ଭ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ମାଛ ବିହନ ଉତ୍ପାଦନ ବୃଦ୍ଧି ଓ ମାଛ ଉତ୍ପାଦନ ବୃଦ୍ଧି,

ଯାହାକି ଆତ୍ମନିଯୁକ୍ତି ସୁଯୋଗ ପ୍ରଦାନ ସହ ମୁଣ୍ଡପିଛା ଆୟବୃଦ୍ଧି, ଦାରିଦ୍ର୍ୟ ଦୁରୀକରଣ ଏବଂ ଉନ୍ନତମାନର ଜ୍ଞାନ କୌଶଳ ପ୍ରୟୋଗ ମାଧ୍ୟମରେ ଅଦରକାରୀ ଜଳସଂପଦକୁ ମତ୍ସ୍ୟଚାଷୋପଯୋଗୀ କରିବା। ଏହି ପଦକ୍ଷେପ ଫଳରେ ରାଜ୍ୟରେ ମାଛ ଯାଆଁଳ ଓ ମାଛର ଉତ୍ପାଦନରେ ଆଖିଦୃଶିଆ ବୃଦ୍ଧି ସମ୍ଭବ ହୋଇଛି।

- ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା : ଏହି କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଯୋଜନା, ପୋଖରୀଗୁଡ଼ିକର ବିକାଶ ଓ ମତ୍ସ୍ୟଚାଷୀମାନଙ୍କୁ ଆଧୁନିକ ଜ୍ଞାନ କୌଶଳ ବିଷୟରେ ତାଲିମ ପ୍ରଦାନ ପାଇଁ ଉଦ୍ଦିଷ୍ଟ। ସମୁଦାୟ ୩୦ଟି ଜିଲ୍ଲାରେ, ଗୋଟିଏ ଲେଖାଏଁ ଏହି ସଂସ୍ଥା କାର୍ଯ୍ୟରତ।

- ମଧୁରଜଳ ଚିଙ୍ଗୁଡ଼ି ଚାଷ ଓ ମାଛ ବିହନ : ମଧୁରଜଳ ଚିଙ୍ଗୁଡ଼ି ଚାଷକାର୍ଯ୍ୟକ୍ରମ ୧୯୯୧-୯୨ରେ ଆରମ୍ଭ କରାଯାଇଥିଲା, ଯାହାକି ମତ୍ସ୍ୟଚାଷୀମାନଙ୍କ ପାଖରେ ପସନ୍ଦ ଯୋଗ୍ୟ ହୋଇଥିଲା। କାରଣ ଉଭୟ ରାଜ୍ୟ ଓ ରାଜ୍ୟ ବାହରେ ଚିଙ୍ଗୁଡ଼ିର ଚାହିଦା ବୃଦ୍ଧି ପାଇଛି। ଚିଙ୍ଗୁଡ଼ି ଚାହିଦା ପୂରଣ ଦିଗରେ ଉନ୍ନତମାନର ମାଛ ବିହନ. ମାଛ ଉତ୍ପାଦନ ବୃଦ୍ଧି ଆଦି ପାଇଁ ଯତ୍ନବାନ ହୋଇ ସରକାରଙ୍କ ପକ୍ଷରୁ ପାଞ୍ଚଟି ବିଭାଗୀୟ ପ୍ରଜନନ କେନ୍ଦ୍ରରେ ବିହନ ପାଇଁ ସ୍ୱତନ୍ତ୍ର ଧାମ ଦିଆଯିବା ସହ ୨୯ଟି ପ୍ରଜନନ କେନ୍ଦ୍ରରେ ସରକାରୀ ସ୍ତରରେ ଚିଙ୍ଗୁଡ଼ି ଉତ୍ପାଦନ ଓ ୮୯ଟି ଘରୋଇ କେନ୍ଦ୍ରରେ ମଧ୍ୟ ଏଥିପ୍ରତି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ଚିଙ୍ଗୁଡ଼ି ବିହନ, ଚିଙ୍ଗୁଡ଼ି ଯାଆଁଳ, ଚିଙ୍ଗୁଡ଼ି ଉତ୍ପାଦନ ବୃଦ୍ଧି ପାଇଁ ବ୍ୟବସ୍ଥିତ ଢଙ୍ଗରେ ବିଭିନ୍ନ ପ୍ରକାରର ବ୍ୟବସ୍ଥା ହେବା ଫଳରେ ରାଜ୍ୟରେ ଚିଙ୍ଗୁଡ଼ି ବ୍ୟବସାୟ ଆଶାଜନକ ହୋଇପାରିଛି।

- ମତ୍ସ୍ୟପାଳନରେ ରାଜ୍ୟ ଜଳଭଣ୍ଡାର : ଏହି ଯୋଜନା ରାଜ୍ୟର ଜଳଭଣ୍ଡାରଗୁଡ଼ିକରେ ବ୍ୟବସ୍ଥିତ ଭାବେ ଉନ୍ନତମାନର ଜ୍ଞାନକୌଶଳ ସହ ମତ୍ସ୍ୟବିକାଶ ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି। ଏହି ନିତିର ଉଦ୍ଦେଶ୍ୟ ଘରୋଇ କ୍ଷେତ୍ରର ପୁଞ୍ଜିନିବେଶ, ଯାହାକି ରାଜ୍ୟର ବିଭିନ୍ନ ମୁକ୍ତ ଜଳଭଣ୍ଡାର ଓ ଅନ୍ୟାନ୍ୟ ଜଳାଶୟରେ ବୈଜ୍ଞାନିକ ଜ୍ଞାନ କୌଶଳ ସହାୟତାରେ ମତ୍ସ୍ୟଚାଷ କରାଯିବ। ଏହା ଫଳରେ ପ୍ରାୟ ଶହେ ଏକରରୁ ଅଧିକ ଅଞ୍ଚଳରେ ଘରୋଇ ଉଦ୍ୟମରେ ମାଛଚାଷ, ଚିଙ୍ଗୁଡ଼ି ଚାଷ କରାଯାଇ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଛି। ରାଜ୍ୟସରକାରଙ୍କ ମତ୍ସ୍ୟ ଓ ପଶୁସଂପଦ ଉନ୍ନୟନ ବିଭାଗ ମଧ୍ୟ OSC ଧାରା ୨୦୦୧ ଅଧିନରେ ପଞ୍ଜୀକୃତ ଧୀବର / ମତ୍ସ୍ୟଜୀବି ସମବାୟ ସମିତିମାନଙ୍କୁ ଜଳାଶୟଗୁଡ଼ିକୁ ପଟ୍ଟାସୂତ୍ରରେ ପ୍ରଦାନ କରି ମାଛ ବିହନ, ମାଛଯାଆଁଳ ଓ ମାଛ ଆଦିର ପରିମାଣ ବୃଦ୍ଧିପାଇଁ ସହ ଯୋଗର ହାତ ବଢାଇଛନ୍ତି। ରାଜ୍ୟରେ ମତ୍ସ୍ୟଚାଷ ବିକାଶରେ ଏହାର ଉଲ୍ଲେଖନୀୟ ପଦକ୍ଷେପ।

- ଲୁଣିଜଳ ମତ୍ସ୍ୟବିକାଶ ସଂସ୍ଥା (BWFDA) : ଚିଲିକା, ରାଜ୍ୟର ମୁଖ୍ୟ ଲୁଣିଜଳ ମତ୍ସ୍ୟର ଉତ୍ସ, ଯାହାକି ଗ୍ରୀଷ୍ମରେ ୯୦୬ ସ୍କୋୟାର କିଲୋମିଟର ଏବଂ ବର୍ଷାରେ ୧୧୬୫ ସ୍କୋୟାର କିଲୋମିଟର ଅଞ୍ଚଳ ପରିବ୍ୟାପ୍ତ ଏବଂ ଏଥିରେ ୨୨୩ ସ୍କୋୟାର କିଲୋମିଟର ଅଞ୍ଚଳର ଦ୍ୱୀପ ଅନ୍ତର୍ଭୁକ୍ତ। ଚିଲିକା ଅଞ୍ଚଳରେ ୧୩୨ ଧୀବର ଗ୍ରାମ ଅବସ୍ଥିତ, ଯେଉଁଥିରେ ୨୨ ହଜାର ୩୨ଟି ପରିବାର ବସବାସ କରନ୍ତି। ଚିଲିକା ହ୍ରଦ ଚାରିପଟେ ୧ଲକ୍ଷ ୪୪ ହଜାର ୩ ଶହ ଲୋକ ବସବାସ କରୁଥିବା ହିସାବରୁ ଜଣାଯାଏ। ଲୁଣିଜଳ ମାଛମାନଙ୍କର ମୁଖ୍ୟ ଉତ୍ସ ଚିଲିକା ହ୍ରଦ। ଏହା ଏସିଆ ମହାଦେଶର ସବୁଠାରୁ ବଡ ଲବଣାକ୍ତ ହ୍ରଦ। ଏହ ହ୍ରଦରେ ମାଛ ଧରିବା ପାଇଁ ୩୦ ହଜାର ୯୩୬ ଜଣ ଧୀବର ନିୟୋଜିତ ଥିବାବେଳେ ପଞ୍ଜୀକୃତ ଧୀବର

ସମବାୟ ସମିତି ମଧ୍ୟରୁ ୧୧୩ ଟି ଧୀବର ସମବାୟ ସମିତିର ୩୩ ହଜାର ୩୪୭ ଧୀବର ଅନ୍ତର୍ଭୁକ୍ତ। ଚିଲିକା ଆଖପାଖରେ ୨୭ଟି ସଂଗ୍ରହ କେନ୍ଦ୍ର ରହିଛି, ଯେଉଁଥିରେ ୨୦୧୨-୧୩ରେ ୧୨ ହଜାର ୧୪୮ ମେଟ୍ରିକଟନ ମାଛ / ଚିଙ୍ଗୁଡି ଏବଂ ୩୧୮.୫୮ ମେଟ୍ରିକ ଟନ କଙ୍କଡା ସଂଗୃହୀତ ହୋଇଥିଲା। ଲୁଣି ଜଳ ମତ୍ସ୍ୟ ବିକାଶ ସଂସ୍ଥା (BWFDA) ସାତଟି ଉପକୂଳ ଜିଲ୍ଲାରେ ପ୍ରତିଷ୍ଠିତ, ଯେଉଁସବୁ ଜିଲ୍ଲା ଲବଣ ଜଳ ସଂପଦଭରା।ରାଜ୍ୟରେ ସମୁଦାୟ ୪.୧୮ ଲକ୍ଷ ହେକ୍ଟର ପରିମିତ ଅଞ୍ଚଳ ଲବଣଜଳ ପୂର୍ଣ୍ଣ ଯେଉଁଥିରୁ କ ୩୨ ହଜାର ୫୮୭ ହେକ୍ଟର ଚିଙ୍ଗୁଡି ଚାଷ ପାଇଁ ଉପଯୁକ୍ତ।

- ସାମୁଦ୍ରିକ ମତ୍ସ୍ୟ : ରାଜ୍ୟରେ ଦେଶର ବେଳାଭୂମିରୁ ଶତକଡା ୬ ଭାଗ ଅଛି। ୨୦୧୨-୧୩ରେ ୧୧୮.୩୧ ହଜାର ମିଲିୟନ ଟନ ମାଛ କେବଳ ସାମୁଦ୍ରିକ ଅଞ୍ଚଳରୁ ସଂଗ୍ରହ କରାଯାଇଥିଲା, ଯେଉଁଥିରେ କି ଚିଙ୍ଗୁଡି, କ୍ୟାଟଫିସ ଓ ପାମ୍ଫଲେଟ ମୁଖ୍ୟ ପ୍ରଜାତି ଥିଲା। ରାଜ୍ୟରେ ୬୩ଟି ସାମୁଦ୍ରିକ ମତ୍ସ୍ୟ ସଂଗ୍ରହ କେନ୍ଦ୍ର ରହିଛି। ଓଡିଶା ସାମୁଦ୍ରିକ ମତ୍ସ୍ୟ ନିୟନ୍ତ୍ରଣ ଧାରା କାଯ୍ୟ୍ୟକାରି କରାଯାଇ ରାଜ୍ୟର ସାମୁଦ୍ରିକ ଅଞ୍ଚଳକୁ ସୁରକ୍ଷିତ ରଖାଯାଇଛି। ଧାମରା ମତ୍ସ୍ୟଜୀବୀମାନଙ୍କର କାର୍ଯ୍ୟ ସମାପ୍ତି ପରେ ତାହା ପରିଚାଳନା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାୃାଛି। ହାତବାରେଡି ଓ ବାଲୁଗାଁ କାର୍ଯ୍ୟ ନିର୍ମାଣାଧିନ ରହିଛି। ଉଭୟ ମଧୁରଜଳ ଓ ଲବଣ ଜଳ ଚିଙ୍ଗୁଡି ଚାଷ ଲାଭ ଓ ବୈଦେଶିକ ମୁଦ୍ରା ଦୃଷ୍ଟିରୁ ଆଶାଜନକ ସ୍ଥିତିରେ ପହଞ୍ଚିଛି। ପୁରୀଜିଲ୍ଲାର ଚନ୍ଦ୍ରଭାଗା ଓ ଗଞ୍ଜାମ ଜିଲ୍ଲାର ଗୋପାଳପୁରଠାରେ ସରକାରୀ ଚିଙ୍ଗୁଡି ଉତ୍ପାଦନ କେନ୍ଦ୍ର ସମେତ ଘରୋଇ ଉଦ୍ୟମରେ ଗୋପାଳପୁର, ପୁରୀ ଓ କୋଣାର୍କ ଅଞ୍ଚଳରେ ବାରଟି ଏଭଳି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ରାଜ୍ୟରେ ୧୦୫୨ଟି ପ୍ରାଥମିକ ଧୀବର ସମବାୟ ସମିତି ରହିଛି।
- ଦୁର୍ଘଟଣା ବୀମା ଯୋଜନା : ୧୯୮୩-୮୪ରେ ଆରମ୍ଭ ହୋଇଥରବା ଏହି ଯୋଜନାର ଲକ୍ଷ୍ୟ, ଧୀବରମାନଙ୍କର ଜୀବନ ବୀମା କରିବା। ଦୁର୍ଘଟଣାଜନିତ ମୃତ୍ୟୁ କିମ୍ବା ସଂପୂର୍ଣ୍ଣ ଅକ୍ଷମହେବା କାରଣରୁ ଏକ ଲକ୍ଷ ଟଙ୍କାର ଅନୁଦାନ ଏବଂ ଆଂଶିକ ଅକ୍ଷମତା ପାଇଁ ପଚାଶ ହଜାର ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା ରହିଛି। ଏହି ଆର୍ଥିକ ସହାୟତା, କାର୍ଯ୍ୟକ୍ରମ ଉଭୟ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସମପରିମାଣରେ ଅଂଶଧନ ପ୍ରଦାନ କରିଚାନ୍ତି।
- ସାମୁଦ୍ରିକ ମତ୍ସୟଜୀବୀମାନଙ୍କ ସୁରକ୍ଷା : ଏହି ଯୋଜନା, ପାରଂପରିକ ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କୁ ସୁରକ୍ଷା ପାଇଁ ତିନିହଜାର ଟଙ୍କା ପ୍ରତିଖଣ୍ଡ ଦରରେ ସୁରକ୍ଷା ଜ୍ୟାକେଟ ପ୍ରଦାନ କରାଯାଏ। ଏହି ବ୍ୟବସ୍ୟତା ଅନୁସାରେ ଏହି ଜ୍ୟାକେଟ ଦରର ଶତକଡା ୨୦ ଭାଗ ମତ୍ସ୍ୟଜୀବୀ ଜଣକ ବହନ କରୁଥରବା ବେଳେ ଅବଶିଷ୍ଟ ଅଶି ଶତକଡା କେନ୍ଦ୍ର ଓ ରାଜ୍ୟ ସରକାର ସମଭାଗରେ ପ୍ରଦାନ କରନ୍ତି।
- ମତ୍ସ୍ୟଜୀବୀ ଉନ୍ନୟନେ୍ୟାଜନା : ଏହି ଯେଜାନ ବଳରେ ମତ୍ସ୍ୟଜୀବୀ ଗୋଷ୍ଠୀର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ଏବଂ ମତ୍ସ୍ୟଜୀବୀ ମହିଳାମାନଙ୍କୁ ଆର୍ଥିକ ସହାୟତା ଦିଆଯାଇଥାଏ। ସକ୍ରିୟ ମତ୍ସ୍ୟଜୀବୀମାନଙ୍କର ଏକଶହ ପିଲାଙ୍କୁ ବୃତ୍ତି ଓ ଏକ ହଜାର ମହିଳା ମତ୍ସ୍ୟଜୀବୀଙ୍କୁ ବୃତ୍ତି ବା ଆର୍ଥିକ ସହାୟତା ଦେବାକୁ ପ୍ରସ୍ତାବ କରାଯାଇଛି।

- ଜାତୀୟ ମତ୍ସ୍ୟଜୀବୀ କଲ୍ୟାଣ ପାଣ୍ଠି ଅଧିନରେ ଅଳ୍ପମୂଲ୍ୟରେ ଗୃହ ଯୋଗାଣ : ଏହି କେନ୍ଦ୍ରୀୟ ଅଣୁଦାନ ପ୍ରାପ୍ତ ଯୋଜନା ୧୯୮୭-୮୮ରେ ଆରମ୍ଭ ହୋଇଥିଲା, ଯାହାକି ଗରିବ ମତ୍ସ୍ୟଜୀବୀମାନଙ୍କୁ ରହିବା ପାଇଁ ଭଲ ବାସଗୃହ ଯୋଗାଇବା ଲାଗି ଉଦ୍ଦିଷ୍ଟ। ଏହି ଯୋଜନା କ୍ରମରେ ପାଞ୍ଚ-ଆଦର୍ଶ ମତ୍ସ୍ୟଜୀବୀଗ୍ରାମ ପ୍ରତିଷ୍ଠା କରାଯାଇ ମତ୍ସୟଜୀବୀମାନଙ୍କୁ ପାନୀୟଜଳ ଆଦି ସୁବିଧାଥିବା ଉପଯୁକ୍ତ ବାସଗୃହ କମ୍ ମୂଲ୍ୟରେ ଯୋଗାଇ ଦିଆଯାଇଛି।
- ଓଡିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ (OPDC) : ମତ୍ସ୍ୟ ଉପେକ୍ଷତ୍ରରେ ଏହା ଏକମାତ୍ର ସରକାରଙ୍କ ଅଧିନସ୍ଥ ସଂସ୍ଥା। OPDC ଲକ୍ଷ୍ୟ, ମଧୁରଜଳ, ଲୁଣିଜଳ ଓ ଅନ୍ୟାନ୍ୟ ଜଳ ଉତ୍ସରୁ ମିଳୁଥିବା ମାଛ ବ୍ୟବସାୟ କରିବା। ରାଜ୍ୟର ଭଞ୍ଜନଗର, ସରମଙ୍ଗ, ଚିପିଲିମା, ବିନିକା ଓ ବ୍ୟାସନଗରରେ ଏହାର ଉତ୍ପାଦନ କେନ୍ଦ୍ର ଅଛି, ଯାହାକି ୧୦୩ ହେକ୍ଟର ପରିମିତ ଅଞ୍ଚଳ ପରିବ୍ୟାପ୍ତ ଏବଂ ଏସବୁଥିରୁ ୨୧କୋଟି ଚିଙ୍ଗୁଡି ଉତ୍ପାଦନର ସାମର୍ଥ୍ୟ ରହିଛି। ସେହିପରି ଭୁବନେଶ୍ୱରର କୌଶଲ୍ୟାଗାଙ୍ଗଠାରେ ୨୦ ଦଶ ମିଲିୟନ ମାଛ ବିହନ କ୍ଷମତା ଥିବା ଏକ କେନ୍ଦ୍ର ପ୍ରତଷ୍ଠା ହୋଇଛି। ୧୯୯୮ରୁ ଆରମ୍ଭ ହୋଇଥିବା OPDC ର କାର୍ଯ୍ୟ ପରିସର ବୃଦ୍ଧି ହେତୁ ଏହାକୁ ଚିଲିକା ଉନ୍ନୟନ ପରିଷଦ CDA ମଧ୍ୟ ସହଯୋଗ କରୁଛି। ମାଛ, ଚିଙ୍ଗୁଡି ଓ ଅନ୍ୟାନ୍ୟ ମତ୍ସ୍ୟସମ୍ବନ୍ଧୀୟ ବିକାଶରେ OPDC ପର୍ଯ୍ୟାପ୍ତ କାର୍ଯ୍ୟ କରୁଛି।
- ଫିସଫେଡ୍ : ରାଜ୍ୟର ସମସ୍ତ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସଂସ୍ଥାର ଏହା ସର୍ବୋଚ ସଂସ୍ଥା ଯାହାକି ଏହା ଅଧିନସ୍ଥ ସମସ୍ତ ସଦସ୍ୟଙ୍କ ସାମାଜିକ ଆର୍ଥିକ ସ୍ୱାର୍ଥ ଓ କଲ୍ୟାଣ ଦିଗରେ କାର୍ଯ୍ୟରତ। ଫିସଫେଡ ଅମୁମୋଦିତ ୩୬୨ଟି ପ୍ରାଥମିକ ମତ୍ସ୍ୟଜୀବୀ ସମାବାୟ ସଂସ୍ଥା PFCS ର ୧ ହଜାର ମତ୍ସ୍ୟଜୀବୀ ଓ ମହିଳା ସଦସ୍ୟ ଅଛନ୍ତି ଏହି ସର୍ବୋଚ୍ଚ ସଂସ୍ଥା ବିବିଧ କାର୍ଯ୍ୟରତ ଯଥା - ମାଛ ଉତ୍ପାଦ୍ୟର ବ୍ୟବସାୟ, ମାଛଚାଷ ପାଇଁ ସହଯୋଗ, ଚିଲିକାରେ ମାଛଚାଷ ପାଇଁ ପଟା ଦେବା ଓ ମାଛ ବିହନ ବ୍ୟବସ୍ଥା କରିବା ଇତ୍ୟାଦି। ୨୦୧୩-୧୪ରେ ଫିସଫେଡ ପକ୍ଷରୁ ଭୁବନେଶ୍ୱର ମହାନଗର ଅଞ୍ଚଳରେ ଜୀଅନ୍ତାମାଛ ବିକ୍ରି କରିବା ବ୍ୟବସ୍ଥା ହୋଇଛି। OCS ଧାରା ୧୯୬୨ ଅନୁଯାୟୀ ୧୯୮୯-୯୦ରେ ପଞ୍ଜୀକୃତ ହୁଇ ୧୯୯୧ରୁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ଆସୁଥିବା ଫିସଫେଡ, ମତ୍ସ୍ୟ, ମତ୍ସ୍ୟଜୀବୀ, ମତ୍ସ୍ୟଜୀବୀ ମହିଳା, ମତ୍ସ୍ୟଜୀବୀ ସମବାୟ ସମିତି ଆଦି ମତ୍ସ୍ୟ ଓ ମତ୍ସ୍ୟସମ୍ବନ୍ଧିୟ ସାମଗ୍ରୀକ ବିକାଶ ଦିଗରେ ଭୂମିକା ନିର୍ବାହ କରୁଛି। ଓଡିଶାର ରାଜଧାନୀ ଭୁବନେଶ୍ୱରଠାରୁ ଆରମ୍ଭ କରି ଚିଲିକା ହ୍ରଦ ଏବଂ ଓଡିଶାର ଅନ୍ୟାନ୍ୟ ଅଞ୍ଚଳରେମତ୍ସ୍ୟଜନିତ କାର୍ଯ୍ୟରେ ନିଜର ପ୍ରତ୍ୟେକ୍ଷ ଓ ପରୋକ୍ଷ ସହଯୋଗ କରି ରାଜ୍ୟରେ ମତ୍ସ୍ୟଚାଷର ବିକାଶ ଦିଗରେ ଏକ ଅଗ୍ରଣୀ ସଂସ୍ତା ହୋଇ ପାରିଛି। ମତ୍ସ୍ୟ ଓ ମତ୍ସ୍ୟଜୀବୀଙ୍କ ସାମୂହିକ ବିକାଶରେ ଫିସଫେଡ ର ଭୂମିକା ସର୍ବାଦୌ ଅଭିନନ୍ଦନୀୟ।

## ୧.୫ ବନୀକରଣ

ରାଜ୍ୟର ପରିବେଶ ସ୍ଥିରତା, ଅର୍ଥନୈତିକ ଅଭିବୃଦ୍ଧି ବିଶେଷତଃ ଜନଜାତିଙ୍କ ଜୀବିକାନିର୍ବାହରେ ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଓଡିଶାରେ ଜଙ୍ଗଲ ସଂପଦ ବେଶ ସମୃଦ୍ଧ। ପ୍ରାୟ ୫୮,୧୩୬ ସ୍କୋୟାର କିଲୋମିଟର ପରିମିତ ଅଞ୍ଚଳ ଜଙ୍ଗଲ ପରିପୂର୍ଣ୍ଣ, ଯାହାକି ରାଜ୍ୟର ସମୁଦାୟ ଭୌଗୋଳିକ ଅଞ୍ଚଳର ଶତକଡା

୩୭.୩୪ ଭାଗ। ରାଜ୍ୟରେ ମୁଣ୍ଡପିଛା ଜଙ୍ଗଲ ଅଞ୍ଚଳ ୦.୧୪ ହେକ୍ଟର, ଯାହାକି ସର୍ବଭାରତୀୟ ସ୍ତରରେ ୦.୦୬୪ ହେକ୍ଟର। ରାଜ୍ୟର ମୁଖ୍ୟତଃ ପୂର୍ବାଞ୍ଚଳ ଘାଟ କେନ୍ଦ୍ରାଞ୍ଚଳ ଓ ଉତ୍ତରାଞ୍ଚଳ ଭାରତରେ ଦେଖାଯାଉଥିବା ଷୋହଳ ପ୍ରକାରର ଜଙ୍ଗଲ ମଧ୍ୟରୁ ଚାରୋଟି ମୁଖ୍ୟ ଶ୍ରେଣୀର ଜଙ୍ଗଲ ଯଥା - ଗ୍ରୀଷ୍ମମଣ୍ଡଳୀୟ ଶୁଷ୍କ ପତ୍ରଝଡା ଜଙ୍ଗଲ (୫୭.୮୭%), ଗ୍ରୀଷ୍ମମଣ୍ଡଳୀୟ ପତ୍ରଝଡା ଜଙ୍ଗଲ (୩୯.୮୮%) ଗ୍ରୀଷ୍ମମଣ୍ଡଳୀୟ ଅର୍ଦ୍ଧଚିରହରିତ ଜଙ୍ଗଲ (୦.୬୮%) ଏବଂ ସନ୍ତସନ୍ତିଆ ହେନ୍ତାଳବନ (୦.୪୮%)।

ଜଙ୍ଗଲ ବାହାରେ ଚାରା ଓ ବୃକ୍ଷରୋପଣ ୨.୭୬% ଜମିରେ ହୋଇଥିବା ହିସାବରୁ ଜଣାଯାଏ। ରାଜ୍ୟରେ ରେକର୍ଡ ହୋଇଥିବା ୫୮,୧୩୬ ସ୍କୋୟାର କିଲୋମିଟର ଅଞ୍ଚଳର ଜଙ୍ଗଲରୁ ୨୬,୩୨୯ କିଲୋମିଟର (୪୫.୨%) ସଂରକ୍ଷିତ ଜଙ୍ଗଲ ୧୫,୫୨୫ ସ୍କୋୟାର କିଲୋମିଟର (୨୬.୭୦%) ସୁରକ୍ଷିତ ଜଙ୍ଗଲ ଓ ୧୬,୨୮୨ ସ୍କୋୟାର କିଲୋମିଟର (୨୮.୦୧ %) ଅଣଶ୍ରେଣୀଭୁକ୍ତ ଜଙ୍ଗଲ। ରାଜ୍ୟର ସମୁଦାୟ ଭୌଗୋଳିକ ଭୂଖଣ୍ଡର ୩୭.୩୪ % ଜଙ୍ଗଲ ଅଞ୍ଚଳ। ରାଜ୍ୟରେ ୭୦୬୦ ସ୍କୋୟାର କିଲୋମିତର ଅତିଘଞ୍ଚ ଜଙ୍ଗଲ ୨୧.୩୬୬ସ୍କୋୟାର କିଲୋମିଟର ସାମାନ୍ୟ ଘଞ୍ଚ ଜଙ୍ଗଲ ଓ ୨୦,୪୭୭ ସ୍କୋୟାର କିଲୋମିଟର ମୁକ୍ତ ଜଙ୍ଗଲ ରହିଛି। ଜଙ୍ଗଲ ବାହାରେ ବୃକ୍ଷଅଞ୍ଚଳ ଅଲଗା ଭାବେ ୪୩୦୧ ସ୍କୋୟାର କିଲୋମିଟର ଆକଳନ କରାଯାଇଛି। ରାଜ୍ୟରେ ଅତି ଘଞ୍ଚ ଜଙ୍ଗଲ (VDF) ୪.୫୩ %, ସାମାନ୍ୟ ଘଞ୍ଚଜଙ୍ଗଲ (MDF) ୧୩.୭୨%, ମୁକ୍ତଜଙ୍ଗଲ OF ୧୩.୭୫%, ଜଙ୍ଗଲ ବାହାରେ ବୃକ୍ଷଅଞ୍ଚଳ TOF ୨.୭୬% ଥିବାର ହିସାବ କରାଯାଇଛି। ବିଭିନ୍ନ ବର୍ଷ ରାଜ୍ୟର ଜଙ୍ଗଲ ଜମିକୁ ଆବଶ୍ୟକସ୍ଥଳେ ଅଣ-ଜଙ୍ଗଲ ବ୍ୟବହାର ଯଥା - ରାସ୍ତା, ନିର୍ମାଣ, ଶିଳ୍ପ ଆଦି ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଅନୁମୋଦନ କରାଯାଉଥିବାରୁ ଅନାବାଦୀ, ଅବ୍ୟବହୃତ, ଅଦରକାରୀ ଜମିରେ ବୃକ୍ଷରୋପଣ ସହ ବ୍ୟାପକ ବନୀକରଣ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ପଦକ୍ଷେପ ଗ୍ରହଣ କରାଯାଉଛି। ଓଡିଶା, ମଧ୍ୟପ୍ରଦେଶ ଓ ଛତିଶଗଡ ପରେ ତୃତୀୟ ବୃହତ୍ କେନ୍ଦୁପତ୍ର ଉତ୍ପାଦକ ରାଜ୍ୟ। ୨୦୧୨ରେ ପ୍ରାୟ ୪.୨୬ କୁଇଣ୍ଟାଲ କେନ୍ଦୁପତ୍ର ରାଜ୍ୟରେ ଉତ୍ପାଦିତ ହୋଇ ଥିଲା, ଯାହାକି ୧୪ ମିଲିୟନ ଦିନ-ମଜୁରି ରୋଜଗାର ଦେବାକୁ ସକ୍ଷମ ହୋଇଥିଲା। ୨୦୧୨ରେ ଉତ୍ପାଦିତ ପ୍ରାୟ ୯୩% କେନ୍ଦୁପତ୍ରର ବିକ୍ରୟମୂଲ୍ୟ ଥିଲା ୪୦୩.୬୯ କୋଟି ଟଙ୍କା। ଦେଶର ସମୁଦାୟ ବାଉଁଶ ଜଙ୍ଗଲର ଶତକଡା ୯ ଭାଗ ଓଡିଶାରେ ଅବସ୍ଥିତ। ସେହିଭଳି ଦେଶର ସମୁଦାୟ ୭% ବାଉଁଶ ଓଡିଶାରେ ଗଚ୍ଛିତ ଅଛି। ଓଡିଶାରେ ଉପଲବ୍ଧ ମୁଖ୍ୟ କାଠଗୁଡିକ ମଧ୍ୟରେ ଶାଳ, ପିଆଶାଳ, ବୀଜ ଓ ଶିଶୁ ଅନ୍ତର୍ଭୁକ୍ତ। ଓଡିଶା ବନ ଉନ୍ନୟନ ନିଗମ, ଯାହାକି ରାଜ୍ୟ ସରକାରଙ୍କ ଅଧିନସ୍ଥ ସଂସ୍ଥା, ରାଜ୍ୟ ଜଙ୍ଗଲ ବିଭାଗର ବାହୁ ଭାବେ କାର୍ଯ୍ୟ କରିଥାଏ। ଓଏଫଡିସିର କାର୍ଯ୍ୟ ମଧ୍ୟରେ କାଠ, କେନ୍ଦୁପତ୍ର, ବାଉଁଶ, ଶଳମଞ୍ଜି ଓ ଅନ୍ୟାନ୍ୟ ଅଣକାଠ ଜନିତ ଜଙ୍ଗଲ ସାମଗ୍ରୀ ବିକ୍ରୟ କରିବା ମୁଖ୍ୟ।

## ୧.୫.୧ ଜଙ୍ଗଲ ବିକାଶ ପାଇଁ ସରକାରୀ ପଦକ୍ଷେପ

ଜାତୀୟ ଜଙ୍ଗଲ ନୀତି ୧୯୮୮ ଏବଂ ବନୀକରଣ କାର୍ଯ୍ୟକ୍ରମ, ଜଙ୍ଗଲର ବିକାଶ ଦିଗରେ ପ୍ରୟାସରତ। ଏହି କ୍ଷେତ୍ରରେ ଓଡିଶାର ସ୍ଥିତି ଭଲ, ଯାହାକି ଜାତୀୟ ହାରଠାରୁ ବି ଅଧିକ। ରାଜ୍ୟ ସରକାର ଜଙ୍ଗଲ ନିୟନ୍ତ୍ରଣ

ଓ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । କିଛି ବିକାଶମୂଳକ ପଦକ୍ଷେପଗୁଡିକ ମଧ୍ୟରେ ଗ୍ରାମ୍ୟଜଙ୍ଗଲଗୁଡିକର ବିକାଶ ଏବଂ ସାମାଜିକ ଓ କୃଷି ବନୀକରଣର ପ୍ରଚଳନ । ଓଡିଶାରେ ୪୬ଟି ବନ ଉନ୍ନୟନ ସଂସ୍ଥା କାର୍ଯ୍ୟରତ । ଜାତୀୟ ବନୀକରଣ କାର୍ଯ୍ୟକ୍ରମ, ୩୩୮ ୨ ଭିଏସ୍‌ଏସ୍‌ଙ୍କ ସହଯୋଗରେ ରାଜ୍ୟରେ କାର୍ଯ୍ୟକାରି ହେଉଛି । ଶିଳ୍ପାୟନ ପାଇଁ ଜଙ୍ଗଲଜମିକୁ ଆବଶ୍ୟକ ସ୍ଥଳେ ହସ୍ତାନ୍ତର କରାଯାଇଥିଲେ ବଦଳରେ ସଂପୃକ୍ତ ଶିଳ୍ପସଂସ୍ଥା ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ପାହାଡିଆ ଅଞ୍ଚଳକୁ ବନୀକରଣ ଆଦି ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଚାଲୁ ରହିବା ଫଳରେ ଜଙ୍ଗଲର ବିକାଶ ସାଧିତ ହେଉଛି । କେନ୍ଦ୍ର ସରକାରଙ୍କ ସହାୟତା ଓ ରାଜ୍ୟ ସରକାରଙ୍କ ସହଯୋଗ ଫଳରେ ଜଙ୍ଗଲ ଜମିର ଉନ୍ନତି ସାଧନ ହେଉଛି ।

- ବନୀକରଣ ଯୋଜନା ୨୦୨୦ : ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ, ୨୦୨୦ ପାଇଁ ବନୀକରଣଙ୍କେଯାଜନାକୁ ଚୂଡାନ୍ତ କରିଛି, ଯାହାରକି ବୈଶିଷ୍ଟ୍ୟଗୁଡିକ ହେଉଛି

କ) ଜଙ୍ଗଲଜାତ ସାମଗ୍ରୀ ଓ କାଠର ବୃଦ୍ଧି କରିବା

ଖ) ଜୈବବିବିଧତା ସଂରକ୍ଷଣ କୌଶଳ ସମୂହ

ଗ) ଜଙ୍ଗଲ ନିୟନ୍ତ୍ରଣ ପାଇଁ ଉଚ୍ଚ ଅନୁଦାନ, ପୁଞ୍ଜିନିବେଶ, ବୀମା ଓ ଆର୍ଥିକ ସହାୟତା

- ଜଙ୍ଗଲ ଉନ୍ନୟନ କୌଶଳ ସମୂହ : ବନୀକରଣ କ୍ଷେତ୍ରରେ ଜଙ୍ଗଲ ନିୟନ୍ତ୍ରଣର ସୁବ୍ୟବସ୍ଥା ପାଇଁ କେତେଗୁଡିଏ ପଦକ୍ଷେପ ଗ୍ରହଣ କରାଯାଇଛି । ଯଥା -

କ) ଘଞ୍ଚଜଙ୍ଗଲଗୁଡିକର ସଂରକ୍ଷଣ, ସୁରକ୍ଷା ଓ ବିକାଶ

ଖ) ମୁକ୍ତ ଜଙ୍ଗଲଗୁଡିକର ନବୀକରଣ ଓ ବିକାଶ

ଗ) ବନୀକରଣ ଓ ପୁନଃଜଙ୍ଗଲ ପ୍ରଚଳନ

ଘ) ସଂରକ୍ଷିତ ଅଞ୍ଚଳଗୁଡିକରେ ଜୈବପର୍ଯ୍ୟଟନ ଓ ଜୈବ-ବିକାଶ

ଙ) ଜଙ୍ଗଲ ବିଭାଗର ସାମର୍ଥ୍ୟ ବୃଦ୍ଧି ସହ ଗ୍ରାମାଞ୍ଚଳସ୍ତରରେ ଜଙ୍ଗଲଗୁଡିକର ସୁରକ୍ଷା ଓ ପରିଚାଳନା ବଢାଇବା ।

ଓଡିଶା ବନୀକରଣ କ୍ଷେତ୍ରବିକାଶ ପ୍ରକଳ୍ପ OFSDP, ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ଏକ କାର୍ଯ୍ୟକ୍ରମ, ଯାହାକି ଜାପାନ ଅନ୍ତର୍ଜାତୀୟ ସହଯୋଗ ସଂସ୍ଥାର ଆର୍ଥିକ ସହାୟତାରେ ପରିଚାଳିତ । ଏହି ପ୍ରକଳ୍ପ ଅନ୍ତର୍ଗତ ମୁଖ୍ୟ କାର୍ଯ୍ୟକ୍ରମଗୁଡିକ ହେଉଛି କ୍ଷୟ ହେଉଥିବା ଜଙ୍ଗଲଗୁଡିକର ନବୀକରଣ, ବେଳାଭୂମି ବୃକ୍ଷରୋପଣ, ଜୈବ ବିବିଧତା ପରିଚାଳନା, ଗୋଷ୍ଠୀ, ଜନଜାତି ବିକାଶ ଓ ଜୀବିକା ବିକାଶ ଇତ୍ୟାଦି ।

- ଔଷଧୀୟବୃକ୍ଷ ସଂରକ୍ଷଣ କାର୍ଯ୍ୟକ୍ରମ : ରାଜ୍ୟସରକାରଙ୍କ ପକ୍ଷରୁ ଔଷଧୀୟ ବୃକ୍ଷଲତା ସଂରକ୍ଷଣ ପାଇଁ ନିମ୍ନୋକ୍ତ କାର୍ଯ୍ୟକ୍ରମଗୁଡିକ ହାତକୁ ନିଆଯାଇଛି ।

କ) ଦଶମୂଳା ପ୍ରଜାତିର ଔଷଧୀୟ ସଂପଦର ସଂରକ୍ଷଣ

ଖ) ଅଶୋକବୃକ୍ଷର ସଂରକ୍ଷଣ ଓ ବ୍ୟବହାର

ଗ) ପାତ୍ରପଡାଠାରେ ଔଷଧୀୟ ବୃକ୍ଷ ଜ୍ଞାନକେନ୍ଦ୍ର ପ୍ରତିଷ୍ଠାପୂର୍ବକ ବନସଂରକ୍ଷକ ଆଗ୍ରହୀବ୍ୟକ୍ତିବିଶେଷଙ୍କୁ ଔଷଧୀୟ ବୃକ୍ଷଲତାର ଗୁଣ ଓ ବ୍ୟବହାର ବିଷୟରେ ଅବଗତ କରାଇବା

ଘ) ବିନ୍ଦୁସାଗରଠାରେ ଏକାମ୍ରବନ

ଙ) ବିନ୍ଦୁସାଗରସ୍ଥିତ ଏକାମ୍ରବନର ଏକାମନ୍ରଉଦ୍ୟାନ ସମାଜ ଦ୍ୱାରା ବିକାଶ

ଚ) ଓଡିଶା ରାଜ୍ୟ ବନସ୍ପତି ବନ ସମାଜ ପ୍ରତିଷ୍ଠା

- ଜଗନ୍ନାଥବନ ପ୍ରକଳ୍ପ : ୨୦୦୦-୦୧ରେ ଆରମ୍ଭ ହୋଇଥିବା ଏହି ଯୋଜନା ଅନୁସାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ତିନିଠାକୁରଙ୍କ ରଥ ତିଆରିରେ ଆବଶ୍ୟକ ହେଉଥିବା ରଥକାଠ ଯୋଗଇ ଦିଆଯାଉଛି । ଏଥିରେ ସ୍ଥାନୀୟ ଜନସାଧାରଣ ସକ୍ରିୟ ସହଯୋଗ କରୁଛନ୍ତି । ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥ ନିର୍ମାଣରେ ପ୍ରତେୟକ ବର୍ଷ ଯେଭଳି କାଠର ଅଭାବ ନ ହୁଏ, ତାହାକୁ ଗୁରୁତ୍ୱ ଦିଆଯାଇ ଏହି ଜଗନ୍ନାଥ ବନ ପ୍ରକଳ୍ପ ଆରମ୍ଭ କରାଯାଇଥିଲା ଏବଂ ଏହା ସଫଳ ହୋଇଛି ।

- ଯୁଗ୍ମଜଙ୍ଗଲ ପରିଚାଳନା (JFM) : ଜଙ୍ଗଲ ଓ ଏହାର ଆଖପାଖରେ ବସବାସ କରୁଥିବା ଜନସାଧାରଣଙ୍କ ସହୟତାରେ ରାଜ୍ୟସରକାର ୧୯୮୮ ମସିହାରେ ସଂରକ୍ଷିତ ଓ ସୁରକ୍ଷିତ ଜଙ୍ଗଲଗୁଡିକର ପରିଚାଳନା ପାଇଁ ଯୁଗ୍ମ ଜଙ୍ଗଲ ପରିଚାଳନା ବ୍ୟବସ୍ଥା ପ୍ରଚଳ କରିଥିଲେ, ଯାହା ଥିଲା ଦେଶରେ ପ୍ରଥମ । ଜଙ୍ଗଲ ଜନିତ ସମସ୍ୟାସବୁ ଦୃଷ୍ଟିରେ ରଖି ୨୦୦୫ରେ ୧୧୯୯ଟି ଯୁଗ୍ମଜଙ୍ଗଲ ପରିଚାଳନା କମିଟି ଦ୍ୱାରା ପ୍ରାୟ ଶତକଡା ୧୪ଭାଗ ଜଙ୍ଗଲ ଅଞ୍ଚଳର ପରିଚାଳନା କରାଯାଇ ପାରିଥିଲା । ୨୦୧୨-୧୩ ଶେଷ ସୁଦ୍ଧା ରାଜ୍ୟରେ ୧୨ ହଜାର ୧୬୬ଟ ବନ ସୁରକ୍ଷା ସମିତି (VSS) ଗଠିତ ହୋଇଥିଲା । ଏତଦ୍‌ବ୍ୟତୀତ, ଜଙ୍ଗଲ ଓ ଆକପାଖରେ ସୁରକ୍ଷା କାର୍ଯ୍ୟକ୍ରମ ପାଇଁ ECO ବିକାଶ ସମିତି ଗଠନ କରାଯାଇଛି ।

- ବାଉଁଶ କ୍ଷେତ୍ର ବିକାଶ : ରାଜ୍ୟ ସରକାର ବାଉଁଶ କ୍ଷେତ୍ରର ବିକାଶ ପାଇଁ ରାଜ୍ୟସ୍ତରରେ ଓଡିଶା ବାଉଁଶ ବିକାଶ ସଂସ୍ଥା (OBDA) ଓ ଜିଲ୍ଲାସ୍ତରରେ ବାଉଁଶ ବିକାଶ ସଂସ୍ଥା (DBDA) ପ୍ରତିଷ୍ଠା କରିଛନ୍ତି । ଓବିଡିଏ ୨୦୦୬-୦୭ରେ ଆରମ୍ଭ ହୋଇଥିଲା, ଯାହାକି ୨୦୧୨ ଶେଷସୁଦ୍ଧା ଉଭୟ ସରକାରୀ ଓ ଘରୋଇ ଜମିରେ । ୮୨୪୦ ହେକ୍ଟର ବାଉଁଶ ଜମି କରିବାରେ ସହାୟକ ହୋଇଛି ।

- ଜୈବ ପର୍ଯ୍ୟଟନ : ରାଜ୍ୟରେ ଥିବା ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନଗୁଡିକର ଭିତରେ ଓ ବାହାରେ ବହୁ ଜୈବ ପର୍ଯ୍ୟଟନ କ୍ଷେତ୍ର ରହିଛି । ଚିହ୍ନଟ ହୋଇଥିବା କ୍ଷେତ୍ରଗୁଡିକ ମଧ୍ୟରେ ୧) ଚିଲିକା, ୨) ଭିତରକନିକା, ୩) ଶିମିଳିପାଳ, ୪) ଦେବ୍ରିଗଡ, ୫) ଫୁଲଡିହ, ୬) ଅଂଶୁପା, ୭) ମହାବିନାୟକ ଅନ୍ତର୍ଭୁକ୍ତ । ୨୦୧୨-୧୩ ରେ ଘୁମୁସର ଉତ୍ତର ଖଣ୍ଡରେ ସାଲିଆପଲ୍ଲୀ ନୂଆ ଜୈବ ପର୍ଯ୍ୟଟନ କ୍ଷେତ୍ର ବିକଶିତ ହୋଇଛି ।

- ଜଙ୍ଗଲ ଉତ୍ପାଦନ ଓ ପରିଚାଳନା : ଜନସଂଖ୍ୟା ବୃଦ୍ଧି ହେତୁ ଜଙ୍ଗଲଗୁଡିକରେ ଉଭୟ ବନଜାତ ସାମଗ୍ରୀ ଓ ବାସସ୍ଥାନଜନିତ ଉଦ୍‌ବେଗଜନମ ସମସ୍ୟା ଦେଖାଯାଉଛି । ପରିବେଶ ସନ୍ତୁଳନ ରକ୍ଷାରେ ଜଙ୍ଗଲ ଓ

ବଣ୍ୟପ୍ରାଣୀ ବୃଦ୍ଧି ନିତାନ୍ତ ଆବଶ୍ୟକ । ରାଜ୍ୟ ୨୮୧ଟି ରେଞ୍ଜ, ୧୦୦୧ଟି ସେକ୍ସନ ଓ ୩୬୭୪ଟି ବିଟରେ ବିଭକ୍ତ ହୋଇଛି । ହାରାହାରି ଜଙ୍ଗଲ ଅଞ୍ଚଳ ବିଟ ପିଛା ୧୫.୮୨ ସ୍କୋୟାର କିଲୋମିଟର ଜଙ୍ଗଲ ସେକ୍ସନ ପିଛା ୫୮.୭ ସ୍କୋୟାର କିଲୋମିଟର ଓ ରେଞ୍ଜ ପିଛା ୨୦୬.୮୮ ସ୍କୋୟାର କିଲୋମିଟର ବୋଲି ଆକଳନ କରାଯାଇଛି । ଏସବୁ ଦୃଷ୍ଟିରୁ ଜଙ୍ଗଲର ସୁପରିଚାଳନା ଜରୁରୀ ହୋଇପଡିଛି । ଜଙ୍ଗଲ ସୁରକ୍ଷା ପାଇଁ ନିମ୍ନଲିଖିତ ପଦକ୍ଷେପ ଗୁଡିକ ନେବାର ଆବଶ୍ୟକତା ରହିଛି ।

୧) ୨୦୮ଟି ଜଙ୍ଗଲ ସୁରକ୍ଷା ଗେଟ ପ୍ରତିଷ୍ଠା କରାଯାଇ ରାଜ୍ୟବ୍ୟାପୀ ବିପଦ ଶଙ୍କା ଥିବା ଟ୍ରାଞ୍ଜିଟ ସ୍ଥାନଗୁଡିକରେ କଡା ପଦକ୍ଷେପ ଗ୍ରହଣ କରାଯିବା ।

୨) ଦଶଜଣ ଲେଖାଏଁ ସ୍ଥାନୀୟ ଯୁବକଙ୍କ ସହ ୨୭୬ଟି ଜଙ୍ଗଲ ସୁରକ୍ଷା ସ୍କ୍ୱାର୍ଡ ଗଠନ କରି ସେମାନଙ୍କୁ ବିଭିନ୍ନ ଜଙ୍ଗଲ ଡିଭିଜନରେ ନିୟୋଜିତ କରିବା ।

୩) ଜଙ୍ଗଲସୁରକ୍ଷା କର୍ମଚାରୀଙ୍କୁ ସହଯୋଗ ପାଇଁ ରାଜ୍ୟର ୧୯ଟି ଜଙ୍ଗଲ ଡିଭିଜନରେ ୧୯ APR ୟୁନିଟ ନିୟୋଜିତ କରିବା ।

୪) ରାଜ୍ୟରେ ଏଯାବତ ୧୨୧୬୬ VSS ଅବସ୍ଥାପିତ ହୋଇ ସମୁଦାୟ ୧୧ ହଜାର ୫୪୭ ସ୍କୋୟାର କିଲୋମିଟର ଜଙ୍ଗଲ ଜମି ସୁରକ୍ଷା ଦାୟିତ୍ୱ ସେମାନଙ୍କୁ ଦିଆଯାଇଛୀ, ଏହାଛଡା ସଂରକ୍ଷିତ କ୍ଷେତ୍ରଗୁଡିକରେ ସୁରକ୍ଷା ସଂକ୍ରାନ୍ତ କାର୍ଯ୍ୟପାଇଁ ୪୬୩ ଜୈବ ବିକାଶ ଗୋଷ୍ଠୀ ଗଠନ କରାଯାଇଛି ।

୫) ଜଙ୍ଗଲ ସୁରକ୍ଷା କର୍ମଚାରୀ, ସୂଚନା ପ୍ରଦାନକାରୀ, ସାଧାରଣ ବ୍ୟକ୍ତିବିଶେଷଙ୍କୁ ସକରାଙ୍କ ପକ୍ଷରୁ ପୁରସ୍କୃତ କରିବା ବ୍ୟବସ୍ଥା ସହ ୨୦୦୪ ଜଙ୍ଗଲ ଉଲ୍ଲଘଂନ ଆଇନ ବଳରେ ଜଙ୍ଗଲ ସୁରକ୍ଷାରେ ସମସ୍ତଙ୍କ ସହଯୋଗ ପାଇଁ ଉତ୍ସାହିତ କରିବା ।

- ବଣ୍ୟପ୍ରାଣୀ, ଜୀବଜଗତ ଏବଂ ପରିବେଶ : ଓଡିଶାରେ ୧୯ଟି ବଣ୍ୟପ୍ରାଣୀ ଅଭୟାରଣ୍ୟ ରହିଛି, ଯାହାକି ୮ ହଜାର ୩୫୨ ସ୍କୋୟାର କିଲୋମିଟର ଅଞ୍ଚଳ ପରିବ୍ୟାପ୍ତ । ଏଠାରେ ଗୋଟିଏ ଜାତୀୟ ଉଦ୍ୟାନ ଭିତର କନିକା, ଯାହାକି ୧୪୫ ସ୍କୋୟାର କିଲୋମିଟର ପର୍ଯ୍ୟନ୍ତ ପ୍ରସାରିତ । ଢେଙ୍କାନାଳ ଜିଲ୍ଲାର କପିଳାସ ବଣ୍ୟପ୍ରାଣୀ ଅଭୟାରଣ୍ୟ । ରାଜ୍ୟରେ ବାଘ ଓ ହାତୀ ଅଭୟାରଣ୍ୟ ଅଲଗା ଭାବେ ରହିଛି । ଭିତରକନିକା ଜାତୀୟ ଉଦ୍ୟାନ ଏବଂ ଶିମିଳିପାଳ ଜାତୀୟ ଉଦ୍ୟାନ (ପ୍ରସ୍ତାବିତ) ବୈଶିଷ୍ଟ୍ୟ ଦୃଷ୍ଟିରୁ ପରସ୍ପରଠାରୁ ସମ୍ପୂର୍ଣ୍ଣ ଅଲଗା । ରାଜ୍ୟରେ ଥିବା ଦୁଇଟି ବ୍ୟାଘ୍ର ଅଭୟାରଣ୍ୟ ହେଉଛି ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ, ଯାହାକି ମୟୂରଭଞ୍ଜ ଜିଲ୍ଲାରେ ଅବସ୍ଥିତ ଏବଂ ଅନ୍ୟଟି ଅନୁଗୁଳ ଜିଲ୍ଲାସ୍ଥିତ ସାତକୋଶିଆ ବ୍ୟାଘ୍ରଅଭୟାରଣ୍ୟ ହାତୀମାନଙ୍କର ଗମନାଗମନକୁ ଅନୁଧ୍ୟାନ କରିବା ପାଇଁ ଚନ୍ଦକାର ଅଭୟାରଣ୍ୟ ଏବଂ ଡମପଡା ଅବୟାରଣ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏତଦବ୍ୟତୀତ ତିନୋଟି ହସ୍ତୀସଂରକ୍ଷଣ ଅଞ୍ଚଳ ମୟୂରଭଞ୍ଜ ER ଏବଂ ସମ୍ୱଲପୁର ER ଓଡିଶାରେ ୨୦୦୧-୦୨ ମସିହାରୁ କାର୍ଯ୍ୟକାରି ହୋଇଛି ।

୨୦୧୨-୧୩ରେ ଭିତରକନିକା ନଦୀବ୍ୟବସ୍ଥାରେ ୧୬୬୧ଟି ଲବଣ ଜଳକୁମ୍ଭିର ମିଳିଥିବାବେଳେ ମହାନଦୀର ସାତକୋଶିଆରେ ୨୦୪ଟି ମଗର ମିଳୀଥିଲା। ଶିମିଳିପାଳ, ଗଞ୍ଜାମ ଜିଲ୍ଲାର ଘୋଡାହାଡ, ଜଳାଶୟରେ ମକ୍କୁମ୍ଭୀର ଠାବ କରାଯାଇଥିଲା।

ସେହିପରି ଗହୀରମଥା ଅଭୟାରଣ୍ୟ, ଋଷିକୁଲ୍ୟା ଓ ଦେବୀଘାଟରେ ସାମୁଦ୍ରିକ କଇଁଛ ଅଳିଭରିଡେଲେର ସମୂହ ଅଣ୍ଡାଦାନ ଓଡିଶାର ଏକ ଆକର୍ଷଣ।

୨୦୧୨-୧୩ ରେ ଚିଲିକା ହ୍ରଦରେ ୧୫୨ଟି ଡଲଫିନ୍ ଥିଲା, ଚିଲିକା, ଭିତରକନିକା ଓ ରାଜ୍ୟର ଅନ୍ୟ ଜଳାଶୟ, ଝରଣା ଆଦି ଅଞ୍ଚଳ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରେ। ଚିଲିକାକୁ ପ୍ରତିବର୍ଷ ବିଦେଶାଗତ ପ୍ରାୟ ୭.୫ ଲକ୍ଷ ପକ୍ଷୀ ଆଗମନ କରିଥାନ୍ତି। ଚିଲିକାର ନଳବନ ପକ୍ଷୀ ଅଭୟାରଣ୍ୟ ଏହି କାରଣରୁ ପର୍ଯ୍ୟଟକମାନଙ୍କର ଏକ ଆକର୍ଷଣକ୍ଷେତ୍ର। ରାଜ୍ୟସରକାରଙ୍କ ତରଫରୁ ବିଭିନ୍ନ ସମୟରେ ବଣ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ସହ ଜୀବଜଗତ ସ୍ଥିରତା ଓ ପରିବେଶ ସନ୍ତୁଳନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।

- ଓଡିଶାପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (OPCB) : ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପରିବେଶ ଧାରା, ପ୍ରଦୂଷଣ ନିୟନ୍ତ୍ରଣ ନିୟମାବଳୀ ଓ ଆଇନ ଆଦିର କାର୍ଯ୍ୟକାରିତା ଦିଗରେ ଭୂମିକା ନିର୍ବାହ କରେ। ଏହା ଜଳ (PCP) ଧାରା ୧୯୭୪, ବାୟୁ (PCP) ଧାରା ୧୯୮୧, WATER CESS ଧାରା ୧୯୭୭ ଏବଂ ପରିବେଶ (ସଂରକ୍ଷଣ) ଧାରା ୧୯୮୬ର ବିଭିନ୍ନ ନିୟମ ଓ ବିଜ୍ଞପ୍ତି ଅନୁସାରେ ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ କରିବା କାର୍ଯ୍ୟ କରୁଛି।
- ଓଡିଶା ରାଜ୍ୟ ଜୋନ୍ ନିୟନ୍ତ୍ରଣ ପରିଚାଳନା କର୍ତ୍ତୃପକ୍ଷ : ଭାରତ ସରକାରଙ୍କ ଦ୍ୱାରା ଓଡିଶା ରାଜ୍ୟ ଜୋନ ନିୟନ୍ତ୍ରଣ ପରିଚାଳନା କର୍ତ୍ତୃପକ୍ଷ ଗଠନ କରାଯାଇଛି, ଯାହାକି ବେଳାଭୂମି ଅଞ୍ଚଳ ପରିଚାଳନା ଯୋଜନା ସହ ଏ ନେଇଥିବା ନିୟମାବଳୀର ଉଲ୍ଲଙ୍ଘନକୁ ଅନୁଧାନ କରି ବିହିତ ପଦକ୍ଷେପ ଗ୍ରହଣ କରିଥାଏ।
- ଓଡିଶା ପରିବେଶ ପରିଚାଳନା ପାଣ୍ଠି (OEMF) : ଓଡିଶା ପରିବେଶ ପରିଚାଳନା ପାଣ୍ଠି ଗୋଟିଏ ଟ୍ରଷ୍ଟ, ଯାହାକି କ୍ଷୟପ୍ରାପ୍ତ ପରିବେଶର ନବୀକରଣ ଆଦିରେ ସହାୟତା ପ୍ରଦାନ କରେ।
- ପରିବେଶ ଅଧ୍ୟୟନ କେନ୍ଦ୍ର (CES) : ପରିବେଶ ଅଧ୍ୟୟନ କେନ୍ଦ୍ର ଏକ ପଞ୍ଜୀକୃତ ସଂସ୍ଥା, ଯାହାର ମୁଖ୍ୟ ଲକ୍ଷ୍ୟ ରାଜ୍ୟରେ ପରିବେଶ ସଚେତନତା ସୃଷ୍ଟି କରିବା। ପରିବେଶ ସୁରକ୍ଷା ପାଇଁ ରାଜ୍ୟସରକାରଙ୍କ ପକ୍ଷରୁ ପ୍ରକୃତିମିତ୍ର, ପ୍ରକୃତିବନ୍ଧୁ ପୁରସ୍କାର ସ୍ୱେଚ୍ଛାସେବୀ ସଂସ୍ଥା / ଗ୍ରାମ . ଜାତୀୟ ପ୍ରତିଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଉଛି। ସେହିପରି "ବିଶ୍ୱ ବନ ଦିବସ" ଅବସରରେ ପ୍ରତ୍ୟେକ ବର୍ଷ ରାଜ୍ୟ ବନପୁରସ୍କାର ବନୀକରଣ, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ପାଇଁ ଗ୍ରାମପଞ୍ଚାୟତ, ଶିକ୍ଷାନୁଷ୍ଠାନ ଓ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରାଯାଏ। ବିଜୁ ପଟ୍ଟନାୟକ ପୁରସ୍କାର ବଣ୍ଯପ୍ରାଣୀ ସଂରକ୍ଷଣ ପାଇଁ ପ୍ରଦାନ କରାଯାଉଛି, ଯାହାକି ଏହି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦତ୍ତ।

## ୧.୬ ଶିଳ୍ପକ୍ଷେତ୍ର

ରାଜ୍ୟର ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଶିଳ୍ପକ୍ଷେତ୍ରର ବିକାଶ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ଓଡିଶାରେ କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଶିଳ୍ପ ଉଦ୍ୟୋଗର ବିକାଶ ସହ ଶିଳ୍ପଜନିତ ଅନ୍ୟାନ୍ୟ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଓ ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ୟରେ ଶିଳ୍ପ ବାତାବରଣ ସୃଷ୍ଟି ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଖଣିଜ ସଂପଦଭରା ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ରାଜ୍ୟର ବିକାଶ ସହ ଅର୍ଥନୈତିକ ଅଭିବୃଦ୍ଧି ଓ ଜୀବିକା ଉନ୍ନତିରେ ସହାୟକ। ଶିଳ୍ପକ୍ଷେତ୍ରକୁ ନିର୍ମାଣ, ଖଣି ଏବଂ ଖନନ, ବିଦ୍ୟୁତ୍ଶକ୍ତି ଗ୍ୟାସ ଏବଂ ଜଳ ଯୋଗାଣ ଖନନରେ ବିଭକ୍ତ କରାଯାଇପାରେ।

### ୧.୬.୧ ନିର୍ମାଣ

ଓଡିଶା, ନିର୍ମାଣକ୍ଷେତ୍ରରେ କମ୍ପାନୀଗୁଡିକ ପାଇଁ ପସନ୍ଦର ସ୍ଥାନ, ବିଶେଷ କରି ଖଣି ଆଧାରିତ ଶିଳ୍ପ ଜନିତ ନିର୍ମାଣ ପାଇଁ ଓଡିଶାକୁ ଅଗ୍ରାଧିକାର ଦିଆଯାଉଛି। ଏହି କାରଣରୁ ଓଡିଶା ସହ ବହୁ ନାମୀଦାମୀ କଂପାନୀ ଇସ୍ପାତ, ଆଲୁମିନିୟମ, ସିମେ ଓ ଶକ୍ତି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷର କରୁଛନ୍ତି। ନିର୍ମାଣ ଉପକ୍ଷେତ୍ର ପୁଣି ଦୁଇଭାଗରେ ବିଭକ୍ତ ପଞ୍ଜୀକୃତ ଓ ଅନପଞ୍ଜୀକୃତ ଅଥବା ପ୍ରଚଳିତ ଓ ଅପ୍ରଚଳିତ ନିର୍ମାଣ। ପଞ୍ଜୀକୃତ ନିର୍ମାଣ, ସମୁଦାୟ ନିର୍ମାଣ କ୍ଷେତ୍ରର ଶତକଡା ୮୮ ଭାଗ ଏବଂ ଏହା ସମୟାନୁସାରେ ବୃଦ୍ଧି ପାଉଛି। ଅଣପଞ୍ଜୀକୃତ ନିର୍ମାଣ କ୍ଷେତ୍ରରେ ରୋଜଗାରର ସୁବିଧା ଅଧିକ ଥିବାରୁ ଏହାର ଗୁରୁତ୍ୱ ବେଶୀ। ପୁଞ୍ଜିନିବେଶ ଅଧାରରେ ଓଡିଶାରେ ଶିଳ୍ପକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଏ।ଯଥା - ବୃହତ୍ ଭାରୀ ଶିଳ୍ପ, ବୃହତ୍ ଶିଳ୍ପ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ହସ୍ତଶିଳ୍ପ ଓ କୁଟୀରଶିଳ୍ପ ଏବଂ ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପ, ବୃହତ୍ ଶିଳ୍ପଗୁଡିକ ଭାରୀ ଅଥବା ଇସ୍ପାତ୍, ସିମେ, ଆଲୁମିନିୟମ, ଫେରୋମାଙ୍ଗାନିଜ, ସାର, ରାସାୟନିକ , ବିମାନ ସମ୍ବନ୍ଧୀୟ ସାମଗ୍ରୀ, ଭାରୀଜଳ, ବସ୍ତ୍ର, ସେରାମିକ କାଠି ଓ କାଗଜ ଆଦି ଉତ୍ପାଦନ କରୁଥିବା ଶିଳ୍ପ। ଓଡିଶାର ଅଧିକାଂଶ ବୃହତ୍ ଶିଳ୍ପ ଝଣିଜ ଆଧାରିତ। ଓଡିଶାରେ ଇସ୍ପାତଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ। ସମଗ୍ର ଦେଶର ଇସ୍ପାତ ଉତ୍ପାଦନର ଶତକଡା ୧୦ ଭାଗ ଓଡିଶାର ଅବଦାନ, ସେହିଭଳି ଦେଶରେ ଗଚ୍ଛିତ ଲୁହାପଥରର ଶତକଡା ୨୫ ଭାଗ ଓଡିଶାରେ ଗଚ୍ଛିତ। ରାଉରକେଲା ଇସ୍ପାତ କାରଖାନା, ଓଡିଶାର ସର୍ବପୁରାତନ ଇସ୍ପାତ କାରଖାନା। ରାଜ୍ୟରେ ଥିବା ଅନ୍ୟନ୍ୟ ଗୁରୁତ୍ୱପୂର୍ଣ୍ଣ ଇସ୍ପାତ କାରଖାନା ମଧ୍ୟରେ ବେଦାନ୍ତ, ଜିନ୍ଦଲ, ଟାଟା, ଏସାର, ଭୂଷଣ ଶକ୍ତି ଓ ଇସ୍ପାତ କାରଖାନା ଅନ୍ତର୍ଭୁକ୍ତ। ଆଲୁମିନିୟମ ଉତ୍ପାଦନରେ ଓଡିଶା, ଭାରତରେ ପ୍ରଥମ। ଆଲୁମିନିୟମ ଉତ୍ପାଦନ ସାମର୍ଥ୍ୟ ଓ ପ୍ରକୃତ ଉତ୍ପାଦନ ଦୃଷ୍ଟିରୁ ଓଡିଶାକୁ ଏହି ସ୍ଥାନ ମିଳିଛି। ବେଦାନ୍ତ ଆଲୁମିନିୟମ୍ ଲିମିଟେଡ୍ (VAL) ଓ ନ୍ୟାସନାଲ ଆଲୁମିନିୟମ କଂପାନୀ (NALCO) ମିଳିତ ଭାବେ, ଦେଶର ପଚାଶ ଭାଗ ଆଲୁମିନିୟମ ଉତ୍ପାଦନ କରନ୍ତି।

- ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (MSME) : ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ଦେଶର ବିକାଶରେ ଇଞ୍ଜିନ ସଦୃଶ ଅଭିହିତ କରାଯାଏ, ଯାହାକି ରୋଜଗାର ସୃଷ୍ଟି ସହ ଜାତୀୟ ଆୟର ବଣ୍ଟନରେ ସମାନତା,

ଘରୋଇ ପୁଞ୍ଜିନିବେଶ ଓ କୁଶଳତା ପ୍ରୟୋଗ ଆଦିରେ ସହାୟକ ହୋଇଥାଏ । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବିକାଶ କେବଳ ରୋଜଗାର ସୁଯୋଗ ସୃଷ୍ଟି ପାଇଁ ନୁହେଁ, ବରଂ ରାଜ୍ୟରେ ଶିଳ୍ପ କ୍ଷେତ୍ରକୁ ଅବଦାନ ଦୃଷ୍ଟିରୁ ସମ୍ଭବ । ରାଜ୍ୟରେ ଥିବା MSME ମଧ୍ୟରୁ ଅଧିକାଂଶ ସଂଖ୍ୟକ ମରାମତି ଓ ସେବାଭିତ୍ତିକ (୩୪.୩%) । ସେହିପରି ଖାଦ୍ୟ ଓ ସଂଯୁକ୍ତ କ୍ଷେତ୍ରରେ ୨୧.୫% ଏବଂ ପୁଞ୍ଜିନିବେଶ ୨୭.୧୬% ହୋଇଥିବା ହିସାବରୁ ଜଣାଯାଏ । ରୋଜଗାର ଦେବାରେ ଏହା ଦ୍ୱିତୀୟ ବୃହତ୍ କ୍ଷେତ୍ର (୨୦.୧୧%) ଏହା ପଛକୁ କାଚ ଓ ସେରାମିକ ଉପକ୍ଷେତ୍ର (୧୯.୮%) ରହିଛି । MSME ରେ ରୁଗ୍ଣଶିଳ୍ପ ଏକ ମୁଖ୍ୟ ସମସ୍ୟା । ସେଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ବିଭିନ୍ନ ପ୍ରକାରର ଆର୍ଥିକ ରିହାତି ଯଥା ୧) ଜମିରେ ରିହାତି, ପୁଞ୍ଜି ନିବେଶରେ ରିହାତି, ୩) ସୁଧହାରରେ ରିହାତି, ୪) ବିଦ୍ୟୁତ୍ ରିହାତି ଏବଂ ଖର୍ଚ୍ଚ ଭରଣାରେ ରିହାତି ସହ ପ୍ରାୟ ପଚାଶ ଭାଗ ରିହାତି ଦିଆଯାଇଥାଏ ।

- କତାଶିଳ୍ପ : ଓଡିଶାରେ ପ୍ରାୟ ୪୮୦ କିଲୋମିଟରର ବେଳାଭୂମି ରହିଛି । ଏହା ଭାରତର ଏକ ପ୍ରମୁଖ ନ୍ଡିଆ ଉତ୍ପାଦନକାରୀ ରାଜ୍ୟ, ଯାହାକି ସମଗ୍ର ଦେଶରେ ପଞ୍ଚମସ୍ଥାନ ପାଇଛି । ରାଜ୍ୟରେ କତା ଉତ୍ପାଦନ ବାର୍ଷିକ ପ୍ରାୟ ୩୬୬୦ ମିଲିୟନ ଟନ୍ । କତାଶିଳ୍ପ ଶ୍ରମ ଭିତ୍ତିକ ଏବଂ ୮୦ % ଶ୍ରମିକ ଏଥିରେ ନିୟୋଜିତ ଥାନ୍ତି, ଯେଉଁମାନଙ୍କ ମଧ୍ୟରେ ଗ୍ରାମୀଣ ମହିଳା ଶ୍ରମିକ ଅନ୍ତର୍ଭୁକ୍ତ । ୨୦୧୨-୧୩ରେ ପ୍ରାୟ ୨୮୦ କାରିଗରଙ୍କୁ ୧୪ଟି କ୍ଷେତ୍ର ତାଲିମକେନ୍ଦ୍ରରେ ତାଲିମ ଦିଆଯାଇଛି ଏବଂ ୨୯୭ କାରିଗରଙ୍କୁ ସେମାନଙ୍କ କାର୍ଯ୍ୟ କୁଶଳତା ଆଧାରରେ ବିଭିନ୍ନ ଅଞ୍ଚଳକୁ ପଠାଯାଇଛି, ଯେଉଁଠାରେ ସେମାନେ କତାଶିଳ୍ପ ସଂକ୍ରାନ୍ତ ଜ୍ଞାନ ଓ ଆଧୁନିକ ଜ୍ଞାନକୌଶଳ ବିଷୟରେ ଅବଗତ ହୁଅନ୍ତି । ରାଜ୍ୟରେ ଗୋଟିଏ ସରକାରୀ ତାଲିମ କେନ୍ଦ୍ର ଅଛି, ଯେଉଁଠାରେ ୨୦୧୧ ମାର୍ଚ୍ଚ ଶେଷସୁଦ୍ଧା ୧୫୦ ସାମର୍ଥ୍ୟରେ ୧୬୨୪ ଜଣଙ୍କୁ କତା ଶିଳ୍ପ ତାଲିମ ପ୍ରଦାନ କରାଯାଇଛି ।

- ହସ୍ତଶିଳ୍ପ ଓ କୁଟୀର ଶିଳ୍ପ : ଦେଶବିଦେଶରେ ଓଡିଶାର ହସ୍ତଶିଳ୍ପ ଓ କୁଟୀରଶିଳ୍ପର ସୁନାମ ହେତୁ ଓଡିଶା ଗୋଟିଏ ସ୍ୱତନ୍ତ୍ର ପରିଚିତ ପାଇଛି । ଓଡିଶାରେ ହସ୍ତଶିଳ୍ପ ଓ କୁଟୀରଶିଳ୍ପ, ପାରମ୍ପରିକ ଭାବେ ପିଢି ପରେ ପିଢି ଉତ୍ତରାଧିକାର ସୂତ୍ରରେ ଆଦିର ନେଉଥିବାରୁ ଏହାର ସ୍ୱାତନ୍ତ୍ର ବଳବତ୍ତର ରହିଛି । ହସ୍ତଶିଳ୍ପର ଭୂମି ଭାବେ ପରିଚିତ ଓଡିଶାକୁ ଉତ୍କୃଷ୍ଟ କଳାର ରାଜ୍ୟ ଭାବେ ସମ୍ମାନ କରାଯାଏ, କାରଣ ହସ୍ତଶିଳ୍ପ ଏହାର ସାଂସ୍କୃତିକ ଐତିହ୍ୟ, ରାଜ୍ୟର ହସ୍ତଶିଳ୍ପ କ୍ଷେତ୍ରରେ ଲକ୍ଷାଧିକ କାରିଗରି ନିୟୋଜିତ ଅଛନ୍ତି ଏବଂ ଏହି କ୍ଷେତ୍ରରେ ସ୍ୱଳ୍ପ ପୁଞ୍ଜି ନିବେଶ, ରାଜ୍ୟ ଦୁର୍ବଳ ଅନଗ୍ରସର ଶ୍ରେଣୀର କାରିଗରମାନଙ୍କୁ ରୋଜଗାର ସର୍ବୋପରି ରାଜ୍ୟର ଅର୍ଥନୀତିକୁ ଅବଦାନ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟର ବିଭିନ୍ନ ପ୍ରକାରର ହସ୍ତଶିଳ୍ପରେ କୁଶଳୀ କାରିଗରମାନଙ୍କର ଦକ୍ଷତା ପ୍ରଦର୍ଶନ ପାଇଁ ସେମାନଙ୍କୁ ପଦ୍ମପୁରସ୍କାର ସମେତ ବହୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି । ତେବେ ରାଜ୍ୟରେ କୁଟୀରଶିଳ୍ପ ପ୍ରତି ଲୋକମାନଙ୍କର ପସନ୍ଦ କମୁଥିବାରୁ ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ବିବିଧ ପଦକ୍ଷେପ ଗ୍ରହଣ କରାଯାଉଛି । ଏଥରରେ ସମବାୟ ସମିତି ଓ କାରିଗରମାନଙ୍କୁ ଆର୍ଥିକ ଓ ସହାୟତା ସହ ସାମଗ୍ରୀ ଉତ୍ପାଦନ ଓ ବିକ୍ରୟରେ ସହଯୋଗ ଅନ୍ତର୍ଭୁକ୍ତ ।

- ହସ୍ତତନ୍ତ ଓ ରେଶମ ବସ୍ତ୍ରଶିଳ୍ପ : ରାଜ୍ୟର ଐତିହ୍ୟ ଓ ସଂସ୍କୃତିକୁ ଉପସ୍ଥାପନ କରିବାରେ ଏହି କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଓଡିଶାର ହସ୍ତତନ୍ତ ସାମଗ୍ରୀରେ ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ଓଡିଶାକୁ ବହୁଜାତୀୟ ଓ ଅନ୍ତର୍ଜାତୀୟ ସ୍ୱୀକୃତି ମିଳୁଛି। ଓଡିଶାର ରେଶମ ଓ ଟସର ଶାଢୀବସ୍ତ୍ର ଆଦିର ଚାହିଦା ମଧ୍ୟ ରହିଛୀ। ରେଶମବସ୍ତ୍ର ଏକ କୃଷିଭିତ୍ତିକ ଶିଳ୍ପ, ଯାହାକି ଗ୍ରାମାଞ୍ଚଳର ଆର୍ଥିକ ଅନଗ୍ରସର ଶ୍ରେଣିର ଲୋକମାନଙ୍କୁ ବହୁସଂଖ୍ୟାରେ ରୋଜଗାର ଯୋଇଥାଏ। ରାଜ୍ୟ ସରକାର ହସ୍ତତନ୍ତ କ୍ଷେତ୍ରର ସାମଗ୍ରିକ ବିକାଶ ସହ ଏହା ସହ ଜୀବିକା ନିର୍ବାହ କରୁଥିବା ବୁଣାକାର / ତନ୍ତୀମାନଙ୍କର ସାମାଜିକ-ଆର୍ଥିକ ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। କିଛି ବଡ ପଦକ୍ଷେପଗୁଡିକ ମଧ୍ୟରେ ହସ୍ତତନ୍ତଶିଳ୍ପର ପ୍ରଚାରପ୍ରସାର, ହସ୍ତତନ୍ତ ବିକାଶ ଯୋଜନା, ହସ୍ତତନ୍ତ ଉନ୍ନତିମୂଳକ କାର୍ଯ୍ୟକ୍ରମ ଓ ଏହାର ବିକ୍ରୟ, ରପ୍ତାନି ଯୋଜନା, ବୁଣାଳିମାନଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନା, ମହାତ୍ମାଗାନ୍ଧୀ ବୁଣାକାର ବୀମା ଯୋଜନା ଅନ୍ତର୍ଭୁକ୍ତ। ରାଜ୍ୟର ୧୯ଟି ଜିଲ୍ଲାରେ ଜନଜାତିମାନଙ୍କଦ୍ୱାରା ଟସର ସଂସ୍କୃତି, ପାରମ୍ପରିକ ଐତିହାଭାବେ ଅତୀତରୁ ଆଜି ପର୍ଯ୍ୟନ୍ତ ପ୍ରଚଳିତ। ଟସର ଶିଳ୍ପରେ ରାଜ୍ୟର ପ୍ରାୟ ୪୬ ହଜାର ୮୨୮ଟି ତଫସିଲଭୁକ୍ତ ଜାତି / ଜନଜାତି ନିୟୋଜିତ ଅଛନ୍ତି।

ଏକ ଅଣପାରମ୍ପରିକ ରେଶମଶିଳ୍ପ ଏବଂ ଏହା ରାଜ୍ୟରେ ୧୨ଟି ଜିଲ୍ଲାରେ ପ୍ରଚଳିତ। ତସରେଜ ଓ ମଲ କ୍ଷେତ୍ରରେ ରେଶମଶିଳ୍ପକୁ ସହ ଯୋଗ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର ଯୋଜନା କାର୍ଯ୍ୟକାରି କରାଯାଇଛି। ଚାଷୀମାନଙ୍କୁ ଉନ୍ନତିମାନଙ୍କର ଜ୍ଞାନ କୌଶଳ ପ୍ରଦାନ ସହ HYV ଖାଦ୍ୟଚାରା, ରେଶମ ପୋକର ଗୃହ, ସେହି ସାମଗ୍ରୀର ବିକ୍ରୟ ବିବିଧ କାର୍ଯ୍ୟକ୍ରମ ଏଥିରେ ଅନ୍ତର୍ଭୁକ୍ତ। ଓଡିଶାରେ ସମବାୟ ଟସର ଏବଂ ରେଶମ ସଂଘ ଲିମିଟେଡ (SERIFED) ଏକମାତ୍ର ସମବାୟ ସଂଘ ଯାହାକି ରେଶମଶିଳ୍ପର ପ୍ରସାର, ବିକ୍ରୟ ଓ ସହଯୋଗ ଉଦ୍ଦେଶ୍ୟରେ ଅଭିପ୍ରେତ। ରାଜ୍ୟରେ ୬୨ଟି ପ୍ରାଥମିକ ଟସର ସମବାୟ ସମିତି, ୩୬ଟି ପ୍ରାଥମିକ ମଲବେରୀ ସମବାୟ ସମିତି SERIFED ଦ୍ୱାରା ସ୍ୱୀକୃତ ସଂସ୍ଥା।

- ବୟନ / ବସ୍ତ୍ର କ୍ଷେତ୍ର : ବର୍ତ୍ତମାନ ରାଜ୍ୟରେ ଆଠଟି ସମବାୟ ସୂତାକଳ, ଗୋଟିଏ ବୟନ ୟୁନିଟ ଏବଂ ଦଶଟି ତନ୍ତକେନ୍ଦ୍ର କାର୍ଯ୍ୟରତ, ଯାହାକି ଓଡିଶା ରାଜ୍ୟ ସମବାୟ ସୂତାକଳ ନିଗମର ଅଧିନସ୍ଥ। ଏଥି ମଧ୍ୟରୁ ଗୋଟିଏ ସୂତାକଳର ୧୯୯୩ରେ ଘରୋଇକରଣ ହୋଇଥିଲା। ଅବଶିଷ୍ଟ ଅନ୍ୟ ସମସ୍ତ ସମବାୟ ସୂତାକଳ ଦୀର୍ଘଦିନ ଧରି ଅକାମୀ ହୋଇପଡିଛି। ଏସବୁର ଘରୋଇକରଣ ପାଇଁ ପ୍ରକ୍ରିୟା ଅବ୍ୟାହତ ରହିଛି। ଓଡିଶାରାଜ୍ୟ ତନ୍ତ ବୁଣାକାର ସେବା ସମିତିକୁ ସହ ଯୋଗ କରି ସରକାର ଦଶଟି ପବନକଳକୁ ଏକ ଅର୍ଦ୍ଧସରକାରୀ ସଂସ୍ଥା SPINFED କୁ ହସ୍ତାନ୍ତର କରିଛି।
- ନୀତି କାର୍ଯ୍ୟକାରିତା : ଓଡିଶା ଶିଳ୍ପ ନିତି ପ୍ରସ୍ୱାତବ ୨୦୦୧ ଓ ୨୦୦୭ ରାଜ୍ୟରେ ଶିଳ୍ପର ପ୍ରସାର ଓ ପୁଞ୍ଜିନିବେଶ ପାଇଁ ବିଭିନ୍ନ ପ୍ରସ୍ତାବ ସମ୍ବଳିତ ଯୋଜନା ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଛି। କିଛି ନିର୍ଦ୍ଦିଷ୍ଟ ନିତି ସମ୍ବଳିତ ଆଭିମୁଖ୍ୟ ହେଉଛି -

କ) ରୋଜଗାର ପ୍ରଦାନକାରୀ କ୍ଷେତ୍ର ଯଥା - ହସ୍ତଶିଳ୍ପ, ହସ୍ତତନ୍ତ, ଖଦୀ ଓ ଗ୍ରାମୋଦ୍ୟୋଗ, କତା ଓ ଲୁଣ ଆଦିର ବିକାଶ କରିବା।

ଖ) ଆଇଟି (ସୂଚନା ପ୍ରଯୁକ୍ତି), ବାୟୋଟେକ୍ନୋଲୋଜି, ସାମୁଦ୍ରିକ ଉତ୍ପାଦ୍ୟ, ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟକ, ବସ୍ତ୍ର ଏବଂ ଅଟୋମେଟିଭ ଶିଳ୍ପକୁ ପ୍ରୋତ୍ସାହନ ଦେବା।

ଗ) ରୁଗ୍‌ଣଶିଳ୍ପକୁ ଅନୁଧ୍ୟାନ କରି ଏହାର ନବୀକରଣ ଓ ପୁନସ୍ଥାପନ ପାଇଁ ଆବଶ୍ୟକ ପଦକ୍ଷେପ ନେବା।

ଘ) ବିଶ୍ୱବାଣିଜ୍ୟ ସଂଗଠନ (WTO) ଅଧିନରେ ଦେଖାଯାଉଥିବା ସମ୍ଭାବନା ଓ ସମସ୍ୟାର ସମ୍ମୁଖୀନ ହେବାକୁ ସଚେତନ କରିବା, ଯାହା ଫଳରେ MSME କ୍ଷେତ୍ର ଏସବୁର ମୁକାବିଲା ଦିଗରେ ସକ୍ଷମ ହୋଇପାରିବ।

ଙ) ଅଧିନସ୍ଥ ଓ ଅଧିନ ହେବାକୁ ଥିବା ଶିଳ୍ପଗୁଡିକର ବିଭାଗୀକରଣ କରିବା।

ଚ) ସମର୍ଥ କ୍ଷେତ୍ରଗୁଡିକରେ ପ୍ରତିଯୋଗିତା ବୃଦ୍ଧି ପାଇଁ ସାମଗ୍ରିକ ବିକାଶକୁ ଗ୍ରହଣ କରିବା।

୨୦୦୭ର IPR କହିବାନୁସାରେ, ରାଜ୍ୟରେ ଶିଳ୍ପ ସମ୍ଭାବନା ବାତାବରଣର ବୃଦ୍ଧି ଓ ବିକାଶ ଦିଗରେ ଯୋଜନା ପ୍ରସ୍ତୁତ କରାଯାଉଛି। ଏହିସବୁ ସହାୟତା ଓ ଦିଗଦର୍ଶନ ମଧ୍ୟରେ ସିଙ୍ଗଲ ୱିଣ୍ଡୋ ମେକାନିଜମ୍, ସରକାରୀ-ଘରୋଇ ବୁଝାମଣା, ଥଇଥାନ, ନବୀକରଣ, ମାନବସମ୍ବଳ ବିକାଶ ଆଦି ଅନ୍ତର୍ଭୁକ୍ତ।

- ସରକାରୀ-ଘରୋଇ ଚୁକ୍ତି (PPP) : ବୁଣାକାରମାନଙ୍କ ଆର୍ଥିକ ବିକାଶ ସହ ବୟନଶିଳ୍ପର ସାମଗ୍ରିକ ବିକାଶକୁ ଉତ୍ସାହିତ କରିବା ପାଇଁ ସରକାରୀ ଘରୋଇ ବୁଝାମଣା ଭିତ୍ତି (PPP) ରେ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଏହାର କାର୍ଯ୍ୟକାରିତା କରାଯାଉଛି।

- ଓଡିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି : ଓଡିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୧୩ର ଆଭିମୁଖ୍ୟ ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣଶିଳ୍ପର ବିକାଶ ସହ ଏଥିରେ ପୁଞ୍ଜିନିବେଶ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା। ଅଣୁ-କ୍ଷୁଦ୍ର-ମଧ୍ୟମ ଉଦ୍‌ୟୋଗବିଭାଗ MSME & IDCO ଏ ଦିଗରେ ଧ୍ୟାନ ଦେଇ ବୃହତ ଖାଦ୍ୟ ଉଦ୍ୟାନ ଓ ସାମୁଦ୍ରିକ ଖାଦ୍ୟ ଉଦ୍ୟାନ ପ୍ରତିଷ୍ଠାନ ସହ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ବିକାଶ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ତତ୍ପର ଅଛନ୍ତି।

- ରାଜ୍ୟସରକାରଙ୍କ ଅଧିନସ୍ଥ ଉଦ୍ୟୋଗ କ୍ଷେତ୍ର ସହ ବୁଝାମଣାପତ୍ର : ସରକାରୀ ଉଦ୍ୟୋଗ ବିଭାଗ ବିଭିନ୍ନ ଉଦ୍ୟୋଗ କ୍ଷେତ୍ରରେ ପୁଞ୍ଜିନିବେଶ ସହ ସରକାରୀ ଅଧିନସ୍ଥ କ୍ଷେତ୍ର ସହ ବୁଝାମଣା ପତ୍ର ସ୍ୱାକ୍ଷର ଏସବୁର ଦାୟିତ୍ୱ ଓ ସାମର୍ଥ୍ୟର ବିକାଶରେ ସହାୟକ ହୋଇଥାଏ।

- ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP) : ଏହି କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତ ଯୋଜନା ଋଣ ପ୍ରଦାନରେ ରହାତି ଦେବା ସହ ବେକାର ଯୁବକଯୁବତୀମାନଙ୍କୁ ରୋଜଗାର ଦେବା ଉଦ୍ଦେଶ୍ୟରେ ଗ୍ରାମ ଓ ସହରାଞ୍ଚଳରେ କ୍ଷୁଦ୍ର ଉଦ୍ୟୋଗ ଆୟୋଗ ଦେବା ଲାଗି ଉଦ୍ଦିଷ୍ଟ ଏହି ଅନୁଦାନ।

କ) ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ (KVIC)

ଖ) ଖଦୀ ଓ ଗ୍ରାମୋଦ୍ୟୋଗ ପରିହଦ (KVIB)

ଗ) ଜିଲ୍ଲା ଶିଳ୍ପକେନ୍ଦ୍ର (DIC) ମାଧ୍ୟମରେ କାର୍ଯ୍ୟକାରୀ ହୋଇଥାଏ।

- ଅଧିକୃତ ଓ ଅନଧିକୃତ ଶିଳ୍ପ : ରାଜ୍ୟ ଶିଳ୍ପ ନିର୍ଦ୍ଦେଶାଳୟ ବୃହତ୍ ଶିଳ୍ପ ସଂସ୍ଥାଗୁଡିକ ସହ ଅଧିକୃତ ଓ ଅନଧିକୃତ ଶିଳ୍ପର ବିକାଶ ପାଇଁ ଯୋଗାଯୋଗ ରକ୍ଷା କରିଆସୁଛି। କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ବୃଧ ଏଦିଗରେ ରାଜ୍ୟ ସରକାରଙ୍କୁ ଆନୁଷଙ୍ଗିକ ସହଯୋଗ କରୁଛି।

- ସମୂହ ବିକାଶ କାର୍ଯ୍ୟକ୍ରମ : ଏହି ଯୋଜନା ବଳରେ ଶିଳ୍ପଗୁଡିକର ସମୂହ ବିକାଶ ସାଧନ ହୋଇଥାଏ। ଏଥିପାଇଁ ସାଧାରଣ ସୁବିଧା ସୁଯୋଗ ସହ ଏହାର ଆନୁଷଙ୍ଗିକ ସହଯୋଗ ଦିଗରେ ଧ୍ୟାନ ଦିଆଯାଇଥାଏ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ସମୂହ ବିକାଶ କାର୍ଯ୍ୟକ୍ରମରେ ସହଯୋଗ କରିଥାନ୍ତି।

- ଇଡକୋ (IDCO) : ଓଡିଶା ଶିଳ୍ପ ବିକାଶ କର୍ପୋରେସନ୍, ଇଡକୋ ରାଜ୍ୟବ୍ୟାପୀ ଉଦ୍ୟୋଗ ବିକାଶ ଦିଗରେ ସହାୟତା ସହ ଆନୁଷଙ୍ଗିକ ସୁବିଧା ସୁଯୋଗ ଉପଲବ୍ଧ କରାଇଥାଏ। ଇଡକୋ ରାଜ୍ୟସରକାରଙ୍କ ଶିଳ୍ପକ୍ଷେତ୍ରରେ ସହଯୋଗ ନିମନ୍ତ।

- ଓଡିଶାର ଶିଳ୍ପବିକାଶ ଓ ପୁଞ୍ଜିନିବେଶ କର୍ପୋରେସନ ଲିମିଟେଡ (IPICOL) : ରାଜ୍ୟରେ ଶିଳ୍ପପ୍ରତିଷ୍ଠା ଓ ବିକାଶ ଦିଗରେ ଇପିକଲ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଓଡିଶାରେ ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା ଦିଗରେ ଏହା ୧୯୭୩ ମସିହାରୁ କାର୍ଯ୍ୟରତ। ଶିଳ୍ପର ପ୍ରତିଷ୍ଠା ଓ ପ୍ରସାର ସହ ଟିମ୍ ଓଡିଶାର ସଚିବାଳୟ ଭାବେ ଇପିକଲ କାର୍ଯ୍ୟ କରି ରାଜ୍ୟ ସରକାରଙ୍କ ଶିଳ୍ପ ସହଯୋଗ ନିତି ୨୦୦୪ ବଳରେ ଏହାକୁ ରାଜ୍ୟ ନୋଡାଲ ସଂସ୍ଥା (SNLA) ଭାବେ ୨୦୦୫ରେ ଘୋଷଣା କରାଯାଇ ଶିଳ୍ପବିକାଶ ସଂକ୍ରାନ୍ତ ବିଧିବ୍ୟବସ୍ଥା କାର୍ଯ୍ୟକାରି କରିବା ପାଇଁ ଏକକ ଜରକା ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଏହା ଆରମ୍ଭ ହେବାଠାରୁ ପ୍ରାୟ ୨୮୫ ଶିଳ୍ପକୁ ଦୀର୍ଘସୂତ୍ରୀ ମିଆଦିରେ ସହାୟତା ପ୍ରଦାନ କରିଛି। ଏହା ରାଜ୍ୟର ଶିଳ୍ପାୟନରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛି।

- ଓଡିଶା ଶିଳ୍ପ ଉନ୍ନୟନ କର୍ପୋରେସନ ଲିମିଟେଡ (IDCOL) : ରାଜ୍ୟରେ ବୃହତ୍ ଓ ମଧ୍ୟମ ଧରନର ଶିଳ୍ପକୁ ସହଯୋଗ କରିବା ପାଇଁ ୧୯୬୨ ମସିହାରେ ଇଡକଲ ପ୍ରତିଷ୍ଠା କରାଯାଇଥିଲା। ଏହା ୧୫ଟି ଶିଳ୍ପ ରାଜ୍ୟରେ ପ୍ରତିଷ୍ଠା କରିପାରିଛି। ରାଜ୍ୟ ସରକାରଙ୍କ ଶିଳ୍ପ ପ୍ରତିଷ୍ଠା ନୀତି ଅନୁସାରେ ଏହି ସଂସ୍ଥା ଅଧିନରେ ନିମ୍ନୋକ୍ତ ସହଯୋଗୀ ସଂସ୍ଥାଗୁଡିକ କାର୍ଯ୍ୟରତ –

କ) ଇଡକଲ କଳିଙ୍ଗ ଇସ୍ପାତ କାର୍ଯ୍ୟ ଲିମିଟେଡ, ବଡବିଲ

ଖ) ଇଡକଲ ଫେରୋକ୍ରମ ଏବଂ ଆଲଏଡ୍, ଯାଜପୁର ରୋଡ

ଗ) ଇଡକଲ ସଫ୍ଟୱେର ଲିମିଟେଡ, ଭୁବନେଶ୍ୱର

ଘ) କୋଣାର୍କ ଝୋଟ ଲିମିଟେଡ, ଧାନମଣ୍ଡଳ

- ଓଡିଶା କ୍ଷୁଦ୍ରଶିଳ୍ପ କର୍ପୋରେସନ (OSIC) : ୧୯୭୨ରେ ପ୍ରତିଷ୍ଠା ହୋଇଥିବା OSIC ରାଜ୍ୟରେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ଦିଗରେ ସହ ଯୋଗ ସହ ଏହାର ସାମଗ୍ରିକ ଉନ୍ନତି ଓ ବିକାଶ ସାଧନ ଲାଗି ଉଦ୍ଦିଷ୍ଟ।

ଏହାର ମୁଖ୍ୟ କାର୍ଯ୍ୟଗୁଡ଼ିକ ମଧ୍ୟରେ କଞ୍ଚାମାଲ ସହାୟତା ଯୋଜନା ଅନ୍ୟତମ। ଏହି ଯେଜନାରେ OSIC ରାଜ୍ୟରେ କ୍ଷୁଦ୍ରଶିଳ୍ପ ଉଦ୍ୟୋଗକୁ ୧୨ଟି କଞ୍ଚାମାଲ ଗଚ୍ଛିତ ଅଞ୍ଚଳରୁ ବିଭିନ୍ନ ପ୍ରକାରର କଞ୍ଚାମାଲ ଯୋଗାଇଥାଏ। ବର୍ତ୍ତମାନ ଏହା କଞ୍ଚାମାଲ ଯଥା - ଲୁହା ଏବଂ ଇସ୍ପାତ୍, TISCON ଛଡ, ଆଲୁମିନିୟମ ପିଣ୍ଡ, ପ୍ଲାଷ୍ଟିକ, ବିଟୁମେନ୍ ଓ କୋଇଲା ପ୍ରଦାନ କରୁଛି। ସେହିଭଳି ବ୍ୟବସାୟ ସହାୟତା ଯୋଜନା ଆଉ ଏକ ଯୋଜନା, ଯାହା ମାଧ୍ୟମରେ OSIC ରାଜ୍ୟର କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡ଼ିକୁ ସେମାନଙ୍କର ସାମଗ୍ରୀ ବିକ୍ରୟରେ ସହାୟତା ଦେଇଥାଏ। ଏଥିରେ ମୁଖ୍ୟତଃ କୃଷିଜାତ ସାମଗ୍ରୀ ଓ ଅନ୍ୟାନ୍ୟ ସାମଗ୍ରୀ ଥାଏ। ଅଧିକ ପରିମାଣରେ ଏହିସବୁ ସାମଗ୍ରୀ କିଭଳି ବିକ୍ରୟ କରାଯାଇପାରିବ ସେଥିପ୍ରତି ଓଡ଼ିଶା କ୍ଷୁଦ୍ର ଶିଳ୍ପ କର୍ପୋରେସନ ଯତ୍ନଶୀଳ ହୋଇଥାଏ।

- ଓଡ଼ିସା ଖଦୀ ଓ ଗ୍ରାମୋଦ୍ୟୋଗ ପରିହଦ : ଓଡ଼ିଶା ଖଦୀ ଓ ଗ୍ରାମୋଦେୟାଗ ପରିଷଦ ୧୯୫୬ ମସିହାରେ ପ୍ରତିଷ୍ଠିତ ଏକ ସ୍ୱୟଂଶାସିତ ସଂସ୍ଥା। ଏହା ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗର ଆର୍ଥିକ ସହାୟତାରେ ରାଜ୍ୟରେ ଖଦୀ ଓ ଗ୍ରାମୋଦ୍ୟୋଗର ବିକାଶ ସାଧନ କରିତାଏ। ରାଜ୍ୟରେ ଖଦୀ ଓ ଗ୍ରାମ୍ୟଶିଳ୍ପ କେନ୍ଦ୍ର ପ୍ରତିଷ୍ଠା ପାଇଁ ପରିଷଦ ପକ୍ଷରୁ ୧୮୬୫ଟି ସମବାୟ ସମିତିକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି, ଯେଉଁଥିରେକି ୩୩୭ଜଣ କାରିଗରଙ୍କୁ ବହୁବିଧ ଗ୍ରାମୀଣ ଶିଳ୍ପ ପାଇଁ ସହାୟତା ଅନ୍ତର୍ଭୁକ୍ତ। ଏତଦ୍‌ବ୍ୟତୀତ ବ୍ୟାଙ୍କ ଋଣ ଯୋଜନା ଦ୍ୱାରା ବିଭିନ୍ନ ସମବାୟ ବ୍ୟାଙ୍କ ଓ ଗ୍ରାମ୍ୟବ୍ୟାଙ୍କ ମାଧ୍ୟମରେ ୩୮୫ଜଣ ବ୍ୟକ୍ତିବିଶେଷଙ୍କୁ ଏଥିପାଇଁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଛି। ଗ୍ରାମୋଦେୟାଗ ରୋଜଗାର ଯୋଜନା ମଧ୍ୟ ଗ୍ରାମୀଣ ରୋଜଗାର ସୃଜନ କାର୍ଯ୍ୟକ୍ରମ ପରିଚିତ ଯାହା ଖଦୀ ଓ ଗ୍ରାମୋଦ୍ୟୋଗ ପରିଷଦ ମାଧ୍ୟମରେ ରାଜ୍ୟରେ କାର୍ଯ୍ୟକାରୀ ହୋଇଥାଏ।

- ଓଡ଼ିଶା ରାଜ୍ୟ ଅର୍ଥନୈତିକ କର୍ପୋରେସନ (OSFC) : ୧୯୮୬ ମସିହାରେ ପ୍ରତିଷ୍ଠା OSFC ରାଜ୍ୟରେ ଅଣୁକ୍ଷୁଦ୍ର-ମଧ୍ୟମଶିଳ୍ପ ପ୍ରତିଷ୍ଠା ପାଇଁ ସହଯୋଗ ଓ ଆର୍ଥିକ ସହାୟତା ପ୍ରଦାନ କରିତାଏ। ଏହା ରାଜ୍ୟରେ ଶିଳ୍ପର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଦୀର୍ଘ ପାଞ୍ଚଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଏହା ରାଜ୍ୟରେ ଅଣୁ-ମଧ୍ୟୟମ-ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ପ୍ରଦାନ ସହ ରାଜ୍ୟର ଆର୍ଥିକ ବିକାଶ ପାଇଁ ନିବଛିନ୍ନ ଭାବେ ଉଦୟମରତ। ଓଏସଏଫସିର ଅବଦାନ ମଧ୍ୟରେ ପୁଞ୍ଜି ବିନିଯୋଗ, ଦକ୍ଷତା ବିକାଶ, ରପ୍ତାନି ଆୟ, ରୋଜଗାର ସୃଜନ, ମାନ ନିର୍ଦ୍ଧାରଣ ଆଦି ବିବିଧ ଦିଗରେ ବିସ୍ତୃତ। ରାଜ୍ୟ ସରକାରଙ୍କ ସହଯୋଗ ଫଳରେ ଏହା ଏବେ ସଂଶୋଧିତ, ପରିବର୍ଦ୍ଧିତ ଓ ପରିବ୍ୟାପ୍ତ ହୋଇ SIDBI, IDBI ଓ ଅନ୍ୟାନ୍ୟ ଜାତୀୟକରଣ ବ୍ୟାଙ୍କଗୁଡ଼ିକ ସହାୟତାରେ ଶିଳ୍ପାୟନର କାୟାବିସ୍ତାର ପାଇଁ ଅଧିକ ବ୍ୟବସ୍ଥିତ ଢଙ୍ଗରେ ଗତିଶୀଳ। OSFC, ୨୦୧୦ ମାର୍ଚ୍ଚରୁ ନବୀକରଣ ହୋଇ ଏହାକୁ ଅଧିକ କାର୍ଯ୍ୟକ୍ଷମ କରାଯାଇଛି।

- ରପ୍ତାନି ଉନ୍ନତି ଓ ବ୍ୟବସାୟ ନିର୍ଦ୍ଦେଶାଳୟ : ନୋଡାଲ ସଂସ୍ଥା ଭାବେ ନିର୍ଦ୍ଦେଶାଳୟ କାର୍ଯ୍ୟକରି ପଞ୍ଜୀକୃତ ଶିଳ୍ପ ସଂସ୍ଥାଗୁଡ଼ିକର ଉତ୍ପାଦିତ ସାମଗ୍ରୀଗୁଡ଼ିକ କିଭଳି ଉନ୍ନତମାନର ହୋଇପାରିବ ସେଥିପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇବା ସହ ଏସବୁର ରପ୍ତାନି ଦିଗରେ ସହଯୋଗ କରେ। ଉତ୍ପାଦିତ ସାମଗ୍ରୀ ରପ୍ତାନି ହେଲେ ବୈଦେଶିକ ମୁଦ୍ରା ବିନିମୟ ହେତୁ ରାଜ୍ୟର ଆର୍ଥିକ ବିକାଶ ଅଧିକ ହେବା ଶିଳ୍ପ କ୍ଷେତ୍ରରେ ରାଜ୍ୟର

ମାନସମ୍ମାନ ବୃଦ୍ଧି ପାଇବ। ଏହାକୁ ଅନୁଭବ କରାଯାଇଏହି ନିର୍ଦ୍ଦେଶାଳୟ ପ୍ରତିଷ୍ଠା ସହ ଏହାର କାର୍ଯ୍ୟ ପରିସରକୁ ବ୍ୟାପକ କରାଯାଇଛି। ରପ୍ତାନି ଜନିତ ବିବିଧ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ଏହି ନିର୍ଦ୍ଦେଶାଳୟ ଦିଗଦର୍ଶନ ଦେଇଥାଏ।

## ୧.୬.୨ ଖଣି ଓ ଖନନ

ଓଡିଶା ଖଣିଜ ସଂପଦରେ ଭରପୂର ରାଜ୍ୟ। କ୍ରୋମାଇଟ, ବକ୍ସାଇଟ, ଗ୍ରାଫାଇଟ, ଲୁହାପଥର, ମାଙ୍ଗାନିଜ ପଥର, ଚୂନପଥର, ନିକେଲ, ତମ୍ବା, ସୀସା, କୋଇଲା ଆଦି ବହୁ ମୂଲ୍ୟବାନ ଖଣିଜପଦାର୍ଥରେ ଓଡିଶା ସମୃଦ୍ଧ। ଦେଶର ଖଣିଜପଦାର୍ଥ ମାନଚିତ୍ରରେ ଓଡିଶାର ସ୍ଥାନ ଉଭୟ ଉତ୍ପାଦନ ଓ ଗଚ୍ଛିତ ପରିମାଣ ଦୃଷ୍ଟିରୁ ସ୍ୱତନ୍ତ୍ର। ଖଣିଜ ସଂପଦରେ ଭରପୁର ହେତୁ ଓଡିଶା ଶିଳ୍ପାୟନ ପାଇଁ ଉପଯୁକ୍ତ କ୍ଷେତ୍ର ଭାବେ ପ୍ରତିଷ୍ଠିତ। ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରଶସ୍ତ ପଥ ସଂପ୍ରତି ଉନ୍ମୁକ୍ତ ହୋଇଛି। ନିକଟ ଅତୀତରେ ଖଣି ଓ ଖନନ ଉପକ୍ଷେତ୍ର ରାଜ୍ୟର ସାମଗ୍ରିକ ବିକାଶକୁ ଆଖିଦୃଶିଆ ଅବଦାନ ଦେଇଛି। ୨୦୦୪-୦୫ରେ ଖଣିଜ ଓ ଖନନ ଉପ କ୍ଷେତ୍ରର ରାଜ୍ୟର ସମୁଦାୟ ଉତ୍ପାଦ୍ୟକୁ ୭.୨% ଅବଦାନ ଥିଲା। ଓଡିଶାର ଖଣିଜ ପଦାଥ୍ୱର ମୂଲ୍ୟ ସର୍ବଭାରତୀୟ ସ୍ତରରେ ସର୍ବୋଚ୍ଚ ଫଳରେ ଏହାର ଅଂଶ ବି ବୃଦ୍ଧି ପାଉଛି।୨୦୧୦ ସୁଦ୍ଧା ପରୀକ୍ଷଣରୁ ଜଣାଯାଇଛି ଯେ, ଭାରତର ଶତକଡା ୯୩ ଭାଗ କ୍ରୋମାଇଟ ଓ ନିକେଲ, ୫୨% ବକ୍ସାଇଟ, ୪୪% ମାଙ୍ଗାନିଜ, ୩୩% ଲୁହାପଥର ଓ୨୪% କୋଇଲା ଓଡିଶାରେ ଗଚ୍ଛିତ ଅଛି। ରାଜ୍ୟରେ ଗଚ୍ଛିତ ଥିବା କୋଇଲା ସଂପଦ ଓଡିଶାକୁ ସ୍ୱତନ୍ତ୍ର ସ୍ଥାନ ଦେଇଛି। ସମୁଦାୟ ଖଣିଜ ସଂପଦର ସିଂଭାଗ (୮୮%) କୋଇଲା ସଂପଦ। ଏହା ପଛକୁ ଲୁହାପଥର ଓ ବକ୍ସାଇଟ ରହିଛି। ଲୁହାପଥର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖଣିଜପଦାର୍ଥ, ଯାହାକି ରପ୍ତାନିର ଝୁଡି ଭାବେପରିଚିତ। ଖଣି ଓ ଖନନ, ରାଜ୍ୟର ଜନଜାତି ଗୋଷ୍ଠୀ ସହ ବିଭିନ୍ନବର୍ଗର ବ୍ୟକ୍ତିଙ୍କୁ ରୋଜଗାର ପ୍ରଦାନ କରୁଛୁ। ଏହି କ୍ଷେତ୍ର ପୁଞ୍ଜି ନିବେଶ, ଅଧୁନିକ ଜ୍ଞାନକୌଶଳ ସମ୍ବଳ ଆଦାରିତ ହୋଇନଥରବାରୁ ଏଥିରେ ଅବଶ୍ୟ ନିଯୁକ୍ତି ପ୍ରକ୍ରିୟା ଦ୍ରୁତଗତିରେ ବୃଦ୍ଧି ପାଇ ନ ଥାଏ। ସେହିଭଳି ଶତକଡା ୭୮ ଭାଗ ନିଯୁକ୍ତି କର୍ମବଳ ଲୁହାପଥର ଓ କୋଇଲା ଉପ କ୍ଷେତ୍ରରେ ନିୟୋଜିତ। ଓଡିଶାରେ ଓଡିଶା ଖଣିନିଗମ (OMC), ଯାହାକି ୧୯୫୬ରେ ପ୍ରତିଷ୍ଠା ହୋଇଥିଲା ଦେଶର ଖଣି କ୍ଷେତ୍ରରେ ରାଜ୍ୟର ସବୁଠାରୁ ବଡ ସରକାରୀ ଉଦ୍ୟୋଗ।

## ୧.୬.୩ ବିଦ୍ୟୁତ୍‌ଶକ୍ତି

ବିଦ୍ୟୁତ୍‌ଶକ୍ତି ରାଜ୍ୟର ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ, କାରଣ ଏହା ଉପରେ ରାଜ୍ୟର ଅନ୍ୟ ସମସ୍ତ କ୍ଷେତ୍ର ନିର୍ଭରଶୀଳ। ରାଜ୍ୟରେ ବିଦ୍ୟୁତ୍ ଚାହିଦା ଦିନକୁ ଦିନ ବଢିବାରେ ଲାଗିଛି। ତେବେ ଘରୋଇ କ୍ଷେତ୍ରରେ ବିଦ୍ୟୁତ୍ ବ୍ୟବହାର କ୍ରମଶଃ କମିବାରେ ଲାଗିଥିଲା। ୨୦୦୧-୦୨ରେ ଘରୋଇ କ୍ଷେତ୍ରରେ ବିଦ୍ୟୁତ୍ ଅଂଶ ଥିଲା ୩୫.୬୮%, ଯାହାକି ୨୦୦୮-୦୯କୁ ୨୪.୮୧%କୁ ହ୍ରାସ ପାଇଥିଲା। ପରେ ଏହା ବୃଦ୍ଧିପାଇଛି। ୨୦୧୨-୧୩ରେ ଓଡିଶାର ମସୁଦାୟ ବ୍ୟବହୃତ ବିଦ୍ୟୁତ୍ ଶକ୍ତିରୁ ୩୧.୪୪% ଘରୋଇ କ୍ଷେତ୍ରରେ ଥିଲା। ଅପରପକ୍ଷରେ, ଶିଳ୍ପ କ୍ଷେତ୍ରରେ ବିଦ୍ୟୁତ୍ ବ୍ୟବହାର ହ୍ରାସ ପାଇଛି। ୨୦୦୮-

୦୯ରେ ଏହା ୫୫.୭୪% ଥରବାବେଳେ ଏବେ ୪୫.୩୬%ରେ ପହଞ୍ଚିଛି। ରାଜ୍ୟରେ ୪୬ ଲକ୍ଷ ୫୧ ହଜାର ଘରୋଇ ବିଦ୍ୟୁତ୍ ଉପଭୋକ୍ତା ଥିଲେ, ଯେଉଁଥିରୁ ୭୦.୩୭% ଗ୍ରାମାଞ୍ଚଳର ବୋଲି ହିସାବରୁ ଜଣାଯାଏ।

ଗୋଟିଏ ଅଞ୍ଚଳରୁ ବିଦ୍ୟୁତ୍ ଯୋଗାଣ, ସେହି ଅଞ୍ଚଳର ସ୍ଥାପନ କ୍ଷମତା ଓ ବ୍ୟବହାର ପାଇଁ ଉପଲବ୍ଧତା ଅନୁସାରେ ମପାଯାଇଥାଏ। ୨୦୦୫-୦୬ରୁ ୨୦୧୨-୧୩ ମଧ୍ୟରେ ରାଜ୍ୟରେ ସ୍ଥାପନ କ୍ଷମତା ଦୁଇଗୁଣ ବୃଦ୍ଧିପାଇଛି। ତେବେ ବିଦ୍ୟୁତ୍‌ଶକ୍ତିର ଉପଲବ୍ଧତା ଏହା ତୁଳନାରେ ଯଥେଷ୍ଟ କମ୍। ବ୍ୟବହାର ସାମର୍ଥ୍ୟ, ପ୍ରସାରଣ ଓ ଯୋଗାଣରେ କ୍ଷତି ଆଦି ବିଭିନ୍ନ କାରଣରୁ ଏହା ହୋଇଥାଇପାରେ।

ବିଦ୍ୟୁତ୍ ଚାହିଦାର ଶୀର୍ଷ ସମୟରେ ବିଦ୍ୟୁତ୍ ଯୋଗାଣରେ ଅଭାବ ୨୦୧୨-୧୩ରେ ଦେକାଦଇଥିଲା। ସେହି ବର୍ଷ ବିଦ୍ୟୁତ୍ର ଆବଶ୍ୟକତା ଥିଲା। ସମୁଦାୟ ୩୩୦୦ ମେଗାୱାଟ୍ ଅଥଚ ଉପଲବ୍ଧ ହେଉଥିଲା ୨୬୦୦ ମେଗାୱାଟ୍, ଯାହାକି ଅଭାବ ପରିମାଣ ଥିଲା ୨୧.୦୨%। ଏହା ସର୍ବଭାରତୀୟ ହାର ୯.୮୧% ଠାରୁ ଯଥେଷ୍ଟ ଉପରେ ଥରଲା।

ଶକ୍ତି ଯୋଗାଣରେ ତିନପ୍ରକାରର ଉତ୍ସ ସହଯୋଗ କରିଥାନ୍ତି। ଯଥା - ରାଜ୍ୟ, କେନ୍ଦ୍ର ଓ ଶକ୍ତିକେନ୍ଦ୍ର, ଯାହା ଶିଳ୍ପାନୁଷ୍ଠାନ ନିୟନ୍ତ୍ରିତ ଯେମିତିକି ଜାତୀୟ ଆଲୁମିନିୟମ କଇପାନୀ (ନାଲକୋ), ଭାରତୀୟ ଚାରିକ୍ରୋମ ଲିମିଟଏଡ (ଆଇସିସିଏଲ) ରାଉରକେଲା ଇସ୍ପାତ କାରଖାନା (ଆରଏସପି), ଭାରତୀୟ ଆଲୁମିନିୟମ ଲିମିଟେଡ (ଇଣ୍ଡାଲ), ନୀଳାଚଳ ଇସ୍ପାତ୍ ନିଗମ ଲିମିଟଏଡ (ଏନଆଇଏନଅଲ), ନବ ଭାରତ ଉଦ୍ୟମ ଲିମିଟେଡ (ଏନବିଭିଏଲ, ମେରାମୁଣ୍ଡଳି), ଜିନ୍ଦଲ ଷ୍ଟିଲ ଏବଂ ଅନ୍ୟାନ୍ୟ। ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମ୍ୟ ବିଦ୍ୟୁତ୍ କରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ୪୭୫,୨୯ଟି ଗ୍ରାମ ମଧ୍ୟରୁ ୮୮% ଗ୍ରାମରେ ୨୦୧୩ ମାର୍ଚ୍ଚ ୩୧ ସୁଦ୍ଧ ବିଦ୍ୟୁତ୍କରଣ ହୋଇଛି, ଯାହାକି ସର୍ବଭାରତୀୟ ହାର ୯୪.୪%। ଆଠଟି ରାଜ୍ୟ ଯଥା - ପଶ୍ଚିମବଙ୍ଗ, ତାମିଲନାଡୁ, ସିକିମ, ପଞ୍ଜାବ, କେରଳ, ହରିୟାନା, ଗୋଆ, ଆନ୍ଧ୍ରପ୍ରଦେଶ ଓ ଦିଲ୍ଲୀ ସଂପୂର୍ଣ୍ଣ ବିଦ୍ୟୁତ୍କରଣ ହାସଲ କରିଥିବାବେଳେ ଆଉ ପାଞ୍ଚରାଜ୍ୟ ହିମାଚଳ,ପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜୁରାଟ ଓ ଉତ୍ତରାଖଣ୍ଡ ୯୯.୯% ହାସଲ କରିଛନ୍ତି। ୨୦୦୫-୦୬ ତୁଳନାରେ ରାଜ୍ୟଗୁଡିକର ସମୁଦାୟ ବିଦ୍ୟୁତ୍ ବ୍ୟବହାର ୨୦୧୨-୧୩ ଶେଷସୁଦ୍ଧା ଶତକଡା ୬୦ ହାରରେ ବୃଦ୍ଧି ପାଇଛି, ହେଲେ ଗ୍ରାମାଞ୍ଚଳ-ସହରାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ମଧ୍ୟରେ ବ୍ୟବଧାନ ସେମିତି ଆଖି ଦୃଶିଆ ରହିଛି। ୨୦୧୩ ମାର୍ଚ୍ଚ ସୁଦ୍ଧା ୪୭ ହଜାର ୫୨୯ଟି ଗ୍ରାମ ମଧ୍ୟରୁ ୪୧ ହଜାର ୮୩୬ ଗ୍ରାମକୁ ବିଦ୍ୟୁତ୍‌କରଣ କରାଯାଇଛି, ପାଖାପାଖି ୧୨% ଗ୍ରାମ ଏବେ ସୁଦ୍ଧା ବିଦ୍ୟୁତ୍ ରୁ ବଞ୍ଚିତ। ରାଜ୍ୟର ସମୁଦାୟ ୪୬.୫୧ ଲକ୍ଷ ଉପଭୋକ୍ତାମାନଙ୍କ ମଧ୍ୟରୁ ୩୨.୭୩ ଲକ୍ଷ (୭୦.୪%) ଗ୍ରାମାଞ୍ଚଳର ଉପଭୋକ୍ତା।

- ଶକ୍ତି କ୍ଷେତ୍ରପାଇଁ ସରକାରୀ ପଦକ୍ଷେପ : ରାଜ୍ୟକୁ ବିଦ୍ୟୁତ୍ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଶକ୍ତି ଉତ୍ପାଦକ (IPPS) ମାନଙ୍କ ସହ ୨୯ଟି ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଯାହାଫଳରେ ସମୁଦାୟ ୪୦,୬୨୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦିତ ହୋଇପାରିବ ଏବଂ ଏଥିରରୁ

ରାଜ୍ୟରଭାଗ ୭୨୫୯ ମେଗାୱାଟ୍ । ସ୍ୱାକ୍ଷରିତ ହୋଇଥିବା ବୁଝାମଣା ଅନୁଯାୟୀ ଏଥିମଧ୍ୟରୁ ଦୁଇଟି କାର୍ଯ୍ୟ ଆରମ୍ଭ କରି ୨୪୫୦ ମେଗାୱାଟ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ କରି ରାଜ୍ୟର ଭାଗକୁ ଗ୍ରୀଡକୋକୁ ଯୋଗାଇଛନ୍ତି । ଏହା ସହିତ ୪୮୬୦ ମେଗାୱାଟ୍ ବିଦ୍ୟୁତ୍ ଆଶା କରାଯାଉଛି, ଯାହା ଜାତୀୟ ତାପଜ ବିଦ୍ୟୁତ୍ କେନ୍ଦ୍ର (NTPC) ର ଗଜମରା, ଦରଲିପାଲି, ତାଳଚେର ସହ ତାପଜ ବିଦ୍ୟୁତ୍କେନ୍ଦ୍ର (TTPS) ସଂପ୍ରସାରଣ ଓ ଓଡିଶା UMPP ପ୍ରକଳ୍ପଗୁଡିକରୁ ଉତ୍ପାଦିତ ହେବାକୁ ଅଛି ।

- ରାଜ୍ୟ ସରକାର ମଧ୍ୟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ବହୁ ପଦ କ୍ଷେପ ଗ୍ରହଣ କରୁଛନ୍ତି, ଯାହା ବିଦ୍ୟୁତ୍ ଚାହିଦା ପରିଚାଳନା, ପ୍ରସାରଣ ଓ ଯୋଗାଣର ହ୍ରାସ ଦୂରୀକରଣ ପାଇଁ ମଧ୍ୟ ଉଦ୍ଦିଷ୍ଟ । ବର୍ତ୍ତମାନ ତିନୋଟି ମୁଖ୍ୟ ଉତ୍ସରୁ ବିଦ୍ୟୁତ୍ ଉତ୍ପାଦନ ହେଉଛି ଯଥା କେନ୍ଦ୍ରୀୟ କ୍ଷେତ୍ର, ରାଜ୍ୟକ୍ଷେତ୍ର ଓ ଘରୋଇ କ୍ଷେତ୍ର, ପ୍ରସାରଣ ଓ ପରିଚାଳନା, ଓଡିଶା ଶକ୍ତି ପ୍ରସାରଣ ନିଗମ ଲିମିଟେଡ (OPTCL) ସାଧାରଣତଃ କରିଥାଏ । ବିଦ୍ୟୁତ୍ ଯୋଗାଣଦାୟିତ୍ୱ, ଘରୋଇ କଂପାନୀ ପରିଚାଳିତ ପଶ୍ଚିମାଞ୍ଚଳ ବିଦ୍ୟୁତ୍ ଶକ୍ତି ଯୋଗାଣ କଂପାନୀ (ୱେସକୋ), ଉତ୍ତରାଞ୍ଚଳ ବିଦ୍ୟୁତ୍‌ଶକ୍ତି ଯୋଗାଣ କଂପାନୀ (ନେସକୋ), ଦକ୍ଷିଣାଞ୍ଚଳ ବିଦ୍ୟୁତ୍ ଶକ୍ତି ଯୋଗାଣ କଂପାନୀ (ସାଉତକୋ) ଏବଂ କେନ୍ଦ୍ରାଞ୍ଚଳ ବିଦ୍ୟୁତ୍‌ଶକ୍ତି ଯୋଗାଣ ୟୁନି; (ସେସୁ) ଉପରେ ନ୍ୟସ୍ତ । ରାଜ୍ୟସରକାର ଗ୍ରୀଡକୋକୁ ବିଦ୍ୟୁତ୍ ବ୍ୟବସାୟୀକରଣ ଦାୟିତ୍ୱ ଦେଇଥରବାରୁ ଗ୍ରୀଡକି ଏହିସବୁ କଇପାନୀଗୁଡିକ ସହ ବିଦ୍ୟୁତ୍ ବଣ୍ଟନ ବୁଝାମଣା କରିଛନ୍ତି, ଉଭୟ ଗ୍ରୀଡକୋ ଓ OPTCL ରାଜ୍ୟ ସରକାରଙ୍କର ସଂସ୍ଥା । ଯଦିଓ ବିଦ୍ୟୁତ୍ ବନ୍ଟନକାରୀ କଂପାନିଗୁଡିକ ଘରୋଇ, ତେବେ ସେମାନେ ସଂପୂର୍ଣ୍ଣ ସ୍ୱାଧୀନ ନୁହଁନ୍ତି । ଓଡିଶା ବିଦ୍ୟୁତ୍ ନୟନ୍ତ୍ରଣଆୟୋଗ (OERC) ୧୯୯୬ ମସିହାରେ ପ୍ରତିଷ୍ଠା ହୋଇଥରଲା, ଯାହାକି ଉଭୟ କମ୍ପାନୀ ଓ ଉପଭୋକ୍ତାମାନଙ୍କ ମଧ୍ୟରେ ଦେଖାଯାଉଥିବା କୌଣସି ପ୍ରକାରର ଦ୍ୱନ୍ଦ୍ୱ କି ସନ୍ଦେହ ଦୂର କରିବାରେ ମଧ୍ୟସ୍ଥତା କରିଥାଏ, ଏହା ବିଦ୍ୟୁତ୍ ଦର ସ୍ଥିର କରିବା ସହ ବିଦ୍ୟୁତ୍ ସାମର୍ଥ୍ୟ ଓ ସୁରକ୍ଷା ନେଇ ଉପଭୋକ୍ତାମାନଙ୍କର ଆଗ୍ରହକୁ ଅଗ୍ରାଧିକାର ଦେଇଥାଏ ।

- ଗ୍ରୀଡକୋ : ରାଜ୍ୟରେ OHPC, NTPC & CPPS ଆଦି ଉତ୍ସରୁ ବିଦ୍ୟୁତ୍ କ୍ରୟ କରେ ଗ୍ରୀଡକୋ । ଏହା କେନ୍ଦ୍ରୀୟ କ୍ଷେତ୍ର ଶକ୍ତି ଉତ୍ପାଦନ କେନ୍ଦ୍ର ଯଥା - ଫାରକ୍କା କହଲଗାଁ, କଣିହା ଆଦିରୁ ପୂର୍ବାଞ୍ଚଳ ବିଦ୍ୟୁତ୍‌ଶକ୍ତି ପରିଷଦ EREB ବ୍ୟବସ୍ଥା ମାଧ୍ୟମରେ ରାଜ୍ୟର ଅଂଶ ଗ୍ରହଣ କରିଥାଏ । ଏହା ମଧ୍ୟ ବଳକା ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥା କରିଥାଏ, ଯାହା ଉପଲବ୍ଧତା ଶ୍ରେଷ୍ଠ ତାରିଫ ABT, ବର୍ତ୍ତମାନ ରାଜ୍ୟରେ ଉତ୍ପାଦନ କ୍ଷମତା ୪୯୩୭ ମେଗାୱାଟ, ଯାହା HYDE ୨୦୮୫ ମେଗାୱାଟ ରାଜ୍ୟ ତାପଜ ୧୨୦୮ ମେଗାୱାଟ ଓ କେନ୍ଦ୍ରୀୟ ଅନୁଦାନ ୧୬୪୪ ମେଗାୱାଟ । ରାଜ୍ୟ ସରକାରଙ୍କ ସଂସ୍ଥା ଭାବେ ଗ୍ରୀଡକୋ ୨୯ଟି ସ୍ୱସଧୀନ ଶକ୍ତି ଉତ୍ପାଦକଙ୍କ ସହ ବିଦ୍ୟୁକ୍ରୟ ବୁଝାମଣା କରିଛି । ୨୦୧୫-୧୬ ବେଳକୁ ଓଡିଶା ବିଦ୍ୟୁତ୍ ବଳକା ରାଜ୍ୟ ଭାବେ ପ୍ରତିଷ୍ଠାପାଇଛି । ୨୦୧୨-୧୩ରେ ଗ୍ରୀଡକୋ, ବିଭିନ୍ନ କେନ୍ଦ୍ର ସୂତ୍ରରୁ ୨୩୯ ମେଗାୱାଟ ଓ ଅନ୍ୟାନ୍ୟ ସୂତ୍ରରୁ ୮୯ ମେଗାୱାଟବିଦ୍ୟୁକ୍ରୟ କରି ୧୩୬ ମେଗାୱାଟ ଅନ୍ୟାନ୍ୟ ରାଜ୍ୟକୁ ବିକ୍ରୟ କରିଥିଲା ।

- ଓଡିଶା ଶକ୍ତି ପ୍ରସାରଣ ନିଗମ ଲିମିଟେଡ (OPTCL) : OPTCL ଏକ ପୃଥକ୍ ବିବାଗ, ଯାହା ୨୦୦୫ରେ ପ୍ରତିଷ୍ଠା ହୋଇଥିଲା । ଏହା ଫଳପ୍ରଦ ଓ ଅର୍ଥନୀତି ଦୃହଟିରୁ ଗ୍ରହଣୀୟ ବିକଶିତ ବିଦ୍ୟୁତ୍

ବ୍ୟବସ୍ଥା, ଯାହା ଆନ୍ତରାଜ୍ୟ ଓ ରାଜ୍ୟସତରରେ ବିଦ୍ୟୁତ୍ ଯୋଗାଣରେ ସହାୟକ, ତାହାର ବ୍ୟବସ୍ଥା କରିଥାଏ। ଏହା ସବୁ ଗ୍ରୀଡ ସବଷ୍ଟେସନ ଓ ଟ୍ରାନ୍ସମିଶନ ଲାଇନକୁ ଏହି ପରିପ୍ରେକ୍ଷୀରେ କମିଶନ କରିଛି। OPTCL ର କେତେକ ମୁଖ୍ୟ କାର୍ଯ୍ୟ ମଧ୍ୟରେ

କ) ଅଳ୍ପ ଭୋଲଟେଜ ସମସ୍ୟାରେ ଉନ୍ନତି

ଖ) ଟ୍ରାନ୍ସମିଶନ ଲାଇନ ସହ ଗ୍ରୀଡ ସବଷ୍ଟେସନଗୁଡ଼ିକର ନିର୍ମାଣ

ଗ) ସାମର୍ଥ୍ୟ ବୃଦ୍ଧି

ଘ) ଟେଣ୍ଡର କାର୍ଯ୍ୟାକଳାପ

OPTCL ସବଷ୍ଟେସନଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ଗ୍ରହଣ କରୁଛି।

- ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (OHPC) : OHPC ର ୬ଟି ପ୍ରକଳ୍ପ ଏବଂ ୨୦୬୨ ମେଗାୱାଟ ଶକ୍ତି କ୍ଷମତାର ଗୋଟିଏ ଯୁଗ୍ମ ଜଳ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟରତ। ଏହାର କ୍ଷମତା ମଧ୍ୟରେ

କ) ମୁଖୀଗୁଡାର ଅପର ଇନ୍ଦ୍ରବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ (୬ଶହ ମେଗାୱାଟ)ର କାର୍ଯ୍ୟକାରିତା

ଖ) ବୁର୍ଲାର ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପର ୧,୨,୩ ଓ ୪ ୟୁନିଟର ନବୀକରଣ ଓ ଆଧୁନିକୀକରଣ

ଗ) ବାଲିମେଳା ଜଳବିଦ୍ୟୁତ୍ ପ୍ରକଳ୍ପରେ ୧୫୦ ମେଗାୱାଟ୍‌ର ଦୁଇଟି ୟୁନିଟ ପ୍ରତିଷ୍ଠା।

ଘ) OHPC , OMC ମିଳିତ ଭାବେ ଓଡ଼ିଶା ତାପଜ ବିଦ୍ୟୁତ୍ ନିଗମ ଲିମିଟେଡ (OTPC) ସହ ଯୁଗ୍ମ ବୁଝାମଣାରେ ୨୪୦୦ ମେଗାୱାଟ୍ କ୍ଷମତା ସଂପନ୍ନ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରିବା। ଜମି ଅଧିଗ୍ରହଣ, ଜଙ୍ଗଲ ବିଭାଗ ଅନୁମତି ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ଦିଗରେ କାର୍ଯ୍ୟରେ ଅଗ୍ରଗତି।

ଙ) ଓଡ଼ିଶାର ସବୁଜ ଶକ୍ତି ଉନ୍ନୟନ ନିଗମ ଲିମିଟେଡ (GEDCOL) OHPC ର ୧୦୦% ସବସିଡିଆରୀ ଗ୍ରହଣ କରି ଓଡ଼ିଶାରେ ଶକ୍ତିର ବିକାଶରେ କାର୍ଯ୍ୟରତ ବିଶେଷ କରି ସୌରଶକ୍ତି ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠା ଓ ପ୍ରସାର ଦିଗରେ GEDCOL ଉଦ୍ୟମ କରିଆସୁଛି। GEDCOL କୁ ଓଡ଼ିଶାର ଗ୍ରୀଡ ସୌର ଶକ୍ତି ପ୍ରକଳ୍ପ ସମୂହର ନୋଡାଲ ଅଧିକାରୀ / ସଂସ୍ଥା ଭାବେ ଘୋଷଣା କରିଛନ୍ତି।

- ଓଡ଼ିଶା ଶକ୍ତି ସୃଜନ ନିଗମ (OPGC) : OPGC ଗୋଟିଏ ସରକାରୀ କମ୍ପାନୀ ଏବଂ ୧୯୮୪ ରେ ଏହା ସ୍ୱର୍ଣ୍ଣ ବିଭାଗ ଭାବେ ସରକାରୀ ଉଦ୍ୟୋଗରେ ଅନ୍ତର୍ଭୁକ୍ତ ହୋଇଥିଲା। ଏହା ଯୁଗ୍ମ ଭାବେ, ଓଡ଼ିଶା ସରକାର ଓ ଯୁକ୍ତରାଷ୍ଟ୍ର ଆମେରିକାର ଏକ ଘରୋଇ କମ୍ପାନୀ AES ଦ୍ୱାରା ପରିଚାଳିତ। କମ୍ପାନୀ ତରଫରୁ ଦୁଇଟି ତାପଜ ବିଦ୍ୟୁତ୍ କେନ୍ଦ୍ର, ପ୍ରତ୍ୟେକ ୨୧୦ ମେଗାୱାଟ୍ ବିଶିଷ୍ଟ, ଝାରସୁଗୁଡା ଜିଲ୍ଲାର ଇବ୍ ଉପତ୍ୟକାରେ ପ୍ରତିଷ୍ଠା କରାଯାଇଛି। ଏହା ଅଧିନରେ ମଧ୍ୟ ସାତଟି HYDE କେନ୍ଦ୍ର ନିର୍ମାଣାଧିନ ଅଛି। OPGC କୁ ଏହାର ଅବଦାନ ପାଇଁ ରାଜ୍ୟ ଶ୍ରେଷ୍ଠ ପୁରସ୍କାର ସମ୍ମାନ, ଗ୍ରୀନ୍ ଟେକ ଉତ୍କର୍ଷ ସ୍ୱର୍ଣ୍ଣ ପୁରସ୍କାର ଆଦି ଅନେକ ପୁରସ୍କାର ପ୍ରଦାନ କରାଯାଇଛି।

- ଗ୍ରାମ୍ୟ ବିଦ୍ୟୁତ୍ କରଣ ପାଇଁ ପଦକ୍ଷେପ : ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ବିଦ୍ୟୁତ୍କରଣ ପାଇଁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ଗ୍ରହଣ କରାଯାଉଛି । କେନ୍ଦ୍ର ସରକାରଙ୍କ ସହ ବୁଝାମଣା ଅଣୁଯାୟୀ, ରାଜ୍ୟ ସରକାର ଦ୍ୱାଦଶ ଯୋଜନା କାଳରେ ପ୍ରତ୍ୟେକ ଘରକୁ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ବଦ୍ଧ ପରିକର । ଏକ ରାଜ୍ୟସ୍ତରୀୟ ଅନୁଧ୍ୟାନ ସମିତି ଏହି ଉଦ୍ଦେଶ୍ୟରେ ଗଠିତ ହୋଇଛି ।

- ରାଜୀବଗାନ୍ଧୀ ଗ୍ରାମୀଣ ବିଦ୍ୟୁତ୍କରଣ ଯୋଜନା (RGGVY) : ୨୦୦୫ ମସିହା ଏପ୍ରିଲ ମାସରେ ଆରମ୍ଭ ହୋଇଥିବା ଏହି କେନ୍ଦ୍ରୀୟ ଯୋଜନାର ଲକ୍ଷ୍ୟ, ଏକଶହ ବା ଉର୍ଦ୍ଧ୍ୱ ଜନସଂଖ୍ୟା ଥିବା ସମସ୍ତ ଗ୍ରାମକୁ ପାଞ୍ଚବର୍ଷ ମଧ୍ୟରେ ବିଦ୍ୟୁତ୍ ସେବା ଯୋଗାଇଦେବା । ଏଥିପାଇଁ ଏହି ଯୋଜନା କ୍ରମରେ ଶତକଡା୯୦ ପୁଞ୍ଜି ରିହାତି ଓ ଶତକଡା ୧୦ ରାଜ୍ୟ ସରକାରଙ୍କୁ ଋଣ ଆକାରରେ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଓଡିଶାରେ ଏହି ଯୋଜନା କେନ୍ଦ୍ର ସରକାରଙ୍କ ଅଧିନସ୍ଥ ଉଦ୍ୟୋଗ ଯଥା - NTPC, NHPC PGCFL ଦ୍ୱାରା କାର୍ଯ୍ୟକାରୀ ହୋଇଥାଏ । ଏହି ଯୋଜନାକୁ ଅଧିକ ଫଳବତୀ କରିବା ପାଇଁ ରାଜ୍ୟସରକାର ୨୦୦୭-୦୮ରେ ବିଜୁ ଗ୍ରାମଜେ୍ୟାତି ଯୋଜନା (BGJY) ଆରମ୍ଭ ରିଛନ୍ତି, ଯାହାକି ଏକଶହରୁ କମ୍ ଜନସଂଖ୍ୟା ଥିବା ଗ୍ରାମ ଏବଂ ଦାରିଦ୍ର୍ୟ ସୀମାରେଖ ତଳେ ବସବାସ କରୁଥିବା ବିପିଏଲଧାରୀମାନଙ୍କୁ ବିଦ୍ୟୁତ୍ ସେବା ଯୋଗାଇବା ଲାଗି ଉଦ୍ଦିଷ୍ଟ । ଏହି ବ୍ୟବସ୍ଥା ରାଜୀବଗାନ୍ଧୀ ଗ୍ରାମୀଣ ବିଦ୍ୟୁକ୍ରଣ ଯୋଜନାରେ ନ ଥିବାରୁ ବିଜୁ ଗ୍ରାମ ଜ୍ୟୋତି ଯୋଜନା ସେହି ଶୂନ୍ୟତାକୁ ପୂରଣ କରିବାରେ ସହାୟକ ହୋଇଥାଏ ।

- ବିଜୁ ସହରାଞ୍ଚଳ ବିଦ୍ୟୁତ୍ କରଣ ଯୋଜନା (BSVY) : ସହରାଞ୍ଚଳରେ ବିଦ୍ୟୁତ୍ ସୁବିଧା ନ ଥିବା ଅଞ୍ଚଳରେ ବସବାସ କରୁଥିତା ଲୋକମାନଙ୍କୁ ବିଦ୍ୟୁତ୍ ସେବା ଯୋଗାଇଦେବା କୁ ରାଜ୍ୟ ସରକାର ୨୦୧୦-୧୧ରେ ବିଜୁ ସହରାଞ୍ଚଳ ବିଦ୍ୟୁତ୍ କରଣ ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନାରେ ତିନୋଟି ମହାନଗରନିଗମ, ୩୭ଟି ନଗରପାଳିକା ଓ ୬୩ଟି ବିଜ୍ଞାପିତ ପରିଷଦ (NAC) ଅନ୍ତର୍ଭୁକ୍ତ । ସହରାଞ୍ଚଳର ସମସ୍ତ କ୍ଷେତ୍ରକୁ ବିଦ୍ୟୁତକରଣ କରିବାରେ ଏହି ଯୋଜନା ଲକ୍ଷ୍ୟ ପଥରେ ସଫଳତାର ସହ ଅଗ୍ରଗତି କରୁଛି । ଗ୍ରାମାଞ୍ଚଳରେ ବିଜୁ ଗ୍ରାମ ଜେ୍ୟାତି ଯୋଜନାଓ ସହରାଞ୍ଚଳରେ ବିଜୁ ସହରାଞ୍ଚଳ ବିଦ୍ୟୁତ୍ କରଣ ଯୋଜନା, ରାଜ୍ୟ ସରକାରଙ୍କ ଦୁଇଟି ସଫଳ ପଦକ୍ଷେପ ।

- ବିଦ୍ୟୁତ୍ ବ୍ୟବସ୍ଥା ଉନ୍ନତିକରଣ କାର୍ଯ୍ୟକ୍ରମ (DESI) : ରାଜ୍ୟ ସରକାର ଆରମ୍ଭ କରିଥିବା ଏହି ନ୍ୟଆ ବ୍ୟବସ୍ଥା DESI ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ପ୍ରଚଳିତ ଯୋଜନା BGJY ଓ RGGYY ସହଯୋଗ କରିଥାଏ । ଏହି ସହଯୋଗ ପାଣ୍ଠି ସହାୟତା, ଟ୍ରାନ୍ସଫର୍ମର ପ୍ରତିଷ୍ଠା ପରବର୍ତ୍ତନ, ବିଦ୍ୟୁତ୍ ସମ୍ବନ୍ଧୀୟ ସମସ୍ତ ବ୍ୟବସ୍ଥାର ଉନ୍ନତିକରଣ ମୂଳକ ହୋଇଥାଏ ।

- ପୁନଃକ୍ଷମ ଏବଂ ବିକଳ୍ପ ଶକ୍ତିବିକାଶ ଓ ବ୍ୟବହାର : ଯଦିଓ ରାଜ୍ୟରେ ତାପଜ ଓ ଜଳ ବିଦ୍ୟୁତ୍, ଦୁଇ ପ୍ରକାରର ମୁଖ୍ୟ ବିଦ୍ୟୁତ୍ ବ୍ୟବସ୍ଥା ବିଭିନ୍ନ ଯୋଜନା କ୍ରମରେ ଚାଲୁ ରହିଛି, ତେବେ ବିକଳ୍ପ ବ୍ୟବସ୍ଥା ନେଇ ମଧ୍ୟ ଯୋଜନା ହେଉଛି । ଓଡିଶା ପୁନଃକ୍ଷମ ଶକ୍ତିବିକାଶ ସଂସ୍ଥା (ଓରେଡା), ରାଜ୍ୟ ସରକାରଙ୍କ

ବିଜ୍ଞାନ ଓ ବୈଷୟିକ ବିଭାଗ ଅଧରନସ୍ଥ ସର୍ବୋଚ୍ଚ ସଂସ୍ଥା, ଯାହାକି ରାଜ୍ୟରେ ପୁନଃକ୍ଷମ ଓ ବିକଳ୍ପ ଶକ୍ତି ପ୍ରକଳ୍ପଗୁଡିକ ଦିଗରେ ଗୁରୁତ୍ୱ ଦେଇଥାଏ।

- ଅଗମ୍ୟ ଗ୍ରାମ୍ୟ ବିଦ୍ୟୁତ୍ କରଣ କାର୍ଯ୍ୟକ୍ରମ (RVEP) ଏହି ଯୋଜନା ଅଣପାରମ୍ପରିକ ଶକ୍ତି ଉତ୍ସରୁ ବିଦ୍ୟୁତ୍କରଣ ସେବା ଯୋଗାଇଦେବା, ଯାହାକି ଅଗମ୍ୟ ଗ୍ରାମାଞ୍ଚଳ ଯେଉଁଠାରେ ଗମନାଗମନର ସୁବିଧା ନାହିଁ, ସେହି ଅଞ୍ଚଳ ପାଇଁ ଉଦ୍ଦିଷ୍ଟ। ଏଠାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତାରେ ବିଦ୍ୟୁତ୍ ସେବା ବ୍ୟବସ୍ଥା କରାଯାଇଛି। ଏପର୍ଯ୍ୟନ୍ତ ୧୫୦୩ଟି ଏଭଳି ଗ୍ରାମକୁ ଏହି ଯୋଜନାର ଅନ୍ତର୍ଭୁକ୍ତ କରାଯାଇ ବିଦ୍ୟୁତ୍କରଣ କରାଯାଇପାରିଛି।

## ୧.୬.୪ ଜଳ ଯୋଗାଣ

ସ୍ୱଚ୍ଛ ଓ ନିରାପଦ ପାନୀୟଜଳ ସ୍ୱାସ୍ଥ୍ୟ ପାଇଁ ନିତାନ୍ତ ଆବଶ୍ୟକ। ଅନ୍ୟଥା ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖା ଦେଇପାରେ। ରାଜ୍ୟସରକାର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏଥରପ୍ରତି ଦୃଷ୍ଟିଦେଇ ଜଳ ଯୋଗାଣ ବ୍ୟବସ୍ଥା କରୁଛନ୍ତି। ତେବେ ଜାତୀୟ ହାର ତୁଳନାରେ ଓଡିଶାର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳକୁ ଜଳ ଯୋଗାଣ ହାର ଅପେକ୍ଷାକୃତ କମ୍। ୨୦୧୧ ଜନଗଣନା ଅନୁଯାୟୀ, ରାଜ୍ୟର ୯୬.୬୧ ଲକ୍ଷ ଘର ମଧ୍ୟରୁ କେବଳ ୧୩.୮% ଘର ପାଇପ ଯୋଗେ ଜଳ ବ୍ୟବହାର କରନ୍ତି। ସେହିଭଳି ୧୯.୫% କୂଅ ଓ ୬୧.୫% ନଳକୂପ ବ୍ୟବହାର କରନ୍ତି। ସେହିଭଳି ଅନୁସୂଚିତ ଘର ହିସାବ କଲେ ଏହା ଯଥାକ୍ରମେ ୪୧.୩%, ୮.୩% ଓ ୪୭.୩%। ଏହି ହିସାବ ଜନଜାତିଘର ହିସାବରେ ଯଥାକ୍ରମେ ୨୪.୮%, ୨୧.୧% ଓ ୪୭%। ଏହାଛଡା ସମୁଦାୟ ୯୬.୬୧ ଲକ୍ଷ ଘର ମଧ୍ୟରୁ ୨୨.୪% ସେମାନଙ୍କ ଘରପାଖ ପାନୀୟଜଳ ଓ ୩୫.୪% ସେମାନଙ୍କ ଘରଠାରୁ ଦୂରରେ ଥିବା ପାନୀୟଜଳ ସଂପଦ ଉପରେ ନିର୍ଭର କରିଥାନ୍ତି।

- ଗ୍ରାମ୍ୟ ଜଳଯୋଗାଣ : ୧୯୭୨-୭୩ ମସିହାରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କ୍ଷେତ୍ର ଆରମ୍ଭ ହୋଇଥିଲା, ଯାହାକି କେନ୍ଦ୍ରସରକାରଙ୍କ ARWSP ଯୋଜନା ସହାୟତା ପ୍ରାପ୍ତ। ପରବର୍ତ୍ତୀ ସମୟରେ ରାଜୀବ ଗାନ୍ଧି ଜାତୀୟ ପାନୀୟ ଜଳ ଅଭିଯାନ, ସ୍ୱଜଳଧାରା କାର୍ଯ୍ୟକ୍ରମ ଆରମ୍ଭ କରାଯଇଥିଲା। ଏହା ଜଳର ଉପଲବ୍ଧତା ସହ ଯୋଗାଣ, ପରିମାଣ, ଦେୟ ଏବଂ ବିକେନ୍ଦ୍ରୀକରଣ ସମାନତା ଆଦି ଉପରେ ଗୁରୁତ୍ୱ ପ୍ରଦାନ କଲା। ଜାତୀୟ ଗ୍ରାମ୍ୟ ପାନୀୟ ଜଳ, ଯାହାକି ସମସ୍ତଙ୍କୁ, ସବୁ ସମୟରେ ସବୁ ଗ୍ରାମାଞ୍ଚଳକୁ ଯୋଗାଇବା ଲାଗି ଯୋଜନା କରାଯାଇଛି। ୨୦୦୭ ଶେଷ ସୁଦ୍ଧା ୧୧୧୩ PWS ଯୋଜନା, ୨୫୭,୭୬୮ ଚିହ୍ନଟ ଉତ୍ସ, ୧୬୦ ଝରଣା ଆଧାରିତ ଜଳ ଯୋଗାଣ ପ୍ରକଳ୍ପ ଏବଂ ୧୨୨୮ ସ୍ୱଜଳଧାରା ପ୍ରକଳ୍ପ, ରାଜ୍ୟରେ କାର୍ଯ୍ୟ କରୁଥିଲା। ୨୦୧୧ ଏପ୍ରିଲ ୧ ତାରିଖ ସୁଦ୍ଧା ରାଜ୍ୟରେ ୧,୪୧,୯୨୮ ଗ୍ରାମ୍ୟ ବାସସ୍ଥାନରୁ ୭୩,୦୧୧ ବାସସ୍ଥାନକୁ ଆଂଶିକ ଜଳ ଯୋଗାଣ କରାଯାଇଥିଲା। ୨୦୧୧-୧୨ରେ ଉନ୍ନତମାନର ବାସସ୍ଥାନ ଉପରେ ପ୍ରାଥମିକତା ପ୍ରଦାନ କରାଯାଇଥିଲା। ଏହି କାରଣରୁ ୯୨ ଆଂଶିକ ପୂରଣ ବାସସ୍ଥାନ ଓ ୧୫୪୪ ମାନ ପ୍ରଭାବିତ ବାସସ୍ଥାନଗୁଡିକୁ ପାନୀୟ ଜଳ ଯୋଗାଣ ୨୦୧୧-୧୨ରେ କରାଯାଇ

ଆଂଶିକ ପୂରଣ ହୋଇଥିବା ବାସସ୍ଥାନ ୬୭,୯୧୯କୁ ହ୍ରାସ କରାଯାଇଥିଲା। ୨୦୧୧-୧୨ ଶେଷ ସୁଦ୍ଧା ୩,୧୬,୨୮୧ କାର୍ଯ୍ୟକ୍ଷମ ଚିହ୍ନଟ ଉତ୍ସଥିଲା ଏବଂ ୭୯୨୩ ପାଇପ ଜଳ ଯୋଗାଣ ପ୍ରକଳ୍ପ ରାଜ୍ୟରେ ଥିଲା, ଯେଉଁଥିରେ ୧୬,୭୯୫ ଚିହ୍ନଟ ଉତ୍ସ ଏବଂ ୮୫୦ ପାଇପ ଜଳ ଯୋଗାଣ ପ୍ରକଳ୍ପ ଅନ୍ତର୍ଭୁକ୍ତ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଗୋଟିଏ ନଳକୂପର ହାରାହାରି ଜୀବନ କାଳ ପ୍ରାୟ ଦଶବର୍ଷ ଏବଂ ବାର୍ଷିକ ସମୁଦାୟ ନଳକୂପରୁ ଶତକଡା ୪ରୁ ୫ ଭାଗ ସଂପୂର୍ଣ୍ଣ କ୍ଷୟଗ୍ରସ୍ତ ହୋଇଥାଏ। ଏହା ସହ, ୩୫୯୨ ବିଦ୍ୟାଳୟ ଓ ୧୭୪୩ ଅଙ୍ଗନବାଡି କେନ୍ଦ୍ରରେ ନିରାପଦ ପାନୀୟ ଜଳ ବ୍ୟବସ୍ଥା ୨୦୧୧-୧୨ରେ ହୋଇଥିଲା। ରାଜ୍ୟସରକାର ସମସ୍ତ ୮୪୫ ଗ୍ରାମପଞ୍ଚାୟତକୁ ପାଇପ ଯୋଗେ ଜଳ ଯୋଗାଣ ପାଇଁ ଦେଇଥିବା ପ୍ରସ୍ତାବନା ଏବେ ବି ଦିବାସ୍ୱପ୍ନ। ପ୍ରଥମ ପର୍ଯ୍ୟାୟରେ ୧୨୫୬ ଗ୍ରାମପଞ୍ଚାୟତ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଅବଶିଷ୍ଟ ଗ୍ରାମପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯିବା ପାଇଁ ଏହି ଯୋଜନା, ପ୍ରଥମ ପର୍ଯ୍ୟାୟରେ ଅବଶିଷ୍ଟ ଗ୍ରାମ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯିବା ପାଇଁ ଏହି ୍ୱଜନା। ପ୍ରଥମ ପର୍ଯ୍ୟାୟରେ ୧୬୬୦ ଗ୍ରାମକୁ ପାଣି ଯୋଗାଇଦିଆଯାଇଛି। ଏହା ପାଣି ଗଚ୍ଛିତ କରିବା ଲାଗି ଉଦ୍ଦିଷ୍ଟ। ଏହି ପାଣିଟାଙ୍କି ୧୦୦୦-୨୦୦୦ ଲିଟର କ୍ଷମତା ଥିବା ପାଣିଟାଙ୍କି। ବନ୍ୟା ଆଶଙ୍କା ଥିବା ରାଜ୍ୟର ସମସ୍ତ ୬୪୭୩ ଗ୍ରାମକୁ ନଳକୂପ ଯୋଗଇଦେବାକୁ ରାଜ୍ୟସରକାର ସ୍ଥିର କରିଥିଲେ। ଭାରତ ନିର୍ମାଣ ଯୋଜନା ଅଧିନରେ ଗ୍ରାମାଞ୍ଚଳକୁ ଶିଦ୍ଧ ନିରାପଦ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି।

- ସହରାଞ୍ଚଳ ଜଳ ଯୋଗାଣ : ବର୍ତ୍ତମାନ ପ୍ରାୟ ୮-୭.୭୪ ମିଲିୟନ ଲିଟର ପାନୀୟ ଜଳ ଦୈନିକ ୧୦୩ ସହରାଞ୍ଚଳ ଓ ୨ ଜନଗଣନା ଟାଉନର ୬୦.୫୪ ଲକ୍ଷ ଲୋକଙ୍କୁ ଯୋଗାଇ ଦିଆଯାଉଛି। ଏଥିରୁ ୨୨.୯୪ ଲକ୍ଷ ସହରବାସୀ ଯେଉଁମାନଙ୍କର ୩.୦୩ ଲକ୍ଷ ଘରୋଇ ସଂଯୋଗ ଦ୍ୱାରା ରହିଛି, ଉପକୃତ ହୁଅନ୍ତି ଏବଂ ଅବଶିଷ୍ଟ ୩୭.୯୨ ଲକ୍ଷ ଜନସଂଖ୍ୟା ୨୨,୬୧୧ଟି ସର୍ବସାଧାରଣ ପାଇପ ଜଳ ଦ୍ୱାରା ଉପକୃତ ହୋଇଥାନ୍ତି। ଏହାଛଡା ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ୨୮,୩୨୭ଟି ନଳକୂପ କାର୍ଯ୍ୟକ୍ଷମ ଅଛି। ସଂଯୋଗ ନ ଥରବା ସହରାଞ୍ଚଳ ଏବଂ ଜଳ ଯୋଗଣ ହେଉ ନ ଥିବା ସମୟରେ ଜଳ ଯୋଗାଣ ନେଇ ଦାବିକୁ ପୂରଣ ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଛି। ବର୍ତ୍ତମାନ ୧୦୩ଟି ସହରାଞ୍ଚଳର ୧୮୭୨ଟି ୱାର୍ଡରୁ ୧୧୫୩ଟି ୱାର୍ଡ ସଂପୂର୍ଣ୍ଣ ଭାବେ, ୫୬୪ ୱାର୍ଡ ଆଂଶିକ ଭାବେ ପାଇପଜଳ ଦ୍ୱାରା ସଂଯୋଗ କରାଯାଇଥିବାବେଳେ ୧୫୫ଟି ୱାର୍ଡ ଆଦୌ ସଂଯୋଗ ହୋଇନାହିଁ। ସରକାରଙ୍କ ପକ୍ଷରୁ ୫୦୯ଟି ଜଳ ଯୋଗାଣ ପ୍ରକଳ୍ପ ପାଇଁ ୭୩.୭୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ସମୁଦାୟ ୭୧୬.୨୨ କୋଟି ଟଙ୍କା ବ୍ୟବବସ୍ଥା ପ୍ରକଳ୍ପ ମଧ୍ୟରୁ ୧୨୨୩ଟି ନୂଆ ଯୋଜନା ଏବଂ ୩୮୬ଟି କାର୍ଯ୍ୟଚାଲୁ ରହିଥରବାପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ। ୨୦୧୩ ମାର୍ଚ୍ଚ ସୁଦ୍ଧା ୩୫୯ଟି ଯୋଜନା ସଂପୂର୍ଣ୍ଣ ହୋଇଥିବାବେଳେ ଅବଶିଷ୍ଟ ଚାଲୁଥିବା ଯୋଜନାଗୁଡିକ ବିଭିନ୍ନ ସ୍ତରରେ କାର୍ଯ୍ୟରତ। ଏହାଛଡା ୨୦୧୨-୧୩ରେ ୧୧୦୦କୋଟିର ବଜେଟ ବ୍ୟବସ୍ଥା ହୋଇଥିଲା, ଯାହାକି ୨୧୫୫ ଅଚଳ ନଳକୂପକୁ ପୁନଃକାର୍ଯ୍ୟକ୍ଷମ ପାଇଁ ଉଦ୍ଦିଷ୍ଟ ଥିଲା, ଯେଉଁଥିରୁ ୨୦୧୨-୧୩ ସୁଦ୍ଧା ୧୩୨୦ଟି ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିଛି।

## ୧.୭ ଓଡିଶାରେ ସେବାକ୍ଷେତ୍ର

ଓଡିଶାରେ ସେବା କ୍ଷେତ୍ର ବିବିଧ ଓ ବ୍ୟାପକ। ଯଥା ବ୍ୟାଙ୍କ, ବୀମା, ରିଅଲ ଇଷ୍ଟେଟ, ପ୍ରଶାସନ, ବାଣିଜ୍ୟ, ହୋଟେଲ ଓ ରେସ୍ତାରାଁ ନିର୍ମାଣ, ପରିବହନ ଓ ଯୋଗାଯୋଗ ଏବଂ ସାମାଜିକ କ୍ଷେତ୍ର ଯଥା - ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦି। ସାଧାରଣତଃ ଉପକ୍ଷେତ୍ରଗୁଡିକ, ଯାହା ବ୍ୟାଙ୍କ ଓ ବୀମା ପରିବହନ ଓ ଯୋଗାଯୋଗ, ବିଜ୍ଞାନ ଓ ବୈଷୟିକ ଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଇଥାଏ। ଏସବୁ ସେବା କ୍ଷେତ୍ର। ଶିକ୍ଷା ଓ ସ୍ୱସ୍ଥ୍ୟକୁ ସାମାଜିକ କ୍ଷେତ୍ରଭାବେ ଗୁରୁତ୍ୱ ଦିଆଯାଏ।

### ୧.୭.୧ ବ୍ୟାଙ୍କ ଓ ବୀମା

ଅର୍ଥନୈତିକ ପ୍ରତିଷ୍ଠାନଗୁଡିକର ବ୍ୟାପକତା ସର୍ବଦା, ଗୋଟିଏ ଅର୍ଥନୀତିର ବିକାଶ ସହ ଜମା ଓ ପୁଞ୍ଜିର ଫଳପ୍ରଦ ବ୍ୟବହାର ପାଇଁ ବାଟ ଦେଖାଇଥାଏ। ୨୦୦୪-୦୫ର ହିସାବ ଅଣୁଯାୟୀ, ଗୋଟିଏ ସ୍ଥିର ଦରରେ ବ୍ୟାଙ୍କ ଓ ବୀମା କ୍ଷେତ୍ର ଭଳି ଅର୍ଥନୈତିକ ପ୍ରତିଷ୍ଠାନ ସେବା କ୍ଷେତ୍ରରେ GSDP କୁ ୧୧.୩୩% ଅବଦାନ ଦେଇଥିଲେ ଏବଂ ୨୦୧୩-୧୪ରେ ଓଡିଶାରେ ୧୨.୧୩% ପୂର୍ବବର୍ଷ ତୁଳନାରେ ବାସ୍ତବ ବିକାଶ ହୋଇଥିଲା। ରାଜ୍ୟର ଗୋଟିଏ ବ୍ୟାଙ୍କ ଶାଖା ଦ୍ୱାରା ଜନସଂଖ୍ୟାର ହାରାହାରି ୧୧,୧୯୦ ଜଣଙ୍କୁ ସେବା ଯୋଗାଇ ଦିଆଯାଏ ବୋଲି କୁହାଯାଇପାରେ। ଗୋଟିଏ ବ୍ୟାବସାୟିକ ବ୍ୟାଙ୍କ କ୍ଷେତ୍ରରେ ଏହା ୧୨,୨୮୪ ରାଜ୍ୟରେ ବ୍ୟାବସାୟିକ ବ୍ୟାଙ୍କର ଘନତା ୨୦୦୧-୦୨ରେ ୧୬,୦୦୦ ଥିବାବେଳେ ୨୦୧୩ ମାର୍ଚ୍ଚ ଶେଷସୁଦ୍ଧା ଏହା ୧୨,୨୮୪ ହୋଇଥିଲା। ବ୍ୟାଙ୍କରେ ଟଙ୍କା ଜମା ପରିମାଣ କ୍ରମାଗତ ଭାବେ ବୃଦ୍ଧି ପାଇଛି। ୯୬% ରୁ ଅଧିକ ଜମା ପୁଞ୍ଜି, ବ୍ୟାବସାୟିକ ବ୍ୟାଙ୍କରେ ହୋଇଛି। ତେବେ ସମବାୟ ବ୍ୟାଙ୍କଗୁଡିକ ମଧ୍ୟ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଗ୍ରାମାଞ୍ଚଳରେ କୃଷିକ୍ଷେତ୍ରର ବିକାଶରେ ସହାୟତା ପ୍ରଦାନ କରୁଛନ୍ତି। ଯଦିଓ ୨୦୧୨-୧୩ରେ ରାଜ୍ୟର ମୁଣ୍ଡପିଛା ବ୍ୟାଙ୍କ ଜମା ପରିମାଣ ଟଙ୍କା ୨୪,୨୩୨କୁ ବୃଦ୍ଧି ପାଇଛି, ହେଲେ ଏହା ଜାତୀୟ ହାର ୫୬,୩୮୦ ଟଙ୍କା ତୁଳନାରେ ଯଥେଷ୍ଟ କମ୍। ଗୋଟିଏ ବ୍ୟାଙ୍କ କାରବାରରେ ଟଙ୍କା ଜମା-ଉଠାଣ ସହ ଋଣ ନେବା-ସୁଧ ଦେବା ଆଦି ବିବିଧ ବ୍ୟାଙ୍କିଙ୍ଗ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ. ଏ କ୍ଷେତ୍ରରେ ୬୦-୬୫% ଅନୁପାତକୁ ସମାନ୍ୟ ବାବେ ଗ୍ରହଣ କରାଯାଏ, ଯାହାକି ଅତ୍ୟଧିକ ରକ୍ଷଣଶୀଳ ଅଥବା ଅଧିକ ବିପଦପୂର୍ଣ୍ଣ ନୁହେଁ। ୨୦୧୧-୧୨ ଓ୨୦୧୨-୧୩ରେ ବ୍ୟାଙ୍କରେ ଜମା-ଉଠା ହାର ଆଦାରରେ ୨୦୧୨-୧୩ରେ ଏହା ସର୍ବକାଳୀନରେକର୍ଡ ୮୭.୦୯କୁ ଛୁଇଥିଲା। ଏହାଛଡା ବ୍ୟାବସାୟିକ ବ୍ୟାଙ୍କ ଓ ସମବାୟ ବ୍ୟାଙ୍କ ମଧ୍ୟରେ ତୁଳନା କଲେ ସମବାୟ ବ୍ୟାଙ୍କ ହିଁ କୃଷି ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ଉନ୍ନତି ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥାଏ। ଘରୋଇ ବ୍ୟାଙ୍କଗୁଡିକ ଆର୍ଥିକ ଦୁର୍ବଳ ଶ୍ରେଣୀକୁ କ୍ୱଚିତ୍ ସହାୟତା ଅଗ୍ରୀମ ପ୍ରଦାନ କରିତାନ୍ତି। ଏପରିକି ଜାତୀୟକରଣ ବ୍ୟାଙ୍କଗୁଡିକର ଭୂମିକା ମଧ୍ୟ ଏ କ୍ଷେତ୍ରରେ ସୀମିତ। ଏ ଦୃଷ୍ଟିରୁ ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କଗୁଡିକ ଅଗ୍ରଣି ଭୂମିକା ନିର୍ବାହ କରନ୍ତି। ରାଜ୍ୟରେ ବ୍ୟାଙ୍କଗୁଡିକ ଋଣପ୍ରଦାନରେ ସଂପୂନ୍ର୍ଣ ଅନିୟନ୍ତିତ ନୁହଁନ୍ତି। ନାବାର୍ଡ ନେତୃତ୍ୱରେ ପ୍ରତ୍ୟେକ ଜିଲ୍ଲା ସ୍ତରରେ କମିଟି ଗଠନ କରାଯାଇ ବାର୍ଷିକ ଋଣ ଯୋଜନା (ACP) ପ୍ରସ୍ତୁତ କରାଯାଇଥାଏ। ACP ଅନୁଯାୟୀ, ବ୍ୟାଙ୍କଗୁଡିକ ପ୍ରାଥମିକତା ଭିତ୍ତିରେ ଋଣ ପ୍ରଦାନ କରିଥାନ୍ତି।

- ସମବାୟ ବ୍ୟାଙ୍କ : ରାଜ୍ୟର କୃଷି ଓ ଅଣକୃଷି କ୍ଷେତ୍ରକୁ ଆର୍ଥିକ ସହାୟତା ପ୍ରଦାନରେ ସମବାୟ ବ୍ୟାଙ୍କ ସଙ୍ଗଠନଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ସାଧାରଣତଃ ତିନୋଟି ଶ୍ରେଣୀଭୁକ୍ତ

  କ) ସ୍ୱଳ୍ପମିଆଦୀ ସମବାୟ ଋଣ

  ଖ) ଦୀର୍ଘମିଆଦୀ ସମବାୟ ଋଣ

  ଗ) ଅର୍ବାନ ସମବାୟ ବ୍ୟାଙ୍କ

  ସ୍ୱଳ୍ପ ମିଆଦୀ ସମବାୟ କ୍ଷେତ୍ର

ସ୍ୱଳ୍ପ ମିଆଦୀ ସମବାୟ ଋଣକ୍ଷେତ୍ର, ୨୭୦୮ଟି ପ୍ରାଥମିକ କୃଷିଭିତ୍ତିକ ସମବାୟ ସମିତି (PACS)ର ଅନ୍ତର୍ଭୁକ୍ତ ଯାହାକି ୨୧୪ଟି ବୃହତ୍କାୟ ଆଦିବାସୀ ବହୁମୁଖୀ ସମବାୟ ସମିତି ୨ବଂ ୬ଟି କୃଷକ ସେବା ସମବାୟ ସମିତି (FSCS), ୧୭ଟି ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଓ ଏହାର ୩୨୩ଟି ଶାଖା ଏବଂ ସର୍ବୋଚ୍ଚ ସ୍ତରରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ ଏହାର ୧୪ଟି ଶାଖାର ସମାହାର । ଏହି କ୍ଷେତ୍ର ସଦସ୍ୟଚାଷୀମାନଙ୍କୁ ବିହନ, ସାର, କୀଟନାଶକ ଓ କୃଷିଉପକରଣ କ୍ରୟ ପାଇଁ ଋଣ ହୋଇଥାଏ । କୃଷି ଉତ୍ପାଦନ ଗଚ୍ଛିତ କରିବା ଓ ଏସବୁ ବ୍ୟବସାୟ ପାଇଁ ମଧ୍ୟ ଏହା ସହଯୋଗ କରିବା ସହ କୃଷିଜାତ ସାମଗ୍ରୀ ଉପଯୁକ୍ତ ଦରରେ ବିକ୍ରି ହେବା ନେଇ ବ୍ୟବସ୍ଥା କରିଥାଏ । PACS, LAMP, FSCS ଭଳି ସଂସ୍ଥା ସହ ଯୋଗରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ କୃଷି ପାଇଁ  ଆର୍ଥିକ ସହାୟତା ଯୋଗାଇ ଦିଆଯାଏ ।

- କୃଷିଭିତ୍ତିକ ମିଆଦୀ ଋଣ : ସମବାୟ ଋଣ କ୍ଷେତ୍ର ମିଆଦୀ ଋଣ କୃହି ଓ କୃଷି ସଂଯୋଗ କ୍ଷେତ୍ରଗୁଡିକର ବିକାଶ ପାଇଁ ପୁଞ୍ଜି ନିବେଶ ସହ କୃଷି ଉପକରଣ, ଆନୁଷଙ୍ଗିକ ସାମଗ୍ରୀ, ବିହନ ଓ ଚାରା ସମେତ ଉଭୟ ଯୋଜନା ଆଧାରିତ କୃଷିକ୍ଷେତ୍ର ଓ ଅଣ କୃଷିକ୍ଷେତ୍ରରେ ଆର୍ଥିକ ସହାୟତା ପ୍ରଦାନ କରିଥାଏ ।
- ଧାନ ଅସୁଲ : କୃଷି ଉତ୍ପାଦିତ ସାମଗ୍ରୀଗୁଡିକର ବ୍ୟବସାୟ ପାଇଁ ସମବାୟ ସଂସ୍ଥାଗୁଡିକ ପଦକ୍ଷେପ ଗ୍ରହଣ କରିଥାନ୍ତି । ଚାଷୀମାନଙ୍କୁ ସେମାନଙ୍କର କୃଷି ଉତ୍ପାଦନର ଉପଯୁକ୍ତ ମୂଲ୍ୟ ପ୍ରଦାନ ପାଇଁ ସାହାଯ୍ୟ କରିବା ସହ PAC, LAMP ଆଦି ରାଜ୍ୟସରକାରଙ୍କ ସହଯୋଗ ସଂସ୍ଥାଗୁଡିକର ସାହାଯ୍ୟ ନେଇ ଧାନ ଅସୁଲ ଓ ବ୍ୟବସାୟ କରନ୍ତି । ଏହା ଚାଷୀମାନଙ୍କୁ ସାହାଯ୍ୟ କରିବା ସହ PAC କୁ ଚଳଚଞ୍ଚଳ କରିଥାଏ ।
- ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ପ୍ରଦାନ : ୨୦୦୩-୦୪ ମସିହାରୁ PAC, DCCB ଶାଖାଗୁଡିକ ମାଧ୍ୟମରେ ରାଜ୍ୟର ଗରିବ ଓ ନାମମାତ୍ର ଚାଷୀମାନଙ୍କ ସହ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ଋଣ ପ୍ରଦାନ ଦିଗରେ ବ୍ୟବସ୍ଥା ହୋଇଛି ।
- ଦୀର୍ଘମିଆଦୀ ସମବାୟ ଋଣ କ୍ଷେତ୍ର : ଦୀର୍ଘ ମିଆଦୀ ସମବାୟ ଋଣ କ୍ଷେତ୍ର ଦୁଇ ଶ୍ରେଣୀ ବିଶିଷ୍ଟ, ଯାହାକି ରାଜ୍ୟ ସମବାୟ କୃଷି ଓ ଗବେଷଣା ଉନ୍ନୟନ (OSCARD) ବ୍ୟାଙ୍କ ଏବଂ ୫୬ଟି ପ୍ରାଥମିକ ସମବାୟ କୃଷି ଏବଂ ଗ୍ରାମ୍ୟ ଉନ୍ନୟନ (CARD) ବ୍ୟାଙ୍କ । ସବଡିଭିଜନ ସ୍ତରରେ CARD ବ୍ୟାଙ୍କ କାର୍ଯ୍ୟ କରିଥାଏ, ଯାହାକି ପୁଞ୍ଜି ନିବେଶ, ଜଳସେଚନ, କୃଷି ଉପକରଣ କ୍ରୟ ଆଦି ମତ୍ସ୍ୟଚାଷ, ଚାଷ ଓ

ଉଦ୍ୟାନ କାର୍ଯ୍ୟ ବିକାଶ ପାଇଁ ଦୀର୍ଘମିଆଦୀ ଋଣ ପ୍ରଦାନ କରିଥାଏ।ଅଣ କୃଷି କ୍ଷେତ୍ର ଯେପରିକି କ୍ଷୁଦ୍ରରାସ୍ତା ପରିବହନ ଓ କ୍ଷୁଦ୍ର ଯୋଜନାଗୁଡିକ ପାଇଁ ମଧ୍ୟ ଋଣ ଦେଇଥାଏ। ଏହି କ୍ଷେତ୍ର NABARD ଠାରୁ ପୁନଃ ଅନୁଦାନ ସହାୟତା ପ୍ରାପ୍ତ।

- ଅର୍ବାନ ସମବାୟ ବ୍ୟାଙ୍କ : ରାଜ୍ୟରେ ବର୍ତ୍ତମାନ ୧୨ଟି ଅର୍ବାନ ସମବାୟ ବ୍ୟାଙ୍କ କାର୍ଯ୍ୟରତ। ଏଗୁଡିକ ବେକାର ଯୁବକ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥାଏ। ଅନ୍ୟାନ୍ୟ ବ୍ୟାଙ୍କ ଭଳି ଏହା ମଧ୍ୟ ଗ୍ରାହକମାନଙ୍କ ଠାରୁ ଜମା ଆଦି ଦିଗରେ କାର୍ଯ୍ୟ କରିଥାଏ। ଉଭୟ ପୁଞ୍ଜିଜମା ଓ ଋଣ ପ୍ରଦାନରେ ଏହି ବ୍ୟାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ।

- କଳିଙ୍ଗ କିଷାନ ଗୋଲଡ କାର୍ଡ (KKGC) : ୨୦୦୧ ମସିହାରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ଏହାର ସଦସ୍ୟମାନଙ୍କୁ ଆକର୍ଷିତ କରିବା ପାଇଁ ସମୟଭିତ୍ତିକ ଋଣ ଯୋଜନାର ଆରମ୍ଭ କରାଯାଇଥିଲା। ଏହାଥିଲା କଳିଙ୍ଗକିଷାନ ଗୋଲଡ କାର୍ଡ KKGC. PAC ର ସଦସ୍ୟ ଥିବା ଚାଷୀ ଯେଉଁମାନେ କି ଅନ୍ତତଃ ଦୁଇବର୍ଷ ଧରି ଋଣଦେୟ ଦେବାରେ ଖିଲାପ କରି ନ ଥିବେ, ସେମାନେ ଏହି ଯୋଜନା ପାଇଁ ଯୋଗ୍ୟ ବିବେଚିତ। ଏହି KKGC ଋନ ଯୋଜନାରେ ଯୋଗ୍ୟ ବିବେଚିତ ଚାଷୀ କ୍ରୟ ଋଣ, ଶିକ୍ଷାଋଣ ଆଦି ସ୍ୱଳ୍ପ ସୁଦର ଋଣ, ବ୍ୟକ୍ତିଗତ ଦୁର୍ଘଟଣା ବୀମା ୨୫ହଜାର ଟଙ୍କା ପର୍ଯ୍ୟନ୍ତ ସମସ୍ତ ପ୍ରକାର ଋଣ ସଂଯୋଗ ଅଂଶଧନରେ ରିହାତି, ସେମାନଙ୍କର ପିଲାମାନଙ୍କୁ ଶିକ୍ଷାଋଣ, ସେମାନଙ୍କର ମନପସନ୍ଦର ଦୋକାନରୁ ସାର ଓ କୀଟନାଶକ କ୍ରୟର ସୁବିଧା ଏବଂ ଅତ୍ୟାଧୁନିକ ଉନ୍ନତ ଫାର୍ମଗୁଡିକୁ ପରିଦର୍ଶନର ସୁଯୋଗ ପ୍ରଦାନ ଅନ୍ତର୍ଭୁକ୍ତ।

- ସ୍ୱରୋଜଗାର କ୍ରେଡିଟ କାର୍ଡ ଓ କାରିଗର କ୍ରେଡିଟ କାର୍ଡ : ଏହି କ୍ରେଡିଟକାର୍ଡର ଲକ୍ଷ୍ୟ ତୁରନ୍ତ ଓ ସମୟଭିତ୍ତିକ ଋଣ ପ୍ରଦାନ କରିବା ଯାହାକି ଆତ୍ମନିର୍ଭରଶୀଳ ହେବା ସହ ରୋଜଗାର ସୃଜନ କାର୍ଯ୍ୟ କରିବାରେ ସହାୟକ ହୋଇଥାଏ। ଏହା କ୍ଷୁଦ୍ର କାରିଗର, ହସ୍ତତନ୍ତ ବୁଣାକାର, ମତ୍ସ୍ୟଜୀବୀ, ଆତ୍ମନିର୍ଭରଶୀଳ ବ୍ୟକ୍ତିବିଶେଷ ଯେପରିକି ରିକ୍ସାବାଲା, ଅଟୋଚାଳକ ଓ ଅନ୍ୟାନ୍ୟ ଅଣୁ ଉଦ୍ୟୋଗଗୁଡିକୁ ସହାୟତା ପ୍ରଦାନ କରେ।

- ଜାତୀୟ କୃଷିବୀମା ଯୋଜନା (NAIS)ର କାର୍ଯ୍ୟକାରିତା : ଗତ ୨୬ଟି ଫସଲ ଋତୁରେ ୧୪୪୪.୧୦ ଲକ୍ଷ ଚାଷୀଙ୍କୁ ଫସଲ ବୀମା ଯୋଜନାରେ ସାମିଲ କରାଯାଇ ୪୮୧.୮୦ କୋଟି ସଂଗୃହିତ ହୋଇଛି। ବୀମା ଦେୟ ବାବଦକୁ ୧୩୯୯.୭୭ କୋଟି ଟଙ୍କା ୨୬.୨୯ ଲକ୍ଷ ଚାଷୀଙ୍କ ସପକ୍ଷରେ ୨୦୧୨ ଖରିଫ ସୁଦ୍ଧା ସ୍ଥିରିକୃତ ହୋଇଥିଲା। ଏକ ନୂଆ ଫସଲ ବୀମା ଯୋଜନା, ଯାହାକି ପାଣିପାଗ ଆଧାରିତ ଫସଲ ବୀମା ଯୋଜନା ଭାବେ ପରିଚିତ। ବ୍ଲକ ଗୁଡିକରେ ଆରମ୍ଭ କରାଯାଇଥିଲା। ଏହି ଯୋଜନା ଅଧିନରେ ୩.୧୪ ଲକ୍ଷ ଚାଷୀଙ୍କୁ ୧୧୩.୮୧ ଟଙ୍କାର ବୀମାଭୁକ୍ତ କରାଯାଇ ୨୦୧୨ ଖରିଫ ସୁଦ୍ଧା ୨୧୪୭୩୦ ଚାଷୀଙ୍କୁ ୩୨.୧୮ କୋଟି ଟଙ୍କା ବୀମା ଦେୟ ସହାୟତା ପ୍ରଦାନ କରାଯାଇଥିଲା।

- ଅଣକୃଷି କ୍ଷେତ୍ରଗୁଡିକୁ ବ୍ୟାଙ୍କ ସହାୟତା : ବ୍ୟାଙ୍କଗୁଡିକ କୃଷିଋଣ ସମେତ ଅଣକୃଷି କ୍ଷେତ୍ର ଯେମିତିକି ଗୃହଋଣ, ମତ୍ସ୍ୟଋଣ, ମତ୍ସ୍ୟଚାଷ ଋଣ ଆଦି ପ୍ରଦାନ କରିଥାଏ। ରାଜ୍ୟର ଆର୍ଥିକ ବିକାଶରେ ଏସବୁ ଋଣର ଭୂମିକା ଗୁରୁତ୍ୱପୂର୍ଣ୍ଣ।

- ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା (SGSY) : ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା (SGSY) ପୁନର୍ଗଠିତ ହୋଇ ଜାତୀୟ ଗ୍ରାମ୍ୟ ଜୀବିକା ଅଭିଯାନ (NRLM) ନାମରେ ୨୦୧୨ ଏପ୍ରିଲ ୧ ତାରିଖରୁ କାର୍ଯ୍ୟକରୁଛି । ୨୦୧୧-୧୨ ଶେଷ ସୁଦ୍ଧା ୧ ଲକ୍ଷ ୩୬ ହଜାର ୭୭୦ ଋଣ ଦରଖାସ୍ତକୁ ବିଚାର କରାଯାଇ ସେଥିମଧ୍ୟରୁ ୧ ଲକ୍ଷ ୨୯ ହଜାର ୩୬୩ ଆବେଦନକୁ ମଞ୍ଜୁର କରାଯାଇଛି । ୨୦୧୨-୧୩ରେ ୧୫୯ ଦରଖାସ୍ତର ଆବେଦନ ବିଚାର ପୂର୍ବକ ୧୪୭.୧୫ ଲକ୍ଷ ଟଙ୍କା ବଣ୍ଟନ ହୋଇଛି ।

- ସ୍ୱର୍ଣ୍ଣଜୟନ୍ତୀ ସହରୀ ରୋଜଗାର ଯୋଜନା (SJSRY) : ଏହି ଯୋଜନା ଅଧିନରେ ୩୨୭୪ଟି ଦରଖାସ୍ତ ବ୍ୟାଙ୍କ ଦ୍ୱାରା ୨୦୧୨-୧୩ରେ ଗ୍ରହଣ ହୋଇଛି ଏବଂ ୨୭୩୭କୁ ମଞ୍ଜୁର କରାଯାଇ ସେଥରମଧ୍ୟରୁ ୨୫୭୦ ହିତାଧିକାରୀଙ୍କୁ ୮୫.୦୯ କୋଟି ଟଙ୍କା ବଣ୍ଟନ କରାଯାଇଛି ।

- ବୟାଙ୍କର ଋଣ ଅସୁଲ ସ୍ଥିତି : ବିଭିନ୍ନ ପଦ କ୍ଷେପ ସତ୍ତ୍ୱେ, ଋଠ ଅସୁଲ ନେଇ ବ୍ୟାଙ୍କର ସ୍ଥିତି ସନ୍ତୋଷଜନକ ନୁହେଁ । ବୟାଙ୍କିଙ୍ଗ କ୍ଷେତ୍ରର ବିସ୍ତାରରେ ଏହା ଏକ ବାଧକ ସଦୃଶ । ଫଳରେ ବ୍ୟାଙ୍କର ନେଣଦେଣ କାରବାର ଓ ଲାଭ ମଧ ବାଧାପ୍ରାପ୍ତ ହୋଇଥାଏ । ତେବେ ଋଣ ଆଦାୟ କ୍ଷେତ୍ରରେ ଘରୋଇ ବ୍ୟାଙ୍କଗୁଡିକର ସଫଳତା ସର୍ବୋଚ୍ଚ । ୨୦୧୨-୧୩ ଏହି ସଫଳତା ହାର ୭୩.୨% ଥିଲା, ଯାହାପଛକୁ ସମବାୟ ବ୍ୟାଙ୍କଗୁଡିକର ହାର ଶତକଡା ୬୭.୮ ଏବଂ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କଗୁଡିକର ହାର ଶତକଡା ୫୮.୮ ଥିଲା । ସରକାରୀ ବ୍ୟାଙ୍କଗୁଡିକର ଋଣ ଅସୁଲ ହାର ଆଶାନୁରୂପ ନୁହେଁ । ୨୦୧୨-୧୩ରେ ଏହି ହାର ଥିଲା ଶତକଡା ୪୦.୨ ।

- ଅଣ ବ୍ୟାଙ୍କିଙ୍ଗ ଅର୍ଥନୈତିକ ନିଗମ (OSFC) : ରାଜ୍ୟ ସରକାରଙ୍କ ଏହା ହେଉଛି ସର୍ବବୃହତ୍ ଅଣବ୍ୟାଙ୍କିଙ୍ଗ ଅର୍ଥନୈତିକ ପ୍ରତିଷ୍ଠାନ, ଯାହାକି କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପକୁ ପ୍ରୋତ୍ସାହନ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥାଏ । ରାଜ୍ୟ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ଏହା ସହଯୋଗର ହାତ ବଢାଇ ରାଜ୍ୟର ଆର୍ତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୁମିକା ନିର୍ବାହ କରେ ।

- ଓଡିଶା ଗ୍ରାମ୍ୟ ଗୃହନିର୍ମାଣ ଓ ଉନ୍ନୟନ ନିଗମ (ORHDC) : ୧୯୯୪ରେ ପ୍ରତିଷ୍ଠିତ ORHDC ର ଆଭିମୁଖ୍ୟ ଗ୍ରାମାଞ୍ଚଳରେ ସୁବିଧାରେ ବସବାସ କରିବା ପାଇଁ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକମାନଙ୍କୁ ସହାୟତା ପ୍ରଦାନ କରିବା ।

- ଘରୋଇ ଅନବ୍ୟାଙ୍କିଙ୍ଗ ଅର୍ଥନୈତିକ କମ୍ପାନୀ (NBFCS) : ଅଣ ବ୍ୟାଙ୍କିଙ୍ଗ ଅର୍ଥନୈତିକ କମ୍ପାନୀଗୁଡିକ ଭାରତୀୟ ଅର୍ଥନୀତି ବ୍ୟବସ୍ଥାର ଅବିଚ୍ଛେଦ୍ୟ ଅଙ୍ଗ । ରାଜ୍ୟରେ ବର୍ତ୍ତମାନ ୧୭ଟି ପଞ୍ଜୀକୃତ NBFC । ଭୁବନେଶ୍ୱରର ଭାରତୀୟ ରିଜର୍ଭ ବ୍ୟାଙ୍କର ତତ୍ତ୍ୱବଧାନରେ କାର୍ଯ୍ୟରତ । ଏହିସବୁ କମ୍ପାନୀଗୁଡିକ 'ବି' (ଅଣଜମାଗ୍ରହଣ) ରେ ହୋଇଥରବାରୁ ଜନସାଧାରଣଙ୍କଠାରୁ ଏମାନେ କୌଣସି ଜମା ଗ୍ରହଣ ପାଇଁ ସ୍ୱୀକୃତି ପାଇନାହାନ୍ତି । ଏହି ୧୭ଟି ପଞ୍ଜୀକୃତ କମ୍ପାନୀଗୁଡିକ ମଧ୍ୟରୁ ୧୧ଟି ଋଣକମ୍ପାନୀ, ୫ଟି ପୁଞ୍ଜି କମ୍ପାନୀ ଓ ଗୋଟିଏ ସମ୍ପତ୍ତି ଅର୍ଥନୀତି କମ୍ପାନୀ ।

- ଡାକ ଜୀବନ ବୀମା (PLI) ଓ ଗ୍ରାମ୍ୟ ଡାକ ଜୀବନ ବୀମା (RPLI) : ଭାରତସରକାରଙ୍କ ଡାକ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାରର ବୀମା ବ୍ୟବସ୍ଥା କରାଯାଇଛି। ଏହା ସରକାରୀ କର୍ମଚାରୀ, ବ୍ୟାଙ୍କ କର୍ମଚାରୀ, ସରକାରୀ ଶିକ୍ଷାନୁଷ୍ଠାନର କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନଙ୍କ ବୟସସୀମା ୧୯ ରୁ ୫୫ ବର୍ଷ ମଧ୍ୟରେ ହୋଇଥିବ, ୧୯୯୫ ମସିହାରେ ଭାରତ ସରକାର ମଧ୍ୟ ଗ୍ରାମ୍ୟ ଡାକ ବୀମା ଯୋଜନା (RPLI) ଆରମ୍ଭ କରିଥିଲେ। ଡାକ ବିଭାଗର ଉଭୟ କିସମର ଜୀବନ ବୀମା ଆଶାନୁରୂପ ଭାବେ ଅଗ୍ରଗତି କରୁଛି।
- ଭାରତୀୟ ଜୀବନ ବୀମା ନିଗମ (LIC) : ଓଡିଶାରେ ଭାରତୀୟ ଜୀବନ ବୀମା ନିଗମର କାରବାର ୨୦୧୨-୧୩ରେ ଆଶାଜନକ ହୋଇଛି। ଭାରତୀୟ ଜୀବନ ବୀମା ନିଗମ ପ୍ରାୟ ୧୨.୫୦ ଲକ୍ଷ ପଲିସି ବାବଦରେ ରାଜ୍ୟର ସମୁଦାୟ ୫୬ଟି ଶାକାରୁ ଏହି ଅବଧି ମଧ୍ୟରେ ୭୦୦.୩୬ କୋଟି ଟଙ୍କା ପ୍ରିମିୟମ (କିସ୍ତି) ସଂଗ୍ରହ କରିପାରିଛି।
- କ୍ଷୁଦ୍ରଶିଳ୍ପ ଉନ୍ନୟନ ବୟାଙ୍କ ଅଫ ଇଣ୍ଡିଆ (SIDBI) : ୧୯୯୦ ମସିହାରେ ପ୍ରତିଷ୍ଠା ହୋଇଥିବା SIDBI ରାଜ୍ୟର କ୍ଷୁଦ୍ରଶିଳ୍ପଗୁଡିକୁ ପ୍ରୋତ୍ସାହନ ଦେବାରେ ଏକ ପ୍ରମୁଖ ସଂସ୍ଥା ଭାବେ କାର୍ଯ୍ୟ କରି ସେମାନଙ୍କୁ ଆର୍ତିକ ସହାୟତା ପ୍ରଦାନ କରିଥାଏ। ପ୍ରାଥମିକ ଋଣ ପ୍ରଦାନକାରୀ ସଂସ୍ଥା ଯେପରିକି ରାଜ୍ୟ ଅର୍ଥନୈତିକ ନଗମ ମାଧ୍ୟମରେ SIDBI ଅଚଳ ଓ କାର୍ଯ୍ୟରତ SSI ଗୁଡିକର ନବୀକରଣ, ଆଧୁନିକୀକରଣ, ବିସ୍ତାର ବଦଳ ଆଦି ପାଇଁ ଆର୍ଥିକ ସହାୟତା ଦେଇଥାଏ। ଏହା କ୍ଷୁଦ୍ର ରାସ୍ତା ଯୋଗାଢ଼ୋଗ କାଯ୍ୟ୭କାରିତା, ଶିକ୍ଷିତ ପେସାଦାରମାନ୮଼କୁ ଆତ୍ମନିଯୁକ୍ତି, କ୍ଷୁଦ୍ର ଚିକିତ୍ସାଳୟ, ନର୍ସିଂହୋମ, ହୋଟେଲ ଓ ପର୍ଯ୍ୟଟନ ସଂପର୍କିତ ବୃତ୍ତିର ବିକାଶ ଦିଗରେ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଥାଏ।
- କୃଷି ଓ ଗ୍ରାମ୍ୟ ଉନ୍ନୟନ ପାଇଁ ଜାତୀୟ ବ୍ୟାଙ୍କ (NABARD) : ୧୯୮୨ରେ ପ୍ରତିଷ୍ଠା ହୋଇଥିବା NABARD ଗ୍ରାମାଞ୍ଚଳର ବିକାଶ ଦିଗରେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ଆସୁଛି। କୃଷି ଓ ଗ୍ରାମାଞ୍ଚଳର ବିକାଶ ପାଇଁ ଏହା ବ୍ୟବସ୍ଥିତ ଭାବେ କାର୍ଯ୍ୟ କରି ଉଭୟ କୃଷି ଓ ଅଣ କୃଷି କ୍ଷେତ୍ର ସହ ଆନୁଷ୍ଠାନିକ ବିକାଶ ପାଇଁ ପ୍ରଚୁର ଋଣ ପ୍ରଦାନ କରିଥାଏ। ଏହା ରୁରାଲ, ଇନଫ୍ରଷ୍ଟ୍ରକଚର ଡେଭଲପମେଣ୍ଟ ଫଣ୍ଡ (RIDE) ଗ୍ରାମ୍ୟ ବିକାଶ ପାଣ୍ଠି) ପ୍ରତିଷ୍ଠା କରିଛି। ଯୋଗ୍ୟ ବ୍ୟାଙ୍କିଙ୍ଗ ପ୍ରତିଷ୍ଠାନଗୁଡିକ ଏହା ପୁନଃ ଆର୍ତିକ ଅନୁଦାନ ଦେଇଥାଏ। ନାବାର୍ଡ ନିୟମିତ ଭାବେ "ଋଣଦ୍ୱାରା ବିକାଶ" ବାର୍ତ୍ତାକୁ ଚାଷୀମାନଙ୍କ ପାଖରେ ଚାଷୀକ୍ଲବଗୁଡିକ ଜରିଆରେ ପ୍ରସାର କରିଆସୁଛି। ନାବାର୍ଡ ଧାରାବାହିକ ଭାବେ ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ସ୍ୱଳ୍ପ ଉର୍ବର କ୍ଷେତ୍ର ଗୁଡିକରେ ବଗିଚା ଆଧାରିତ ବିକାଶ ପାଇଁ କାର୍ଯ୍ୟକ୍ରମ, ପ୍ରୋତ୍ସାହନ କରିଆସୁଛି।
- ନାବାର୍ଡ ଏହାର ଜଳ ବିଭାଜନ ଆଧାରିତ ବିକାଶ କାର୍ଯ୍ୟକ୍ରମକୁ ବ୍ୟାପକ କରିଛି : ଗ୍ରାମାଞ୍ଚଳର ଘରେ ଘରେ ବ୍ୟାଙ୍କ ସେବା ପହଞ୍ଚାଇବା ପାଇଁ ନାବାର୍ଡ ପକ୍ଷରୁ ପ୍ରାଥମିକତା ଭିତ୍ତିରେ ପଦକ୍ଷେପ ନିଆଯାଉଛି। ଏଥିପାଇଁ ବ୍ୟାଙ୍କ ଓ ଅନ୍ୟାନ୍ୟ ପ୍ରତିଷ୍ଠାନଗୁଡିକୁ ଆର୍ଥିକ ଅନୁଦାନ ସହ ବିଭିନ୍ନ ପ୍ରକାରର ସଚେତନତା ଓ ଆର୍ଥିକ ସାକ୍ଷରତା ମୂଳକ କାର୍ଯ୍ୟକ୍ରମ କରାଯାଉଛି। ବ୍ୟାଙ୍କଗୁଡିକ ଦ୍ୱାରା ଏଥିପାଇଁ FLCCS ପ୍ରତିଷ୍ଠା ପାଇଁ ନାବାର୍ଡ ପକ୍ଷରୁ ମଧ୍ୟ ସହଯୋଗ କରାଯାଉଛି। ଓଡିଶାର ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡିକରେ ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ୧୯ଟି LWE ଜରିଆରେ ବିକାଶକୁ ଅଧିକ ବ୍ୟାପକ କରାଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

ଏହି ସବୁ ଜିଲ୍ଲାରେ ପ୍ରତିଷ୍ଠା କରାଯାଇ ପ୍ରତ୍ୟେକ ପରିବାରକୁ ଆର୍ଥିକ ସହଯୋଗ ପାଇଁ ବ୍ୟବସ୍ଥା ହୋଇଛି। ନାବାର୍ଡ ପକ୍ଷରୁ ଋଣ ସଂକ୍ରାନ୍ତ ଆଲୋଚନା ଚକ୍ର କରାଯାଇ ଓଡିଶାର ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି।

- ଗୃହନିର୍ମାଣ ଓ ସହରାଞ୍ଚଳ ବିକାଶ ନିଗମ : ଗୃହନିର୍ମାଣ ଓ ସହରାଞ୍ଚଳ ବିକାଶ ନିଗମ HUDCO, ଭାରତର ଏକ ପ୍ରମୁଖ ବୈଷୟିକ ଅର୍ଥ ଲଗାଣକାରୀ କମ୍ପାନୀ, ଯାହାକି ଗୃହନିର୍ମାଣ ଓ ସହରାଞ୍ଚଳ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଉଭୟ ଆର୍ଥିକ ଓ ବୈଷୟିକ ସହଯୋଗ ପ୍ରଦାନ କରିଥାଏ। ଏହି ସହଯୋଗ ବ୍ୟତୀତ HUDCO ମଧ୍ୟ ଏସବୁ ସମ୍ବନ୍ଧୀୟ ଅଧ୍ୟୟନ ଓ ଗବେଷଣା ପାଇଁ ପରାମର୍ଶ ଯୋଗାଇଦିଏ। ତେବେ HUDCO ର ମୂଳଲକ୍ଷ୍ୟ ସମାଜର ଆର୍ଥିକ ଅନଗ୍ରସର ଶ୍ରେଣୀ (EWS) ଓ ସ୍ୱଳ୍ପ ଆୟାକାରୀ ଗୋଷ୍ଠୀ (LIG) ଙ୍କୁ ଗୃହନିର୍ମାଣ ଦିଗରେ ଆର୍ଥିକ ସହାୟତା ପ୍ରଦାନ କରିବା। ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ରାଜୀବ ଆବାସ ଯୋଜନା ଅନ୍ତର୍ଗତ ଚାରିଟି ପ୍ରସ୍ତାବ, ଏହି କ୍ରମରେ HUDCO ତଦାରଖରେ ଚାଲୁ ରହିଛି।
- ଭୁବନେଶ୍ୱର ଷ୍ଟକ ଏକ୍ସଚେଞ୍ଜ : ଭୁବନେଶ୍ୱର ଷ୍ଟକ୍ ଏକ୍ସଚେଞ୍ଜ ୧୯୮୯ ମସିହାରେ ପ୍ରତିଷ୍ଠା ହୋଇଥିଲା, ଯାହାକି ସ୍ଥାନୀୟ ଉଦ୍ୟୋଗଗୁଡିକରେ ପୁଞ୍ଜି ନିବେଶ ପାଇଁ ପ୍ରୋତ୍ସାହନ ଦେଉଛି। ୧୯୯୧ ମସିହାରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ହେବା ପରଠାରୁ ଏହା ବାଣିଜ୍ୟିକ କାରବାର ଆରମ୍ଭ କରିଥିଲା। ତେବେ ଏହାର କାର୍ଯ୍ୟ ପରିସର ଏବେ ମଧ୍ୟ ସୀମିତ। ୨୦୧୨-୧୩ ଶେଷ ସୁଦ୍ଧା, ଭୁବନେଶ୍ୱର ଷ୍ଟକ ଏକ୍ସଚେଞ୍ଜ ଦ୍ୱାରା ୪୬ଟି କମ୍ପାନୀ ତାଲିକାଭୁକ୍ତ ହୋଇ ୧୭୩ ସଦସ୍ୟ ଏବଂ ୧୭ କର୍ପୋରେଟ ସଦସ୍ୟଙ୍କୁ ସାମିଲ କରିଥିଲା। ଏହି ଷ୍ଟକ୍ ଏକ୍ସଚେଞ୍ଜର ସଦସ୍ୟମାନେ ଜାତୀୟ ଷ୍ଟକ ଏକ୍ସଚେଞ୍ଜ (NSE) ରେ ବାଣିଜ୍ୟ ବ୍ୟବସାୟ କରନ୍ତି, ଯାହାକି ISE ସୁରକ୍ଷା ଓ ସେବା ଲିମିଟେଡ (ISS) ର ଏକ ବିଭାଗ ଏବଂ STOCK EXCHANGE OF INDIA ର ଆନ୍ତଃ ସଂଯୋଜିତ ସଂସ୍ଥା।

## ୧.୭.୨ ପରିବହନ ଓ ଯୋଗାଯୋଗ

ପରିବହନ ସର୍ବଦା ଆର୍ଥିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ, ଯାହାକି ଉତ୍ପାଦନ, ଅର୍ଥନୈତିକ କାର୍ଯ୍ୟକଳାପ, ସାମାଜିକ କ୍ଷେତ୍ର ବିକାଶ, ମାନବିକ ବୁଝାମଣା ଏବଂ ସାମଗ୍ରିକ ଅର୍ଥକ ବିକାଅ ଆଦିରେ ସହାୟକ। ପରିବହନ କ୍ଷେତ୍ର ସମସ୍ତ ମୁଖ୍ୟ ମଧ୍ୟମ ଯଥା ସଡକପରିବହନ, ରେଳବାଇ, ବିମାନ ଓ ଜଳପରିବହନର ସମାହାର, ରାଜ୍ୟ ସରକାର ପରିବହନ ଓ ଯୋଗାଯୋଗ କ୍ଷେତ୍ରକୁ ଅଗ୍ରାଧିକାର ଭିତ୍ତିରେ ଗୁରୁତ୍ୱଦେଇ ଅନୁନ୍ନତ, ଅଗମ୍ୟ ଅଞ୍ଚଳରେ ବିକାଶ ଧାରାକୁ ପହଞ୍ଚାଇବାର ଉଦ୍ୟମ କରୁଛନ୍ତି। ବିଜୁଳି (ଗ୍ରାମାଞ୍ଚଳକୁ ଓ ଗ୍ରାମାଞ୍ଚଳରେ ବୃଦ୍ୟୁତ୍ ସଂଯୋଗ), ସଡକ (ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ସମସ୍ତ ପ୍ରକାରର ରାସ୍ତାର ମାନ ଓ ପରିମାଣରେ ଉନ୍ନତି) ଏବଂ ପାଣି (ଉଭୟ ଜଳସେଚନ ଓ ପାନୀୟ ଉଦ୍ଦେଶ୍ୟରେ ଉପଲବ୍ଧ ଜଳସଂପଦର ବିକାଶ), ସରକାରଙ୍କ ଏକ ପ୍ରମୁଖ ବିକାଶ କୌଶଳ।

- ସଡକ : ଭାରତର ରାସ୍ତା ନେଟୱାର୍କ ୩.୩ ମିଲିୟନ କିଲୋମିଟର ଲମ୍ୱ ଏବଂ ଏହା ୬୫% ଓ ୮୦% ଯାତ୍ରୀ ଟ୍ରାଫିକକୁ ବହନ କରିଥାଏ । ରେଳ ଯୋଗାଯୋଗ ନ ଥିବା ଓଡିଶାର ଅନେକ ଅଞ୍ଚଳରେ ରାସ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବାର ସଂଯୋଗର ମାଧ୍ୟମ । ୨୦୧୨-୧୩ ଶେଷ ସୁଦ୍ଧା ରାଜ୍ୟରେ ସମୁଦାୟ ୨,୫୦,୮୩୬ କିଲୋମିଟର ସୀମାର ସଡକ ଥିବାର ସୂଚନା ମିଳେ । ରାଜ୍ୟର ସଡକ / ରାସ୍ତା ନେଟୱାର୍କ ମଧ୍ୟରେ ଜାତୀୟ ରାଜପଥ, ରାଜ୍ୟ ରାଜପଥ, ମୁଖ୍ୟଜିଲ୍ଲା ସଡକ ଓ ଗ୍ରାମ୍ୟସଡକ ଅନ୍ତର୍ଭୁକ୍ତ ।

ଓଡିଶାରେ ୨୦୧୨-୧୩ ରେ ସଡକ ଦୈର୍ଘ୍ୟ

| ସଡକର ପ୍ରକାର | ଦୈର୍ଘ୍ୟ (କିଲୋମିଟର) |
|---|---|
| ଜାତୀୟ ରାଜପଥ | ୩୫୯୩.୨୮୨ |
| ଏକ୍ସପ୍ରେସ ରାଜପଥ | ୩୮,୪୦୦ |
| ରାଜ୍ୟ ରାଜପଥ | ୩୫୬୮.୭୨୮ |
| ସହରାଞ୍ଚଳ ରାସ୍ତା | ୧୮୫୯୦.୬୮୯ |
| ଗ୍ରାମ୍ୟ ସଡକ | ୨୮୧୫୮.୭୩୭ |
| ମୁଖ୍ୟ ଜିଲ୍ଲା ରାସ୍ତା | ୪୨୯୨.୭୩୬ |
| ଅନ୍ୟାନ୍ୟ ଜିଲ୍ଲା ରାସ୍ତା | ୭୬୧୨.୧୨୩ |
| ପଞ୍ଚାୟତ ସମିତି ରାସ୍ତା | ୨୫,୭୦୨.୫୧ |
| ଗ୍ରାମ ପଞ୍ଚାୟତ ରାସ୍ତା | ୧,୪୫,୩୬୭.୭୨ |
| ଜଙ୍ଗଲ ରାସ୍ତା | ୭୫୪୫.୭୯୯ |
| ଜଳସେଚନ ରାସ୍ତା | ୬୨୭୭.୦୦ |
| ଗ୍ରୀଡକୋ ରାସ୍ତା | ୮୮.୦୦ |
| ସମୁଦାୟ | ୨,୫୦,୮୩୫.୭୯ |

- ସଡକ ଘନତା, ଭୂପୃଷ୍ଠ ସଡକ ଘନତା ଓ ରାଜପଥ : ସଡକ ଘନତା ଏକ ମାପକ ଯାହା ଆଧାରରେ ଗୋଟିଏ ଅଞ୍ଚଳର ସଡକ ବିସ୍ତାର ହୋଇଥାଏ । ଏହା ସାଧାରଣତଃ ସମସ୍ତ ସଡକର ସମୁଦାୟ ଦୈର୍ଘ୍ୟର ପ୍ରତି ୧ଶହ ସ୍କୋୟାର କିଲୋମିଟର ଅଞ୍ଚଳ ଆଧାରରେ ହୋଇଥାଏ । ଓଡିଶା, ସଡକ ଘନତା ଦୃଷ୍ଟିରୁ ସର୍ବଭାରତୀୟ ହାରଠାରୁ ଯଥେଷ୍ଟ ଆଗରେ ଅଛି । ୨୦୧୨-୧୩ ରେ ଓଡିଶାରେ ପ୍ରତି ୧ଶହ ସ୍କୋୟାର କିଲୋମିଟରରେ ୧୬୧.୧ କିଲୋମଟର ଓ ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ୫୮୭.୪ କିଲୋମିଟର

ଥିଲା, ଯାହାକି ସର୍ବଭାରତୀୟ ସ୍ତରରେ ୨୦୧୦-୧୧ରେ ଯଥାକ୍ରମେ ଥିଲା ୧୪୨.୭ କିଲୋମିଟର ଓ ୩୮୭.୫ କିଲୋମିଟର। ଜାତୀୟ ରାଜପଥ ସମୁଦାୟ ସଡକ ନେଟୱାର୍କର ଯଦିଓ ମାତ୍ର ଶତକଡା ୨ ଭାଗ, ତେବେ ଏହା ସମୁଦାୟ ସଡକ ଟ୍ରାଫିକର ପ୍ରାୟ ୪୦% ବହନ କରିଥାଏ। ଷୋହଳଟି ଜାତୀୟ ରାଜପଥ, ଯାହା ୩,୫୩୨୮୨ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ। ଏଥିରୁ ୨୧୩୦.୯୫୬ କିଲୋମିଟର ରାଜ୍ୟପୂର୍ତ୍ତ ବିଭାଗର ଜାତୀୟ ରାଜପଥ ବିଭାଗ ଏବଂ ଅବଶିଷ୍ଟ ୧୪୬୨, ୩୨୨ କିଲୋମିଟର ଜାତୀୟ ରାଜପଥ କର୍ତ୍ତୁପକ୍ଷଙ୍କୁ ହସ୍ତାନ୍ତର କରାଯାଇ ସ୍ୱର୍ଣ୍ଣଚତୁର୍ଭୁଜ NHDP ଫେଜ - ୨ ଓ ଫେଜ - ୪ ବି ଏବଂ ବନ୍ଦର ସଂଯୋଗ କାର୍ଯ୍ୟକ୍ରମରେ ବିକାଶ ପାଇଁ ନ୍ୟସ୍ତ। ଜାତୀୟ ରାଜପଥ ସଡକ ପରିବହନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାରୁ ଏହାର ରକ୍ଷଣାବେକ୍ଷଣ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥାଏ। ସାମଗ୍ରୀକ ଭାବେ ଏହାର ବିକାଶ ଓ ପରିଚାଳନା ଜାତୀୟ ରାଜପଥ କର୍ତ୍ତୁପକ୍ଷ କରିଥାନ୍ତି।

- ଗ୍ରାମ ସଡକ ଓ ସଂଯୋଗୀକରଣ : ରାଜ୍ୟର ସାମାଜିକ-ଆର୍ଥିକ ବିକାଶକୁ ଚଳଚଞ୍ଚଳ କରିବା ପାଇଁ ଗ୍ରାମ ସଡକର ଆବଶ୍ୟକତା ଅପରିହାର୍ଯ୍ୟ। ତେବେ ଏହାର ବିସ୍ତାର, ଓଡିଶାର ଆବଶ୍ୟକତା ତୁଳନାରେ ଯଥେଷ୍ଟ କମ୍। ଅଧୁନା, ରାଜ୍ୟରେ ୬୨% ଗ୍ରାମରେ ସବୁପାଣିପାଗର ଅନୁକୂଳ ସଂଯୋଗୀକରଣ ବ୍ୟବସ୍ଥା ଅଛି। ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନା (PMGSY) , RIDE, CWA, R &B ଭଳି ସଂସ୍ଥା ଓ ସ୍ୱତନ୍ତ୍ର ମରାମତି ଯୋଜନାକ୍ରମରେ ରାଜ୍ୟରେ ଗ୍ରାମସଡକ ଓ ସଂଯୋଗୀକରଣ ଦିଗରେ ବ୍ୟାପକ କାର୍ଯ୍ୟକ୍ରମ କରାଯାଉଛି।

- ୨୦୦୫-୦୬ରେ ଭାରତ ନିର୍ମାଣର ଏକ ଅଂଶ ସ୍ୱରୂପ PMGSY, ଏକ ହଜାର ଜନସଂଖ୍ୟା ଥିବା ଗ୍ରାମାଞ୍ଚଳ ଓ ପାଞ୍ଚଶହ ବା ଊର୍ଦ୍ଧ୍ୱ ଜନସଂଖ୍ୟା ଥିବା ପାହାଡିଆ ଓ ଆଦିବାସୀ ଅଧୁଷିତ ଅଞ୍ଚଳରେ ସଡକ ସଂଯୋଗ ପାଇଁ ପରିବର୍ଦ୍ଧିତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନା ବ୍ୟତୀତ ଗ୍ରାମ ସଂଯୋଗୀକରଣ କାର୍ଯ୍ୟକ୍ରମରେ RIDE, ଯାହାକି ନାବାର୍ଡର ଏକ କାର୍ଯ୍ୟ, ଗ୍ରାମାଞ୍ଚଳର ବିକାଶ ବିଶେଷତଃ ଗ୍ରାମସଡକ ବିକାଶ ଦିଗରେ କାର୍ଯ୍ୟ କରେ। ସେହିଭଳି ଗ୍ରାମ ସଂଯୋଗୀକରଣ ପାଇଁ RLTAP, ବିଜୁ କେବିକେ ଯୋଜନା, ଗୋପବନ୍ଧୁ ଗ୍ରାମୀଣ ଯୋଜନା, ବିଜୁ କନ୍ଧମାଳ ଓ ଗଜପତି ଯୋଜନା ଓ ଅନଗ୍ରସର ଅଞ୍ଚଳ ଅନୁଦାନ ପାଣ୍ଠି (BRGF) ଇତ୍ୟାଦିରେ ଅର୍ଥବ୍ୟବସ୍ଥା କରାଯାଇଛି। RLTAP , BRGF ଯୋଜନା, କେନ୍ଦ୍ରସରକାରଙ୍କ ଅନୁଦାନ ପ୍ରାପ୍ତ। ବିଜୁ କେବିକେ ଯୋଜନା, ଗୋପବନ୍ଧୁ ଗ୍ରାମୀଣ ଯୋଜନା (GGY), ବିଜୁ କନ୍ଧମାଳ ଓ ଗଜପତି ଯୋଜନା, ବିଜୁ ସେତୁ ଯୋଜନା (ଗ୍ରାମ୍ୟ ସେତୁ), ରାଜ୍ୟ ସରକାରଙ୍କ ଅନୁଦାନପ୍ରାପ୍ତ ଯୋଜନା। ଏସବୁ ଯୋଜନା ବିଜୁଳି, ସଡକ ଓ ପାଣି ବ୍ୟାବସ୍ଥା କରାଇବା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେବାର ଅଂଶ। ସଡକରେ ଯାନ ଗୁଡିକର ଅଭିବୃଦ୍ଧି ବାର୍ଷିକ ଆନୁମାନିକ ୧୯% ରୁ ଅଧିକ ଦୁଇଚକିଆ ଯାନଗୁଡିକ କେବଳ ସଡକରେ ଚାଲୁଥିବା ସମୁଦାୟ ଯାନର ୮୦.୫% ଭାଗ ହୋଇଥିବାବେଳେ କାର, ଟ୍ୟାକ୍ସି ଓ ଜିପ ୬.୯%। ମାଲ ପରିବହନ ଯାନ ୫.୫%। ସାଧାରଣଜନତାଙ୍କ ଗମନାଗମନରେ ବସ ଏକ ମୁଖ୍ୟ ସଡକ ପରିବହନ ମାଧ୍ୟମ।

- ସଡକ ପରିବହନ ପ୍ରଶାସନ ପାଇଁ ନୀତି : ଓଡିଶାରେ ରାଜ୍ୟପରିବହନ ନୀତି ୨୦୦୭ରେ ଅନୁମୋଦିତ ହୋଇଛି । ଏହି ନୀତିର ମୁଖ୍ୟ ଆଭିମୁଖ୍ୟଗୁଡିକ ମଧ୍ୟରେ ରାଜ୍ୟ ପରିବହନ ସେବାରେ ପ୍ରତିଯୋଗିତା ବୃଦ୍ଧି, ନିଷ୍ଠା, ସ୍ୱଚ୍ଛତା, ସଂଯୋଗ, ଉପଲବ୍ଧତା ସହ ଏହା ଉପଭୋକ୍ତା ସହଯୋଗୀ, ଉନ୍ନତମାନର ଆଧୁନିକ ଜ୍ଞାନ କୌଶଳ ସଂପନ୍ନ ହେବା ଅନ୍ତର୍ଭୁକ୍ତ । ନୀତି ମଧ୍ୟରେ ଓଡିଶା ପରିବହନ ବିକାଶ କର୍ତ୍ତୃପକ୍ଷ OTIDA & OTRAC ଆଦି ଗଠନ କରି ଏସବୁର ନିୟନ୍ତ୍ରଣ ଓ ପରିଚାଳନା କରିବା ମଧ୍ୟ ଅନ୍ତର୍ଭୁକ୍ତ । ଏହା ମଧ୍ୟ ରାଜ୍ୟରେ ରେଳବାଇ ଜଳପରିବହନ ଓ ବିମାନ ଗମନାଗମନର ଆଧୁନିକୀକରଣରେ ସହାୟତା କରିଥାଏ ।
- ରାଜ୍ୟ ପରିବହନ କର୍ତ୍ତୃପକ୍ଷ STA ରାଜ୍ୟରେ ସଡକ ପରିବହନ ପ୍ରଶାସନ ଓ ପରିଚାଳନା କ୍ଷେତ୍ରରେ ସର୍ବୋଚ୍ଚ ସଂସ୍ଥା । ଯାତ୍ରୀମାନଙ୍କୁ ପରିବହନ ସେବା ଯୋଗାଇଦିଏ । ଓଡିଶା ରାଜ୍ୟ ସଡକ ପରିବହନ ନିଗମ OSRTC । ଏହାର କାର୍ଯ୍ୟାବଳି ମଧ୍ୟରେ ଯାନବାହାନଗୁଡିକରୁ ରାଜସ୍ୱ ସଂଗ୍ରହ ଏବଂ ମୋଟରଯାନ ସଂପର୍କିତ ରାଜସ୍ୱ ଆଦାୟ କରନ୍ତି ।
- ରେଳବାଇ : ଓଡିଶାରେ ରେଳଲାଇନ ୨୪ଟି ଜିଲ୍ଲା ଦେଇ ଯାଇଛି, ଯେଉଁଥିରେ ରାଜ୍ୟର ବୌଦ୍ଧ, ଦେବଗଡ, କନ୍ଧମାଳ, କେନ୍ଦ୍ରାପଡା, ମାଲକାନଗିରି, ନବରଙ୍ଗପୁର ଅନ୍ତର୍ଭୁକ୍ତ ନୁହେଁ । ରେଳ ଦ୍ୱାରା ସଂଯୋଜିତ ଅଞ୍ଚଳର ଘନତା ବିଚାରକଲେ ଯଦିଓ ବହୁ ଅଞ୍ଚଳ ଅନ୍ତର୍ଭୁକ୍ତ ତଥାପି କେନ୍ଦ୍ରର ବହୁ ଅଞ୍ଚଳ ଏଥିରେ ଏପର୍ଯ୍ୟନ୍ତ ସାମିଲ ହୋଇ ପାରିନାହିଁ । ୨୦୧୦-୧୧ ଶେଷ ସୁଦ୍ଧା ରାଜ୍ୟରେ ୨୪୧୭ କିଲୋମିଟର ରେଳଲାଇନ, ଯେଉଁଥିରେକି ୫୪ କିଲୋମିଟର ନ୍ୟାରୋଗଜ ଲାଇନ ଅନ୍ତର୍ଭୁକ୍ତ । ସାମଗ୍ରୀକ ରେଳ ସଂଯୋଗ ବିଚାର କଲେ ଏହାର ରାଜ୍ୟରେ ଆଖିଦୃଶିଆ ନୁହେଁ, ଏହାର ଫଳରେ ରାଜ୍ୟରେ ଶିଳ୍ପ ବିକାଶ ବାଧାପ୍ରାପ୍ତ ହୋଇଛି । ରାଜ୍ୟରେ ପ୍ରତି ହଜାର ସ୍କୋୟାର କିଲୋମିଟର ପିଛା ରେଳଲାଇନ ରେଳବାଇ ଘନତା ୧୬ କିଲୋମିଟର, ଯାହାକି ସର୍ବଭାରତୀୟ ଘନତା ହାର ପ୍ରାୟ ୨୦ କିଲୋମିଟର ।
- ପାରାଦୀପ ବନ୍ଦର : ପାରାଦୀପ ବନ୍ଦର ରାଜ୍ୟର ଏକମାତ୍ର ମୁଖ୍ୟ ବନ୍ଦର । ଏହାକୁ ଭାରତ ସରକାର ୧୯୬୬ ମସିହା ଏପ୍ରିଲ ମାସରେ ଭାରତର ଅଷ୍ଟମ ବୃହତ ବନ୍ଦର ଭାବେ ଘୋଷଣା କରିଥିଲେ । ସ୍ୱାଧୀନ ଭାରତରେ ଏହା ପୂର୍ବ ଉପକୂଳର ପ୍ରଥମ ମୁଖ୍ୟ ବନ୍ଦରର ମାନ୍ୟତା ପାଇଥିଲା । କୋଲକାତାର ଦକ୍ଷିଣରେ ୨୧୦ ମାଇଲ ଏବଂ ବିଶାଖାପାଟଣାର ଉତ୍ତରରେ ୨୬୦ ମାଇଲ ଦୂରରେ ୨୦୦-୧୫-୫୮.୬୩ରେ ଏହା ଅବସ୍ଥିତ । ଏହା କୃତ୍ରିମ କିସମର, ଯାହାକି ୫୦୦ମିଟର ଦୈର୍ଘ୍ୟ, ୧୬୦ ମିଟର ପ୍ରସ୍ଥ ଓ ଏକ ଘୂର୍ଣ୍ଣମାନ ବଳୟ ୫୨୦ ମିଟର ଡାଏମିଟର ବିଶିଷ୍ଟ । ଏହି ବନ୍ଦରରେ ୧୪ଟି କୋଠରୀ, ତିନୋଟି ଏକକ ପଏଣ୍ଟ ଏବଂ ଗୋଟିଏ RO ROJELTY ଅଛି, ଯାହାକି ବିଭିନ୍ନ ପ୍ରକାରର କାର୍ଗୋକୁ ଦେଖାଶୁଣା କରେ । ପାଞ୍ଚଟି କୋଠରୀପୂର୍ଣ୍ଣ ଜ୍ଞାନ କୌଶଳ ସମ୍ବଳିତ, ଯାହା ଲୁହା ପଥର ତାପଜ କୋଇଲା ଓ POL କୁ ଦେଖାଶୁଣା କରେ । ଦୁଇଟି କୋଠରୀରେ ସାର, ଗୋଟିଏ କୋଠରିରେ M/s ESSAR ର ଲୁହାପଥର ଏବଂ ଅବଶିଷ୍ଟ କୋଠରୀ ବିବିଧ ଉଦ୍ଦେଶ୍ୟରେ ବ୍ୟବହାର ହୋଇଥାଏ ।ଏହି ବନ୍ଦରର ୧୦୨ ମିଲିୟନ ଟନ କାର୍ଗୋ ସମ୍ଭାଳିବା ସାମର୍ଥ୍ୟ ଅଛି, ଯାହାକି ୨୦୧୨-୧୩ରେ ସମସ୍ତ ମୁଖ୍ୟ ବନ୍ଦରଗୁଡିକ ମଧ୍ୟରେ ଥିବା ସର୍ବୋଚ୍ଚ ।

- ଅନ୍ୟାନ୍ୟ ବନ୍ଦର : ଓଡିଶା ଏକ ସାମୁଦ୍ରିକ ରାଜ୍ୟ, ଯାହାର ୪୮୦ କିଲୋମିଟର ପରିବ୍ୟାପ୍ତ ବେଳାଭୂମି ରହିଛି । ଏହାର ୧୩ଟି ଉପଯୁକ୍ତ ସ୍ଥାନ ରହିଛି, ଯାହା କ୍ଷୁଦ୍ର ବନ୍ଦର ଭାବେ ବିକଶିତ ହୋଇପାରିବ । ଗୋପାଳପୁର ରାଜ୍ୟର ଦ୍ୱିତୀୟ ବୃହତ୍ ବନ୍ଦର ଯାହା ୨୦୦୭ ଜାନୁୟାରୀରୁ କାର୍ଯ୍ୟକ୍ଷମ ହୋଇଛି । ଏହି ବନ୍ଦରକୁ ଗୋପାଳପୁର ବନ୍ଦର ଲିମିଟେଡକୁ ଏହାର ବିକାଶ ସହ ଏହାକୁ ସବୁଦିନିଆ ବନ୍ଦର କରିବା ପାଇଁ ହସ୍ତାନ୍ତର କରାଯାଇଛି । ଏହାଛଡା ଧାମରାବନ୍ଦର ପାଇଁ ଧାମରା ବନ୍ଦର କମ୍ପାନୀ ଲିମିଟେଡ୍ ପକ୍ଷରୁ ସବୁଜ କ୍ଷେତ୍ର ପ୍ରକଳ୍ପ ହାତକୁ ନିଆଯାଇଛି । ଏହି ବନ୍ଦର ମେ ୨୦୧୧ ରୁ ବ୍ୟାବସାୟିକ ଉଦ୍ଦେଶ୍ୟରେ କାର୍ଯ୍ୟ ଆରମ୍ଭ କରିଛି । ଏସବୁ ସହ ରାଜ୍ୟ ସରକାର, ନବଯୁଗ ଇଂଜିନିୟରିଂ କମ୍ପାନୀ ଲିମିଟେଡ ଏବଂ ଆଦିତ୍ୟ ବିର୍ଲା ଗ୍ରୁପ୍ ସହ ବୁଝାମଣା ପତ୍ର ସ୍ୱାକ୍ଷର କରି ବାଲେଶ୍ୱରର କୀର୍ତ୍ତନିଆ, ପୁରୀର ଅସ୍ତରଙ୍ଗ ଓ ଭଦ୍ରକର ଚୂଡାମଣିକୁ ବନ୍ଦର ଭାବେ ବିକଶିତ କରିବାପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି ।

- ଅନ୍ତର୍ଦେଶୀୟ ଜଳ ପରିବହନ ଓ ବେସାମରିକ ବିମାନ ଚଳାଚଳ : ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍ତର୍ଦେଶୀୟ ଜଳ ପରିବହନ ସେବା ଯୋଗାଇ ଦିଆଯାଉଛି । ବନ୍ଦର ଓ ଅନ୍ତର୍ଦେଶୀୟ ଜଳ ପରିବହନ ସେବା ଯୋଗଇଦିଆଯାଉଛି । ବନ୍ଦର ଓ ଅନ୍ତର୍ଦେଶୀୟ ଜଳ ପରିବହନ ନିର୍ଦ୍ଦେଶାଳୟ, ଯାହାକି ରାଜ୍ୟସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ଅଧିନରେ କାର୍ଯ୍ୟରତ, ନୋଡାଲ ସଂସ୍ଥା ଭାବେ ଯାତ୍ରୀ ପରିବହନ ନିୟନ୍ତ୍ରଣ, ସର୍ଭେ ଓ ପଞ୍ଜୀକରଣ ଆଦି ବିବିଧ ଜଳ ପରିବହନ ସେବା ତଦାରଖ ରାଜ୍ୟର ଦୁଇଟି କ୍ଷେତ୍ର ଯଥା - ଚାନ୍ଦବାଲି ଓ ବାଲୁଗାଁରେ କରିଥାଏ ।

ଚାନ୍ଦବାଲି କ୍ଷେତ୍ର, ଚାନ୍ଦବାଲିରୁ ତାଳଚୂଆଁ, ଚାନ୍ଦବାଲିରୁ ଆରଡି ଏବଂ ବିଥରକନିକାକୁ ୫ଟି ମୋଟର ଲଞ୍ଚ ସେବା ଯୋଗଇ ଦିଏ ।

ବାଲୁଗାଁ କ୍ଷେତ୍ର, ବାଲୁଗାଁ ରୁ କୃଷ୍ଣପ୍ରସାଦ ଗଡ ଓ କାଳିଜାଇକୁ ୮ଟି ମୋଟର ଲଞ୍ଚ ସେବା ଏବଂ ନୂଆଗଡରୁ ଗଣ୍ଡକୂଳ ଭାୟା କାଳିଆକନାକୁ ଗୋଟିଏ ମୋଟର ଲଞ୍ଚ ଯୋଗେ ଯାତ୍ରୀ ସେବା ଯୋଗାଇ ଦିଆଯାଉଛି ।

ମୋଟର ଲଞ୍ଚ ଚଳାଇବା ତାଲିମ କେନ୍ଦ୍ର ଭଦ୍ରକ ଜିଲ୍ଲାର ଚାନ୍ଦବାଲିରେ ପ୍ରତିଷ୍ଠା କରାଯାଇଛି, ଯାହା ବନ୍ଦର ଓ ଅନ୍ତର୍ଦେଶୀୟ ଜଳ ପରିବହନ ନିର୍ଦ୍ଦେଶାଳୟ ଅଧିନରେ କାର୍ଯ୍ୟରତ । ବର୍ତ୍ତମାନ ଏହା ଦୁଇଟି ବିଷୟରେ ତାଲିମ ଦେଉଛି -

୧) ଦଶମାସିଆ ନିୟମିତ ପାଠ, ଯାହାକି ସାଧାରଣ ବର୍ଗର ପ୍ରାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ

୨) ତିନିମାସିଆ ରିଫ୍ରେସର ପାଠ, ଯାହାକି ଚାକିରିଆ ପ୍ରାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ ।

ଏହି ପ୍ରତିଷ୍ଠାନରୁ ତାଲିମ ପରେ ପ୍ରଶିକ୍ଷାର୍ଥୀଗଣ ରାଜ୍ୟ ଓ ରାଜ୍ୟ ବାହାରେ ଚାକିରି ପାଇଥାନ୍ତି ।

ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ମୁଖ୍ୟ ଆଭିମୁଖ୍ୟ, ରାଜ୍ୟସରକାରଙ୍କ ଯାତ୍ରୀବହନକାରୀ ବିମାନ ଓ ତାଲିମ ଉଦ୍ଦିଷ୍ଟ ବିମାନର ବ୍ୟବହାର ଓ ପରିଚାଳନା, ପ୍ରଶିକ୍ଷାର୍ଥୀ ପାଇଲଟମାନଙ୍କୁ ତାଲିମ ଏବଂ ରାଜ୍ୟରେ

ଥିବା ବିମାନଗୁଡିକର ନିର୍ମାଣ ଓ ବିକାଶ ସାଧନ। ରାଜ୍ୟରେ ୧୨ଟି ବିମାନ ଓ ଷୋହଳଟି ହେଲିପ୍ୟାଡ ଅଛି। ଏକ ନୂତନ ବିମାନ କ୍ରୟର ପ୍ରସ୍ତାବ ବିଚାରାଧିନ ରହିଛି। ଏକ ସରକାରୀ ବିମାନ ଚଳାଚଳ ତାଲିମ ପ୍ରତିଷ୍ଠାନ ସରକାରୀ / ଘରୋଇ ପାର୍ଟନରସିପ ମଡେଲରେ ଆରମ୍ଭ କରାଯାଇ ୨୦୧୮ ନଭେମ୍ବରରୁ କାର୍ଯ୍ୟ କରୁଛି।

ଓଡିଶାରେ ଡାକଘନତା, ସର୍ବଭାରତୀୟ ହାରଠାରୁ ଅଧିକ। ୨୦୧୨-୧୩ରେଓଡିଶାରେ ୮୧୬୫ ଡାକଘର, ୩୫ଟି ମୁଖ୍ୟ ଡାକଘର, ୧୧୬୦ଟି ସବପୋଷ୍ଟ ଅଫିସ ଥିଲା। ଗୋଟିଏ EDSO ଓ ୬୯୬୯ଟି EDBOS ଏସବୁରେ ୭୬୭୬ (୯୩%) ଗ୍ରାମାଞ୍ଚଳରେ ଅବସ୍ଥିତ। ଅଧିକାଂଶ ଡାକଘର ନିୟମିତ ଡାକସେବା ଯୋଗଇ ସ୍ପିଡପୋଷ୍ଟ, ରେଜଷ୍ଟ୍ରି ଏକ୍ସପ୍ରେସ ପାର୍ସଲପୋଷ୍ଟ, ସମୂହ ଚିଠିସେବା, କର୍ପୋରେଟ ମନିଅର୍ଡର ସେବା ଏବଂ ସାଟେଲାଇଟ ମେଲ ସେବା, ଶୁଭେଚ୍ଛା ଡାକ ଓ ସାଧାରଣ ଡାକ ଆଦି ସେବା ଜାରିରଖିଛନ୍ତି। ଉଭୟ ଆନ୍ତଃ ଓ ବାହ୍ୟ ମୂଲ୍ୟାୟନ ଦ୍ୱାରା ଓଡିଶାର ବ୍ରହ୍ମପୁର ପୋଷ୍ଟାଲ ଡିଭିଜନରେ ଥିବା ଗୋପାଳପୁର ଡାକଘର ସର୍ବଭାରତୀୟସ୍ତରରେ ଡାକସେବାରେ ପ୍ରଥମସ୍ଥାନ ଅଧିକାର କରିଛି। ଏହି ଡାକଘରର କର୍ମଚାରୀଙ୍କୁ ବ୍ୟାଙ୍କ ସ୍ଥିତ ଏସିଆ ପାସିଫିକ୍ ପୋଷ୍ଟାଲ କଲେଜକୁ ସାତଦିନ ପାଇଁ ସମ୍ମାନ ଓ ସ୍ୱୀକୃତି ଅଧିନରେ ସରକାରଙ୍କ ପକ୍ଷରୁ ପ୍ରେରଣା କରାଯାଇଥିଲା। ୧୪୦ରୁ ଉର୍ଦ୍ଧ୍ୱ ଡାକଘରକୁ କୋବ୍ୟାଙ୍କିଙ୍ଗ ଅଧିନରେ ଚିହ୍ନଟ କରାଯାଇ ଏଟିଏମ୍ ସେବା ଯୋଗାଇଦେବାକୁ ସବୁଜ ସଙ୍କେତ ପ୍ରଦାନ କରାଯାଇଛି। ବିଭିନ୍ନ କ୍ଷେତ୍ରରେ ଉତ୍ପାଦନ ଉପରେ ଟେଲି ଯୋଗାଯୋଗର ପ୍ରଭାବ ଫଳରେ ଅର୍ଥନୀତି, ଆଶାନୁରୂପ ହୋଇଛି। ପ୍ରତିବର୍ଷ ଓଡିଶାରେ ଟେଲିଯୋଗାଯୋଗ ନେଟୱାର୍କ ଦ୍ରୁତଭାବେ ବିସ୍ତାର ହେଉଛି। ୨୦୧୨-୧୩ରେ ଓଡିଶାରେ ୨.୫୦ କୋଟି ଟେଲିଫୋନ ଗ୍ରାହକ ଥିଲେ ଯାହାକି ସମଗ୍ର ଦେଶର ସମୁଦାୟ ଟେଲିଫୋନ ଗ୍ରାହକଙ୍କ ପ୍ରାୟ ୨.୭୩%। ସମୁଦାୟ ୨.୫ କୋଟି ଗ୍ରାହକ ମଧ୍ୟରୁ ୯୮.୪% ଥିଲେ ୱାୟାରଲେସ ଗ୍ରାହକ (ମୋବାଇଲ) ଏବଂ ଅବଶିଷ୍ଟ ୧.୬% (୦.୦୪) ଥିଲେ ଲ୍ୟାଣ୍ଡଲାଇନ ଗ୍ରାହକ। ରାଜ୍ୟର ସାମଗ୍ରୀକ ଟେଲି ଘନତା (ଯଥା- ଟେଲିଫୋନ ସଂଯୋଗ ସଂଖ୍ୟା ପ୍ରତି ୧୦୦ ଜନସଂଖ୍ୟାରେ) ଜାତୀୟ ହାର ତୁଳନାରେ କମ୍ ଥିଲା। ସେହିଭଳି ରାଜ୍ୟରେ ଗ୍ରାମ୍ୟ ଓ ସହର ଟେଲିଘନତା ମଧ୍ୟରେ ବହୁ ବ୍ୟବଧାନ ପରିଲକ୍ଷିତ। ୨୦୧୨-୧୩ରେ ଓଡିଶାରେ ଗ୍ରାମ୍ୟ ଟେଲିଘନତା ଥିଲା ୩୮.୭୨%, ଯେତେବେଳେ ସହରାଞ୍ଚଳ ଟେଲି ଘନତା ଥିଲା ୧୬୪.୦୧%।

## ୧.୭.୩ ବିଜ୍ଞାନ ଓ ବୈଷୟିକଜ୍ଞାନ

- ସୂଚନା ପ୍ରଯୁକ୍ତି : ସୂଚନା ପ୍ରଯୁକ୍ତି ଯେକୌଣସି ଅଞ୍ଚଳର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ରାଜ୍ୟର ଶିଳ୍ପନିତି ୨୦୦୧ ETC, IT ଏବଂ IT ଜଡିତ ସେବାଗୁଡିକୁ ଅଗ୍ରାଧିକାର କ୍ଷେତ୍ରଭାବେ ଚିହ୍ନଟ କରିଛି। ଏହିସବୁ କ୍ଷେତ୍ରରେ ପ୍ରତିଷ୍ଠା ଓ ଉଦେ୍ୟାଗକୁ ମଧ ସରକାରୀ ପ୍ରୋତ୍ସାହନ ଦିଆଯାଉଛି। ଭାରତରେ ସୂଚନାପ୍ରଯୁକ୍ତି ବିଦ୍ୟାର ଘରୋଇ କ୍ଷେତ୍ରରେ ବ୍ୟବହାର ବୃଦ୍ଧିପାଇବାରେ ଲାଗିଛି। ଓଡିଶାରେ ମଧ ସରକାର ଏ କ୍ଷେତ୍ରରେ ସହଯୋଗ କରି ନିଜସ୍ୱ ପ୍ରଶାସନ ସହ ସାଦାରଣ ଭାବେ ଏ କ୍ଷେତ୍ରର ବିକାଶ ସହଯୋଗ କରୁଛନ୍ତି।

- ଜାତୀୟ ସୂଚନା କେନ୍ଦ୍ର (NIC), ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଏକ ପ୍ରମୁଖ ସଂସ୍ଥା, ଯାହା ଭାରତ ସରକାରଙ୍କ ସୂଚନା ପ୍ରଯୁକ୍ତିବିଦ୍ୟା (IT) ଅଧିନରେ କାର୍ଯ୍ୟରତ ଗତ ତିନିଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଏହା ସୂଚନା ଓ ଯୋଗାଯୋଗ କ୍ଷେତ୍ରରରେ ନିରବଚ୍ଛିନ୍ନ ଭବାରେ ସେବା ଯୋଗାଇ ଆସିଛି। ଓଡିଶାରେ ଥିବା ଭାରତ ସରକାରଙ୍କ ଏହି ପ୍ରତିଷ୍ଠାନ IT ସଂସ୍କୃତିର ପ୍ରସାର ରାଜ୍ୟ ଓ ଜିଲ୍ଲା ସ୍ତରରେ କରୁଛି । ଉଭୟ ରାଜ୍ୟ ସରକାର ଓ NIC କେତେଗୁଡିଏ ପଦକ୍ଷେପ ଗ୍ରହଣ କରିଛନ୍ତି । କେତୋଟି ପ୍ରମୁଖ ସଫଳତା ମଧ୍ୟରେ –
- ଜମି ଅଧିଗ୍ରହଣ ପରିଚାଳନା ଆବେଦନ : ରାଜ୍ୟସରକାରଙ୍କ ଗ୍ରୁପ୍ 'ଏ' ଓ ଗ୍ରୁପ 'ବି' ଶ୍ରେଣିର PAR / CCR ଅଫିସରମାନଙ୍କୁ ଅନୁଧ୍ୟାନ କରିବା।
- ବିଦ୍ୟୁତ୍ ସେବାର ଇ-ଦେୟ ଅନଲାଇନ ମଧ୍ୟମରେ ସଂଯୋଜିତ କରିବା
- ଓଜେଇଇ, ଡିଇଟି ପାଇଁ ୱେବ୍ ପରାମର୍ଶଦେବା।
- ATMA / RKVY / OSCSC ପାଇଁ ବ୍ୟାଙ୍କ ସେବା ବ୍ୟବସ୍ଥା କରିବା।
- ଜଳ ଦେୟ ବିଲିଙ୍ଗ ସଫ୍ଟୱେର, ଜନସ୍ୱାସ୍ଥ୍ୟ (ସହରାଞ୍ଚଳ) ଅନୁଧ୍ୟାନ ଓ ଅଭିଯୋଗ ଆଦିର ୱେବ୍ ଆବେଦନ କରିବା।
- କୃଷିକ୍ଷେତ୍ରରେ କ) କୃଷି ଯନ୍ତ୍ରପାତି, ଖ) ଜଳନିଧି, ଗ) ସାର ପଞ୍ଜୀକରଣ ପ୍ରମାଣପତ୍ର, ଘ) କୀଟନାଶକ ଲାଇସେନ୍ସ ବ୍ୟବସ୍ଥା, ଙ) ଔଷଧ ଅନୁଧ୍ୟାନ ବ୍ୟବସ୍ଥା, ଚ) ପାଣିପାଗ ସୂଚନା ବ୍ୟବସ୍ଥା, ଛ) ଜୈବସାର, ଜ) ଅନଲାଇନ ସାର ପରିଚାଳନା ଇତ୍ୟାଦି କରିଥାଏ।
- ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ : ରାଜ୍ୟ ସୂଚନା ପ୍ରଯୁକ୍ତି ବିଦ୍ୟା ବିବାଗ ଉଭୟ ସଫ୍ଟୱେୟାର ଓ ହାର୍ଡୱେରରେ କମ୍ପ୍ୟୁଟର ଯୋଗାଯୋଗ ସମ୍ବନ୍ଧୀୟ କାର୍ଯ୍ୟ ତଦାରଖ କରେ। ଏହା ଜାତୀୟ ସୂଚନା କେନ୍ଦ୍ର (NIC) ର ମଧ ନୋଡାଲ ବିଭାଗ ଭାବେ କାର୍ଯ୍ୟକରେ। ୨୦୦୪ରେ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି (ICT) ନୀତି, ପ୍ରଣୟନ କରାଯାଇ ସାଧାରଣଜନତା ପାଖରେ ଆଇଟି ଉପଲବ୍ଧ ହେବା ପରେ ସାହାଯ୍ୟ କରୁଛି। ଓଡିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (OCAC) ଏକ ବୈଷୟିକ ନିର୍ଦ୍ଦେଶାଳୟ ଭାବେ ଏହାର ପ୍ରଶାସନିକ ନିୟନ୍ତ୍ରଣ ଓ ଭୂମିକା ନିର୍ବାହ ଆଦି କରିଥାଏ।
- ଜାତୀୟ ଇ-ଗଭର୍ଣ୍ଣାନ୍ସ ଯୋଜନା (NeGP) : ଜାତୀୟ ଇ-ଗଭର୍ଣ୍ଣାନ୍ସ କାର୍ଯ୍ୟକ୍ରମ (NeGP) ଏକ ତ୍ରିସ୍ତମ୍ଭ ଆଧାରିତ ମଡେଲ ଭାବେ କାର୍ଯ୍ୟ କରି ଯେକୌଣସି ସମୟରେ ୱେବ୍ ସମ୍ବନ୍ଧୀୟ ସୂଚନା ଓ ସେବା ଗ୍ରାମାଞ୍ଚଳରେ ଯେଭଳି ଉପଲବ୍ଧ ହୋଇପାରିବ, ସେଦିଗରେ ବ୍ରତୀ ଥାଏ। ଏହାର ତିନୋଟି ସ୍ତମ୍ଭ –

କ) ଓଡିଶା ରାଜ୍ୟ ବ୍ୟାପୀ ଏରିଆ ନେଟୱାର୍କ (OSWAN) କମନସେଣ୍ଟର (CSC)

ଖ) ଓଡିଶା ରାଜ୍ୟ ଡାଟା ସେଣ୍ଟର (OSDC)

ଗ) ରାଜ୍ୟ ସେବା ଯୋଗାଣ ଗେଟୱେ (SSDG)

- OSWAN : ଭାରତସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପଦକ୍ଷେପ ସମଗ୍ର ରାଜ୍ୟ ପାଇଁ କମ୍ପ୍ୟୁଟରୀକରଣର ଆନୁଷଙ୍ଗିକ ବାତାବରଣ ସୃଷ୍ଟି କରିବାରେ ସହଯୋଗ କରେ। ଏହାର ନେଟୱାର୍କ ରାଜ୍ୟ ମୁଖ୍ୟାଳୟଠାରୁ ଜିଲ୍ଲା ମୁଖ୍ୟାଳୟ ଓ ସେଠାରୁ ବ୍ଲକ ମୁଖ୍ୟାଳୟକ ସଂଯୋଜିତ ହୋଇଥାଏ। ଭାରତ ସରକାର ମଧ୍ୟ ଏହାକୁ ୱାୟାରଲେସ ମାଧ୍ୟମରେ ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ସଂଯୋଗ ପାଇଁ ବ୍ୟବସ୍ଥା କରୁଛନ୍ତି। ବର୍ତ୍ତମାନ ସରକାରଙ୍କ ପକ୍ଷରୁ ହେଉଥିବା ଅଧିକଂଶ ଭିଡିଓ କନଫେରେନ୍ସିଂ କାର୍ଯ୍ୟାବଳୀ OSWAN ମାଧ୍ୟମରେ କରାଯାଉଛି।

- ସାଧାରଣ ସେବା କେନ୍ଦ୍ର (CSC) : PPP ମାଧ୍ୟମରେ ଆରମ୍ଭ ହୋଇଥିବା ଏହି ଯୋଜନା ତିନୋଟି ଘରୋଇ ସଂସ୍ଥା ଜୁମ ଡେଭଲପର୍ସ, ଗ୍ରୀଇନଫ୍ରାଷ୍ଟ୍ରକଚର ଫାଇନାନ୍ସ ଲିମିଟେଡ, ଭାରତୀୟ ସମୃଦ୍ଧି ଫାଇନାନ୍ସ ଲିମିଟେଡ ସହେଯାଗରେ କାର୍ଯ୍ୟରତ। ଏହିସବୁ ସଂସ୍ଥାଗୁଡିକ ବଦଳରେ ଗ୍ରାମାଞ୍ଚଳସ୍ତରୀୟ ଉଦ୍ୟୋଗ ନିଯୁକ୍ତି କରି ଏହି କାର୍ଯ୍ୟକୁ ଆଗେଇ ନିଅନ୍ତି।

- ଓଡିଶା ରାଜ୍ୟ ଡାଟା କେନ୍ଦ୍ର (OSDC) : OCAC ରେ ଓଡିଶା ରାଜ୍ୟ ଡାଟାକେନ୍ଦ୍ର (OSDC) ପ୍ରତିଷ୍ଠା କରାଯାଇଛି ଏବଂ ଏହାକୁ OSWAN ସହ ସଂଯୋଗ କରାଯାଇ ସେବା ବ୍ୟବସ୍ଥା ଉପଲବ୍ଧ କରାଯାଇଛି।

- ରାଜ୍ୟ ସେବା ଯୋଗାଣ ଗେଟୱେ (SSDG) : NeGP ଅଧିନରେ ଏହି ଯୋଜନା ଆରମ୍ଭ କରାଯାଇଛି, ଯାହାକି ନାଗରିକମାନଙ୍କୁ ସହଜ ଓ ସୁବିଧାରେ ସେବା ଯୋଗାଇଦେବାର ଆଭିମୁଖ୍ୟ ରଖିଥାଏ।

- ବିଦ୍ୟାର୍ଥୀ ପାଠ୍ୟ ପରିଚାଳନା ବ୍ୟବସ୍ଥା (SAMS) : OCAC ପକ୍ଷରୁ ଇକଲେଜ ପ୍ରକଳ୍ପ ଯାହାକି ଉଚ୍ଚଶିକ୍ଷା ବିଭାଗ ପାଇଁ ଉଦ୍ଦିଷ୍ଟ ତା'ର ଏକ ବିସ୍ତାର ଭାବେ ବିଦ୍ୟାର୍ଥୀ ପାଠ୍ୟପରିଚାଳନା ବ୍ୟବସ୍ଥା SAMS ଆରମ୍ଭ କରିଛି। ଏହା ଇ-ଆଡମିଶନ ଓ ଇ-ଆଡମିନିଷ୍ଟ୍ରେସନ ପାଇଁ ବ୍ୟବହୃତ। ଏହି ପ୍ରକଳ୍ପ ସମସ୍ତ ୬୭୧ ଡିଗ୍ରୀ କଲେଜ ଓ ୧୩୩୪ ଜୁନିୟର କଲେଜକୁ ୨୦୧୨-୧୩ରେ ଅନ୍ତର୍ଭୁକ୍ତ କରିଥିଲା।

- ଓଡିଶା ସଚିବସ୍ତରୀୟ କାର୍ଯ୍ୟ ପ୍ରବାହ ସ୍ୱତଃ ବ୍ୟବସ୍ଥା (OSWAS) : OSWAS ର ଆଭିମୁଖ୍ୟ ସରକାରଙ୍କ ଯେକୌଣସି ବିଭାଗରେ ସମସ୍ତ ପ୍ରକାରର ପ୍ରଶାଶନିକ କାର୍ଯ୍ୟାବଳୀ ସ୍ୱୟଂକ୍ରିୟ କରିବା% ଅଧିକାଂଶ ସରକାରୀ କାର୍ଯ୍ୟରେ ତଥ୍ୟାବଳୀ ଫାଇଲଭିତ୍ତିକ ହେଉଥିବାରୁ ଏହାକୁ ଅଧିକ ସରଳ ଓ ସୁଗମ କରିବାରେ OSWAS ସାହାଯ୍ୟ କରେ। ତଥ୍ୟଗୁଡିକୁ ସାଇତି ରଖି ଏଥିରେ ନିଷ୍ପତ୍ତି ନେବା ଧାରାକୁ ବଳବତ୍ତର ରଖିବା ଦିଗରେ ମଧ୍ୟଯ ଏହା ଯତ୍ନବାନ ହୋଇଥାଏ। ଏହା ମଧ୍ୟ ଡକ୍ୟୁମେଣ୍ଟ ପରିଚାଳନା କାର୍ଯ୍ୟ ଆଦି ସୁଚାରୁରୂପେ ସଂପନ୍ନ କରିଥାଏ। ପରିବେଶ ଓ ଜ୍ଞାନ ପରିଚାଳନା ଏକ ସଂଯୋଜିତ ଫ୍ୟାସନ ଏବଂ ଏହା ଇଲେକଟ୍ରୋନିକ କାର୍ଯ୍ୟସ୍ଥାନ ଯୋଗାଣ କରିଥାଏ।

- ତହସିଲ ରେକର୍ଡରୁମର ଆଧୁନିକୀକରଣ : ଏହି ପ୍ରକଳ୍ପ ଜମି ରେକର୍ଡ ଏବଂ ସର୍ଭେ ଓଡିଶା ରାଜସ୍ୱ ପରିଷଦ ଦ୍ୱାରା ଅନୁଦାନପ୍ରାପ୍ତ ଯାହାକି ୩୩ଟି ତହସିଲର ରେକର୍ଡରୁମ ଆଧୁନିକୀକରଣ ପାଇଁ ଉଦ୍ଦିଷ୍ଟ। ଏହା

ତହସିଲ ରେକର୍ଡର ନବୀକରଣ, ଉନ୍ନତିକରଣ, କମ୍ପ୍ୟୁଟରୀକରଣ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଆଦି କରିଥାଏ। ତହସିଲ ଅଫିସର ହାର୍ଡୱାର ଆସବାବପତ୍ର, ଅନ୍ୟାନ୍ୟ ସାମଗ୍ରୀ ଯୋଗାଣ ଏବଂ ତହସିଲ କର୍ମଚାରୀଙ୍କୁ ତାଲିମ ପ୍ରଦାନ ମଧ୍ୟ କରାଯାଇଥାଏ।

- ଇ-ଡେସପାଚ : OCAC ପକ୍ଷରୁ ଇ ଡେସପାଚ ବ୍ୟବସ୍ଥା ପ୍ରଚଳନ କରାଯାଇ ସରକାରୀ ବିଭାଗ ଓ ଅନ୍ୟାନ୍ୟ ସହଯୋଗୀ କାର୍ଯ୍ୟାଳୟଗୁଡିକରେ ଚିଠିଗୁଡିକର ସମୟାନୁସାରେ ମଞ୍ଜୁର ଓ ପ୍ରେରଣ ଦିଗରେ ସ୍ୱୟଂକ୍ରୀୟ ବ୍ୟବସ୍ଥା କରାଯାଉଛି।

- ଆଇଟି ଉନ୍ନତି : ରାଜ୍ୟ ସରକାର ରାଜ୍ୟରେ ଆଇଟି କ୍ଷେତ୍ରର ଉନ୍ନତି ପାଇଁ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏସବୁ ପଦକ୍ଷେପ ସମୟାନୁସାରେ ସରକାର ଗ୍ରହଣ କରି ଆଇଟି କ୍ଷେତ୍ରର ସାମଗ୍ରୀକ ବିକାଶ ପାଇଁ ଯୋଜନା କରୁଛନ୍ତି।

- ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା : ସାଧାରଣବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଫଳସ୍ୱରୂପ ଆଇଟି ବିଭାଗ ଉତ୍ପାଦନବୃଦ୍ଧି, ଅଗ୍ରଗତି ଆଦି ପ୍ରତ୍ୟେକ୍ଷଫଳ ସହ ପରୋକ୍ଷଭାବେ ଦୀର୍ଘମିଆଦି ସୂତ୍ରରେ ବ୍ୟକ୍ତି ଓ ଅନୁଷ୍ଠାନ ସମୂହର ଉନ୍ନତି, ଜୀବନଶୈଳୀରେ ଉନ୍ନତି, ସାମାଜିକ କଲ୍ୟାଣ ଆଦି କରି ଆସୁଛି। ରାଜ୍ୟର ବହୁ ପ୍ରତିଷ୍ଠାନ ପ୍ରାୟୋଗିକ ଗବେଷଣାକୁ ହାତକୁ ନେଇ ଏ ଦିଗରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ବିଶେଷକରି ଆଇଟିକୁ ପ୍ରାଧାନ୍ୟ ଦେଉଛନ୍ତି।

- ଓଡିଶାକୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (OUAT) : ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭାରତର ଦ୍ୱିତୀୟ ପୁରାତନ କୃଷି ବିଶ୍ୱବିଦ୍ୟାଳୟ ଭାବେ ସୁପରିଚିତ। ଏହାର ୧୦ଟି ଅନୁବନ୍ଧିତ ମହାବିଦ୍ୟାଳୟ ରହିଛା। ୧୯୬୨ ମସିହାରେ ପ୍ରତିଷ୍ଠିତ ଏହି ବିଶ୍ୱବିଦ୍ୟାଳୟ ଗବେଷଣା ଓ ଶିକ୍ଷା, ଯାହାକି କୃଷି, କୃଷି ସମ୍ବନ୍ଧୀୟ, କୃଷି ଆଧାରିତ ବୈଷୟିକ ବିଷୟ ପାଇଁ ଉଦ୍ଦିଷ୍ଟ। କୃଷି ସଂପଦ, ପଶୁସଂପଦ, ଗୃହବିଜ୍ଞାନ, ମତ୍ସ୍ୟସଂପଦ ଆଦି ବହୁ କୃଷି ଓ ବୈଷୟିକ ସମ୍ବନ୍ଧୀୟ ଶିକ୍ଷା ଓ ଗବେଷଣାରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ OUAT ସୁପ୍ରିଷ୍ଠିତ।

- ଆଇଆଇଆଇଟି ଭୁବନେଶ୍ୱର : ସୂଚନା ପ୍ରଯୁକ୍ତିବିଦ୍ୟାରେ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ଦେବାକୁ ଓଡିଶା ସରକାର ଇଣ୍ଟରନ୍ୟାସନାଲ ଇନ୍‌ଷ୍ଟିଟ୍ୟୁଟ ଅଫ୍ ଇନଫର୍ମେସନ ଟେକ୍ନୋଲୋଜି IIIT ଭୁବନେଶ୍ୱରଠାରେ ପ୍ରତିଷ୍ଠା କରିଛନ୍ତି। ଏହା ସୋସାଇଟି ରେଜେଷ୍ଟ୍ରେସନ ଆକ୍ଟ ୧୯୮୦ ଅଧିନରେ ଏହା ପଞ୍ଜୀକୃତ ହୋଇ ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ BPUT ର ଅନୁବନ୍ଧିତ ହୋଇଛି। ଏହା ରାଜ୍ୟର ଇଂଜିନିୟରିଂ କଲେଜଗୁଡିକରେ ଉନ୍ନତମାନର ଶିକ୍ଷା ବ୍ୟବସ୍ଥା କରିବା ସହ ଆଇଟି କ୍ଷେତ୍ରରେ ଆବଶ୍ୟକତାକୁ ପୂରଣ ଦିଗରେ ସହଯୋଗ କରେ। IIIT ମଧ୍ୟ ବିଭିନ୍ନ ପ୍ରକାରର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ଗବେଷଣା କାର୍ଯ୍ୟ ପାଇଁ ସହାୟତା ପ୍ରଦାନ କରିଥାଏ।

- କେନ୍ଦ୍ରୀୟଧାନ ଗବେଷଣା ପ୍ରତିଷ୍ଠାନ (CRRI) : କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ CRRI ମୁଖ୍ୟ ଆଭିମୁଖ୍ୟ, ଉନ୍ନତକିସମର ଧାନ ବିହନ ନେଇ ଗବେଷଣା କରିବା, ଧାନ ଉନ୍ନତି ଓ ସଂପଦ ପରିଚାଳନା କରିବା, ସବୁଦିନିଆ ପାଣିପାଗରେ ଧାନ ଉତ୍ପାଦନଦିଗରେ କାର୍ଯ୍ୟ ସହ ବର୍ଷା ଋତୁ ଉପରେ ବିଶେଷ ଗୁରୁତ୍ୱ ଦେଇ ଧାନର ବିକାଶ ଓ ଉତ୍ପାଦନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ।

- ଭାରତର ସଫ୍ଟୱେର ଟେକ୍ନୋଲୋଜି ପାର୍କ (STPI) : ଭାରତ ସରକାରଙ୍କ ଯୋଗାଯୋଗ ସୂଚନା ବିଜ୍ଞାନ ମନ୍ତ୍ରଣାଳୟ ଅଧିନସ୍ଥ STPI ଏକ ସ୍ୱୟଂଶାସିତ ସଂସ୍ଥା । ଏହା IT ସଫ୍ଟୱେୟାର ଓ ସେବା ରପ୍ତାନି କରିବା ପାଇଁ କାର୍ଯ୍ୟରତ । ଓଡିଶାରେ ଦୁଇଟି STPI କେନ୍ଦ୍ର ଅଛି । ଗୋଟିଏ ଭୁବନେଶ୍ୱରରେ ଏବଂ ଅନ୍ୟଟି ରାଉରକେଲାରେ ଅବସ୍ଥିତ । STPI ବିଭିନ୍ନ ପ୍ରକାରର ରିହାତି ଯଥା ବିଦେଶକୁ ଶତକଡା ଶହେ ରପ୍ତାନି ଅନୁମତି ଓ ବିଭିନ୍ନ କର ଛାଡ ଦେଇଥାଏ । ଏହାର ସଦସ୍ୟଙ୍କ ଆବଶ୍ୟକତା ଅନୁସାରେ ଏହା ଆନୁଷଙ୍ଗିକ ବ୍ୟବସ୍ଥା ସହ ଅନ୍ୟାନ୍ୟ ସୁବିଧା ସିଯୋଗ ଯୋଗାଇ ଦେଇଥାଏ । ଭୁବନେଶ୍ୱର ଓ ରାଉରକେଲାଠାରେ ଅବସ୍ଥାପିତ STPI ର ଦୁଇଟି କେନ୍ଦ୍ର ଇଣ୍ଟରନେଟ ଯୋଗାଯୋଗକୁ ବ୍ୟାପକ କରିବା ସହ ଏହାର ସଂଯୋଗ, ଡିଜାଇନ, ଉପଲବ୍ଧତା, ବେଗ ବଢାଇବା, ପରିଚାଳନା, କାର୍ଯ୍ୟକାରିତା, ଅଧ୍ୟନ, ପ୍ରକଳ୍ପ ପ୍ରସ୍ତୁତି ଆଦି ବିଭିନ୍ନ ପ୍ରକାରର କାର୍ଯ୍ୟ ପାଇଁ ଉତ୍ସାହିତ ଓ ସହଯୋଗ କରିଥାଏ । IT ସମ୍ବନ୍ଧିତ ସେବାଗୁଡ଼ିକୁ ସୁଲଭ କରିବାରେ ଏହି କେନ୍ଦ୍ରର ସହଯୋଗ ପ୍ରଶଂସନିୟ । ଭୁବନେଶ୍ୱରରେ ଥିବା କେନ୍ଦ୍ର ମଧୁରଜଳ ମତ୍ସ୍ୟ ସଂପଦ ଗବେଷଣା ଦିଗରେ ମଧ କାର୍ଯ୍ୟ କରି ମତ୍ସ୍ୟ ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଥାଏ ।

- ଓଡିଶା ମହାକାଶ ପ୍ରୟୋଗ କେନ୍ଦ୍ର (OSAC) : OSAC ରାଜ୍ୟର ଏକ ପ୍ରମୁଖ ଗବେଷଣା କେନ୍ଦ୍ର । ମହାକାଶ ସମ୍ବନ୍ଧୀୟ ଜ୍ଞାନ କୌଶଳ ନିଃସୃତ ଗବେଷଣାରୁ କୃଷି, ପରିବହନ, ଜମି ବ୍ୟବହାର, ରାଜସ୍ୱ, ସହରାଞ୍ଚଳ ବିକାଶ, ପାନୀୟଜଳ, ବନ୍ୟାନିୟନ୍ତ୍ରଣ, ଅନାବାଦୀ ଜମି ବିକାଶ, ବ୍ଲକସ୍ତରୀୟ ସଂପଦ, ଜଙ୍ଗଲ ଓ ଅନ୍ୟାନ୍ୟ କ୍ଷେତ୍ରର ତଥ୍ୟ ବ୍ୟବହାର କରିଥାଏ । OSAC ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବହୁ ପ୍ରକଳ୍ପ ଏ ବାବଦରେ ଗ୍ରହଣ କରିଛି ।

- ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ରାଜ୍ୟ ପରିଷଦ (SCST) : SCST ରାଜ୍ୟର ଏକ ପ୍ରମୁଖ ନୀତି ନିର୍ଦ୍ଧାରଣ ସଂସ୍ଥା, ଯାହାକି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶ ଓ କାର୍ଯ୍ୟକାରିତା ପାଇଁ ବ୍ୟାପକ କାର୍ଯ୍ୟକ୍ରମ କରିଥାଏ । ଏହା ମୌଳିକ ନୂତନ ଗବେଷଣା ପ୍ରକଳ୍ପଗୁଡିକ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ବିଜ୍ଞାନର ପ୍ରସାର, ସେମିନାର, କର୍ମଶାଳା ଓ ଆଲୋଚନା ଚକ୍ର ଆଦି କରିଥାଏ । SCST ତରଫରୁ ପଦ କ୍ଷେପ ଗ୍ରହଣ କରାଯାଇଛି ପେଟେଣ୍ଟ ସୂଚନା କେନ୍ଦ୍ର PTC ରାଜ୍ୟରେ ପ୍ରତିଷ୍ଠା କରିବା ପାଇଁ । ଓଡିଶା ବିଜ୍ଞାନ ଏକାଡେମୀର ଆଭିମୁଖ୍ୟ ରାଜ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ପ୍ରଚାର ପ୍ରସାର କରିବା । ସେହିଭଳି ରାଜ୍ୟରେ ଆଉ ଏକ ପ୍ରମୁଖ ପ୍ରତିଷ୍ଠାନ ରହିଛି ପଠାଣି ସାମନ୍ତ ପ୍ଲାନେଟୋରିୟମ । ଏହା ମହାକାଶ ସମ୍ବନ୍ଧୀୟ ସଚେତନତା କରିବା ସହ ପ୍ରଦର୍ଶନୀ, କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କୁ ବିଶେଷ କରି ବିଦ୍ୟାର୍ଥୀମାନ୍ କୁ ମହାକାଶ ବିଜ୍ଞାନ, ମହାକାଶ ସମ୍ବନ୍ଧୀୟ ଜ୍ଞାନ, ଧାରଣ ଦେବା ସହ ଚନ୍ଦ୍ରଗ୍ରହଣ, ସୂର୍ଯ୍ୟପରାଗ, ବ୍ରହ୍ମାଣ୍ଡ ବିଷୟରେ ସଚେତନ କରାଇଥାଏ ।

## ୧.୮ ଓଡିଶାରେ ସାମାଜିକକ୍ଷେତ୍ର

ସାମାଜିକ କ୍ଷେତ୍ରରେ ଶିକ୍ଷା, ସ୍ୱସ୍ଥ୍ୟ, ନିରାପଦ ପାନୀୟଜଳ, ପରିମଳ ଓ ଅନଗ୍ରସର ଶ୍ରେଣୀର ଶିକ୍ଷା ଓ ସ୍ୱସ୍ଥ୍ୟର ବିକାଶ ଆଦି ଅନ୍ତର୍ଭୁକ୍ତ।

### ୧.୮.୧ ଶିକ୍ଷା

ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଯାହାକି ସାମାଜିକ ସଶକ୍ତିକରଣ, ସାମର୍ଥ୍ୟ ଓ ଶିକ୍ଷାର ବିକାଶ ସହ ରୋଜଗାର ପ୍ରଦାନରେ ସହାୟକ ହୋଇଥାଏ। ଏହା ମଧ୍ୟ ଅନ୍ୟାନ୍ୟ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଶିକ୍ଷାର ଆବଶ୍ୟକତାକୁ ଗୁରୁତ୍ୱପୂର୍ଣ୍ଣ ପ୍ରଦାନ ପାଁ ଶିଶୁମାନଙ୍କର ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ଶିକ୍ଷାନୀତି ୨୦୦୯ ଏକ କେନ୍ଦ୍ରୀୟ ଧାରା ୨୦୧୦ ଏପ୍ରିଲ ୧ ରୁ ପ୍ରଚଳିତ ହୋଇଛି। ଏହି ଧାରା ଆଧାରରେ ରାଜ୍ୟ ସରକାର ମଧ୍ୟ ଶିଶୁମାନଙ୍କୁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷାଦେବାକୁ ଶିକ୍ଷାନିୟମାବଳୀ ୨୦୧୦ ପ୍ରଚଳନ କରିଛନ୍ତି।

- ସାକ୍ଷରତା : ଓଡିଶାରେ ସାକ୍ଷରତା ହାର ୭୨.୮୭% ୨୦୧୧ ମସିହାରେ ଥିଲା, ଯାହାକି ସେହି ବର୍ଷର ଜାତୀୟ ହାର ୭୩% ସହ ପ୍ରାୟ ସମାନ। ତେବେ ୨୦୧୧ର ଜାତୀୟ ହାର ତୁଳନାରେ ରାଜ୍ୟର ପୁରୁଷ ସାକ୍ଷରତା ହାର ୮୧.୫୯% ସାମାନ୍ୟ ଅଧିକ ଓ ମହିଳା ସାକ୍ଷରତା ହାର ୬୪% ସାମାନ୍ୟ କମ୍ ଥିଲା। ଅନୁସୂଚିତ ଜାତି ଓ ଜନଜାତି ହାର ୨୦୧୧ରେ ଜାତୀୟ ହାର ତୁଳନାରେ ଯଥେଷ୍ଟ କମ୍ ଥିଲା। ଓଡିଶାରେ ଏହି ହାର ଥିଲା ଯଥାକ୍ରମେ ୬୯.୦୨ ଓ ୫୨.୨୪%।

- ପ୍ରାଥମିକ ଶିକ୍ଷା : ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷା, ରାଜ୍ୟରେ ବିସ୍ତାର ଲାଭ କରୁଛି। ରାଜ୍ୟର ପ୍ରତି ଏକ କିଲୋମିଟରରେ ପ୍ରାଥମିକ ବିଦ୍ୟାଳୟ ଓ ତିନି କିଲୋମିଟରରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବ୍ୟବସ୍ଥା କରିବା, ଯାହାକି ଲୋକସଂଖ୍ୟା ଦୃଷ୍ଟିରୁ ଯଥାକ୍ରମେ ତିନିଶହ ଓ ପାଞ୍ଚଶହ। ୧୯୪୭-୪୮ରେ ରାଜ୍ୟରେ ୬୮୧୪ଟି ପ୍ରାଥମିକ ବିଦ୍ୟାଳୟ ଥିଲା ଯେଉଁଥିରେ ୧୬,୫୨୦ ଶିକ୍ଷକ ଏବଂ ୨ଲକ୍ଷ ୫୫ ହଜାର ଛାତ୍ରଛାତ୍ରୀ ଥିଲେ। ୨୦୧୨-୧୩ ରେ ଏହି ସଂଖ୍ୟା ଆଶାତୀତ ଭାବେ ବୃଦ୍ଧିପାଇଥିବା ହିସାବରୁ ଜଣାଯାଏ। ଏହି ବର୍ଷ କାର୍ଯ୍ୟରତ ପ୍ରାଥମିକ ବିଦ୍ୟାଳୟର ସଂଖ୍ୟା ଥିଲା ୫୫,୩୨୯, ଯେଉଁଥିରେ ସରକାରୀ ଓ ସ୍ଥାନୀୟ ପ୍ରଶାସନର ୫୧,୬୫୫ ସରକାରୀ ଅନୁଦାନପ୍ରାପ୍ତ ୪୬୮ ଓ ଘରୋଇ ପ୍ରାଥମିକ ବିଦ୍ୟାଳୟ ୩୨୦୬ଟି ଥିଲା। ଶିକ୍ଷକଙ୍କ ସଂଖ୍ୟା ଥିଲା ୧ ଲକ୍ଷ ୩୫ ହଜାର ଏବଂ ଛାତ୍ରଛାତ୍ରୀ ଥିଲେ ୪୩ ଲକ୍ଷ ୪୧ ହଜାର। ହାରାହରି ପ୍ରତି ୨.୮ ସ୍କୋୟାର କିଲୋମିଟରରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଥିଲା। ୨୦୧୧-୧୨ ରେ ଶିକ୍ଷକ-ଛାତ୍ର ଅନୁପାତ ୧:୩୦ ଥରବାବେଳେ ଏହା ୨୦୧୨-୧୩ ରେ ସାମାନ୍ୟ ବୃଦ୍ଧି ପାଇ ୧:୨୮ ହୋଇଥିଲା। ଏହି ଅନୁପାତ ଜାତୀୟ ହାର ୧:୪୦ ତୁଳନାରେ ଆଶାଜନକ। ରାଜ୍ୟରେ ୪୬୩୨୭ ଶିକ୍ଷା ସହାୟକ ଓ ୨୨୨୧୭ ଗଣଶିକ୍ଷକ ଥିଲେ। ଯଦିଓ ସମସ୍ତ ଛାତ୍ରଛାତ୍ରୀ ଶିକ୍ଷା ସଂପୂର୍ଣ୍ଣ କରି ନ ଥିଲେ, ତେବେ ଅଧାରୁ ପାଠ ଛାଡିବା ହାର ଆଶାନୁରୂପ ଭାବେ ହ୍ରାସ ପାଇବାରେ ଲାଗିଛି।

୨୦୦୫-୦୬ରେ ପ୍ରାଥମିକ ବିଦ୍ୟାଳୟରେ ପାଠ ଛାଡୁଥିବା ହାର ୧୮.୪୯% ଥିବାବେଳେ ୨୦୧୨-୧୩ରେ ଏହା ୦.୩୭କୁ ଖସି ଆସିଛି। ସେହିପରି ଛାତ୍ରଙ୍କ ସଂଖ୍ୟା ୧୮.୧୨ରୁ ୦.୭୩କୁ ଏବଂ ଛାତ୍ରୀଙ୍କ ସଂଖ୍ୟା ୧୮.୮୬ରୁ ୦.୬୬କୁ ଖସି ଆସିଛି। ତେବେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଏହି ହାର ୨୦୧୨-୧୩ରେ ମଧ୍ୟ ଉଦବେଗଜନକ ଥିଲା, ଯାହାକି ଯଥାକ୍ରମେ ୨.୩୯% ଓ ୨.୯୭%।

- ଉଚ୍ଚ ପ୍ରାଥମିକ ଶିକ୍ଷା : ୧୯୪୭-୪୮ରେ କେବଳ ୨୮୬ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୧୪୮୩ ଶିକ୍ଷକ ଓ ୩୨ ହଜାର ଛାତ୍ରଛାତ୍ରୀଙ୍କୁ ନେଇଥିଲା। ସରକାରଙ୍କ ବ୍ୟାପକ ପଦକ୍ଷେପ ହେତୁ ଏହି ସଂଖ୍ୟା ୨୦୧୨-୧୩କୁ ବୃଦ୍ଧି ପାଇ ବିଦ୍ୟାଳୟ ସଂଖ୍ୟା ୨୪ହଜାର ୨୩୪, ଶିକ୍ଷକଙ୍କ ସଂଖ୍ୟା ୫୩.୮ ହଜାର ଓ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୦.୮୧ ଲକ୍ଷ ହୋଇଥିଲା। ତେବେ ପ୍ରାଥମିକ ବିଦ୍ୟାଳୟ ଭଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକର ମଧ୍ୟ ଅଧାରୁ ପାଠଛଡା ହାର ହ୍ରାସ ପାଇଛି। ୨୦୦୫-୦୬ରେ ଏହି ହାର ୨୮.୩୯% ଥିବା ବେଳେ ୨୦୧୨-୧୩ରେ ୨.୩୬କୁ ଖସିଆସିଛି। ରାଜ୍ୟରେ ପ୍ରାଥମିକ ଶିକ୍ଷା ସାମଗ୍ରୀକ ଭାବେ ଗତ ସାତବର୍ଷ ମଧ୍ୟରେ ୨୦୦୫-୦୬ ରୁ ୨୦୧୨-୧୩, ଆଶାନୁରୂପ ସଂଫଳତା ପାଇଛି। ବିଦ୍ୟାଳୟ / ଶ୍ରେଣୀ ସଂଖ୍ୟା ୬୧,୬୨୭ରୁ ୭୯,୫୬୩କୁ  ବୃଦ୍ଧି ପାଇଛି। ପଞ୍ଜୀକୃତ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୫୮.୩୮ ଲକ୍ଷରୁ (୧୧.୭୩ ଲକ୍ଷ ଅନୁସୂଚିତ ଜାତି, ୧୪.୨୯ ଜନଜାତି ଓ ୨୭.୮୮ ଲକ୍ଷ ବାଳିକା)ରୁ ବୃଦ୍ଧିପାଇ ୬୪.୨୨ଲକ୍ଷ (୧୨.୪୩ ଲକ୍ଷ ଅନୁସୂଚିତ ଜାତି, ୧୮.୮୦ ଲକ୍ଷ ଜନଜାତି ଓ ୩୧.୧୩ ଲକ୍ଷ ବାଳିକା)ରେ ପହଞ୍ଚିଛି। ଛାତ୍ରଶିକ୍ଷକ ଅନୁପାତ ଏହିବର୍ଷ ମଧ୍ୟରେ ୩୮:୬୮ ରୁ ୨୬:୯୫ କୁ ଖସି ଆସିଥିବା ବେଳେ ଅଧାରୁ ପାଠ ଛାଡିବା ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। ୨୦୦୫-୦୬ରେ ଅନୁସୂଚିତ ଜାତି, ଜନଜାତି ଓ ବାଳିକାଙ୍କ କ୍ଷେତ୍ରରେ ଏହି ହାର ୧୯.୪୬,୨୩.୩୨ ଓ ୧୮.୮୬ ଯଥାକ୍ରମେ ଥିବାବେଳେ ଏହା ୨୦୧୨-୧୩ କୁ ଯଥାକ୍ରମେ ୨.୩୯, ୨.୯୭ ଓ ୦.୨୦ରେ ପହଞ୍ଚିଥିଲା। ତେବେ ରାଜ୍ୟରେ କାର୍ଯ୍ୟରତ ୫୩,୧୯୩ଟି ପ୍ରାଥମିକ ବିଦ୍ୟାଳୟଗୁଡିକ ମଧ୍ୟରୁ ୧୨,୫୮୮ (ଶତକଡା ୨୩.୭) ରେ ସାଧାରଣ ଶୋଚାଳୟ ନ ଥିବା, ୧୨୫୧୬ (ଶତକଡା ୩୨.୯) ରେ ବାଳିକାମାନଙ୍କ ପାଇଁ ଶୌଚାଳୟ ନ ଥିବା ୨୩୪୬ (ଶତକଡା ୪.୪୧) ରେ ପାନୀୟ ଜଳବ୍ୟବସ୍ଥା ନ ଥିବା ଏବଂ ୪୪୦୭୬ (୮୨.୮୬%) ରେ ବିଦ୍ୟୁତ୍ ବ୍ୟବସ୍ଥା ନ ଥିବା ହିସାବରୁ ଜଣାଯାଏ, ଏହାଛଡା ୩୨୪ଟି ସରକାରୀ ପ୍ରାଥମିକ ବିଦ୍ୟାଳୟର ନିଜସ୍ୱ ଗୃହ ନ ଥିବା ଏବଂ ସରକାର ଏଥିପାଇଁ  ପଦକ୍ଷେପ ଗ୍ରହଣ କରି ଆନୁଷଙ୍ଗିକ ବିକାଶ ପ୍ରତି ଧ୍ୟାନ ଦେଉଥିବା ଜଣାପଡେ।

- ସର୍ବଶିକ୍ଷା ଅଭିଯାନ (SSA) : ସର୍ବଶିକ୍ଷା ଅଭିଯାନ ଏକ କେନ୍ଦ୍ରୀୟ ଯୋଜନା, ଯାହା ୨୦୦୧-୧୨ରେ ଆରମ୍ଭ ହୋଇଥିଲା, ଯାହାକି ପ୍ରାଥମିକ ଶିକ୍ଷା ହାସଲ ପାଇଁ ସାମ୍ବିଧାନିକ ଅଭିମୁଖ୍ୟ ପୂରଣ ଦିଗରେ କାର୍ଯ୍ୟ କରୁଛି। ପ୍ରତ୍ୟେକ ଶିଶୁ, ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ହାସଲ କରିବା ଏକ ସାମ୍ବିଧାନିକ ଅଧିକାର। ଏହାକୁ ଉପଲବ୍ଧ କରାଇବାରେ ସରକାର କେନ୍ଦ୍ର ଓ ରାଜ୍ୟ ଅନୁପାତ ୬୫:୩୫ ରେ ବ୍ୟବସ୍ତା କରାଇଥାନ୍ତି। ଏହି କାର୍ଯ୍ୟକ୍ରମ, ଆନୁଷଙ୍ଗିକ ବିକାଶ ଯଥା ବିଦ୍ୟାଳୟ ଓ ଶ୍ରେଣୀଗୃହନିର୍ମାଣ, ପାନୀୟଜଳ ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କୁ ସ୍କୁଲ ୟୁନିଫର୍ମ ଓ ପାଠ୍ୟପୁସ୍ତକ ଯୋଗାଇବା ଆଦି କରିଥାଏ। ବାଳିକାମାନଙ୍କୁ ପ୍ରାଥମିକ ସ୍ତରରେ ଶିକ୍ଷା

ଯୋଗାଇବାର ଜାତୀୟ କାର୍ଯ୍ୟକ୍ରମ NPEGEL ଓ କସ୍ତୁରିବା ଗାନ୍ଧୀ ବାଳିକା ବିଦ୍ୟାଳୟ KGBV ସର୍ବଶିକ୍ଷା ଅଭିଯାନର ଦୁଇଟି ଅଙ୍ଗ । NPEGEL ବାଳିକାଶିକ୍ଷା ଅଭିବୃଦ୍ଧି ପାଇଁ ଅତିରିକ୍ତ ସହାୟତା ପ୍ରଦାନ କରିଥାଏ । ଏହା ଶିକ୍ଷା ଦୃଷ୍ଟିରୁ ଅନଗ୍ରସର ବ୍ଲକ EBB ରେ କାର୍ଯ୍ୟକାରି କରାଯାଇଥାଏ, ଯେଉଁଠାରେ କି ଗ୍ରାମୀଣ ମହିଳା ସାକ୍ଷରତା ହାର ଜାତୀୟ ହାର ୪୬.୩ ଠାରୁ କମ୍ ଏବଂ ଲିଙ୍ଗଗତ ବୈଷମ୍ୟ ଜାତୀୟ ହାର ୨୬.୬୭ଠାରୁ ଅଧିକ । ଏହା ମଧ୍ୟ ଜିଲ୍ଲା ସ୍ତରରେ ଯେଉଁଠାରେ ଅନ୍ତତଃ ୫% ଅନୁସୂଚିତ ଜାତି / ଜନଜାତି ସଂଖ୍ୟା, ଯେଉଁଠାରେ ଅନୁସୂଚିତ ଜାତି / ଜନଜାତି ମହିଳା ସାକ୍ଷର ହାର ୧୦% ରୁ କମ୍, ସେଠାରେ ଲାଗୁ ହୋଇଥାଏ । କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଏକ ଆବାସିକ ବିଦ୍ୟାଳୟ କାର୍ଯ୍ୟକ୍ରମ, ଯାହା ପ୍ରାଥମିକ ଶିକ୍ଷା ପାଇଁ ଉଦ୍ଦିଷ୍ଟ । KGBV ରେ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ଅଧାରୁ ପାଠ ଛାଡୁଥିବା ଅନୁସୂଚିତ ଜାତି / ଜନଜାତି / ଅନ୍ୟାନ୍ୟ ପଛୁଆ ବର୍ଗ / ସଂଖ୍ୟାଲଘୁ / ଦାରିଦ୍ର୍ୟ ସୀମାରେଖା ତଳର ବାଳିକାମାନଙ୍କୁ ଶିକ୍ଷିତ କରାଇବା ଯୋଜନା ଧାର୍ଯ୍ୟ ହୋଇଛି । ସର୍ବଶିକ୍ଷା ଅଭିଯାନରେ ନିଆଯାଇଥିବା ବ୍ୟବସ୍ଥାଗୁଡିକ ମଧ୍ୟରେ ନିମ୍ନୋକ୍ତ ଉଲ୍ଲେଖଯୋଗ୍ୟ –

ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଏବଂ ଉଚ୍ଚପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଉଚ୍ଚବିଦ୍ୟାଳୟରେ ଉନ୍ନୀତ କରିବା ।

କ) ବିଦ୍ୟାଳୟ ବ୍ୟତୀତ ପିଲାମାନଙ୍କୁ ଗୃହ ଆଧାରିତ ଶିକ୍ଷା (HBE) ମାଧ୍ୟମରେ ସମ୍ବୋଧନ କରିବା ।

ଖ) ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ତାଲିମ ଦେବା ।

ଗ) ପ୍ରବାସୀ ପରିବାରବର୍ଗଙ୍କ ପିଲାମାନଙ୍କୁ ସ୍କୁଲ ଯୋଗାଇ ଦେବା ।

ଘ) ବିଭିନ୍ନ ବିଷୟରେ ଜ୍ଞାନର ବିକାଶ ପାଇଁ ଶିକ୍ଷକମାନଙ୍କୁ ତାଲିମ ଦେବା ।

ଙ) ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକର ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇଦେବା ।

ଚ) କମ୍ପ୍ୟୁଟର ସହଯୋଗ ଶିକ୍ଷା (CAL) କାର୍ଯ୍ୟକ୍ରମ କାର୍ଯ୍ୟକାରି କରିବା ।

ଛ) ସମସ୍ତ ବାଳିକା ବିଦ୍ୟାର୍ଥୀଙ୍କୁ ସ୍କୁଲ ୟୁନିଫର୍ମ ଯୋଗାଇଦେବା ।

ଜ) ପ୍ରାକ ଶୈଶବଯତ୍ନ ଓ ଶିକ୍ଷା (ECCE) କେନ୍ଦ୍ର କାର୍ଯ୍ୟକାରି କରିବା ।

ଝ) ମାତୃଭାଷା ଭିତ୍ତିକ ଶିକ୍ଷା, କାର୍ଯ୍ୟକ୍ଷମ କରିବା ।

ଞ) ଗୋଷ୍ଠୀଭିତ୍ତିକ ଶିଶୁ କେନ୍ଦ୍ର ସ୍ଥାପନ କରିବା ।

ଟ) ଶିଶୁମାନଙ୍କୁ ସ୍ୱତନ୍ତ୍ର ଯତ୍ନ (CWSN) ପଞ୍ଜୀକରଣ ହୋଇ ସହୟତା ଓ ବ୍ୟବସ୍ଥା ପ୍ରଦାନ କରିବା ।

ଠ) ପ୍ରାଥମିକ ବିଦ୍ୟାଳୟ ଗୃହ ନିର୍ମାଣ କରିବା ।

ଡ) ଅତିରିକ୍ତ ଶ୍ରେଣୀଗୃହ ସର୍ବଶିକ୍ଷା ଅଭିଯାନରେ ନିର୍ମାଣ ହୋଇଛି ।

- **ମାଧ୍ୟମିକ ଶିକ୍ଷା** : ରାଜ୍ୟରେ କେବଳ ୧୦୬ଟି ହାଇସ୍କୁଲ ଥିଲା, ଏଥିରେ ୧୫ ହଜାର ଛାତ୍ରଛାତ୍ରୀ ଥିଲେ। ୨୦୧୨-୧୩ ଶେଷ ସୁଦ୍ଧା ଏହା ବୃଦ୍ଧି ପାଇ ୯୩୫୦ ହାଇସ୍କୁଲ ଯେଉଁଥିରେ ୭୬୧୨ ସରକାରୀ ଓ ଅନୁଦାନପ୍ରାପ୍ତ, ୧୬୬୦ ଘରୋଇ ଓ ଅଣ ସ୍ୱୀକୃତ ହାଇସ୍କୁଲ ଓ ଅବଶିଷ୍ଟ ୭୮ଟି ସ୍କୁଲ ଭାରତସରକାରଙ୍କ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ପରିଚାଳିତ। ଏସବୁରେ ୬୫,୦୬୩ ଶିକ୍ଷକ ଓ ୧୨ ଲକ୍ଷ ପଞ୍ଜୀକରଣ, ଯେଉଁଥିରେ ୫.୯୭ ଲକ୍ଷ ବାଳିକା ଅନ୍ତର୍ଭୁକ୍ତ। ସମୁଦାୟ ୯୩୫୦ ହାଇସ୍କୁଲ ମଧ୍ୟରୁ ୮୫୬ଟି ବାଳକା ଉଚ୍ଚ ବିଦ୍ୟାଳୟ।

ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ RKSA ଏକ ଜାତୀୟ ଅନୁଦାନପ୍ରାପ୍ତ କାର୍ଯ୍ୟକ୍ରମ, ଯାହାକି ୨୦୦୯-୧୨ ରେ ଆରମ୍ଭ ହୋଇଥିଲା। ମାଧ୍ୟମିକ ଶିକ୍ଷାର ପ୍ରସାର ସହ ଏହାର ଉନ୍ନତିକରଣ ଲକ୍ଷ୍ୟ ନେଇ। ଏହାର ମଧ୍ୟଯୟ ଲକ୍ଷ୍ୟ ରଖୀଥିଲା ୧୪ ରୁ ୧୮ ବର୍ଷ ବୟସର ସମସ୍ତ ପିଲାଙ୍କ ପାଖରେ ଭେଦଭାବ ନିର୍ବିଶେଷରେ ମାଧ୍ୟୟମିକ ଶିକ୍ଷା ଉପଲବ୍ଧ କରାଇବା। ଏହା ଅନ୍ତର୍ଗତ ଆଉ ଏକ ଯୋଜନା IEDSS ୨୦୧୨-୧୩ ରେ ୨୫ଟି ଜିଲ୍ଲାର ୯୧ଟି ବ୍ଲକରେ ୩୮ଟି NGO ମାଧ୍ୟମରେ ଲାଗୁ କରାଯାଇଥିଲା। ଏହାର ଆଭିମୁଖ୍ୟ ଥିଲା, ଭିନ୍ନକ୍ଷମ ପିଲାମାନଙ୍କୁ ମାଧ୍ୟୟମିକ ଶିକ୍ଷା ପୂରଣ ପାଇଁ ସୁଯୋଗ ଦେବା। ହାଇସ୍କୁଲରେ ଅଧାରୁ ପାଠ ଛଡା ହାର ହ୍ରାସ ପାଉଛି। ୨୦୦୫-୦୬ରେ ସାମଗ୍ରିକ ଭାବେ ଏହି ହାର ୬୨% ଥିବାବେଳେ ୨୦୧୨-୧୩ରେ ୧୮.୭୨% କୁ ଖସି ଆସିଛି। ଅଧାରୁ ପାଠଛଡା ହାର ଅନୁସୂଚିତ ଜାତି ଓ ଜନଜାତି କ୍ଷେତ୍ରରେ ଏବେ ମଧ୍ୟଯ ଅଧିକ ଅଛି। ଏହା ଯଥାକ୍ରମେ ୨୧.୨୩% ଏବଂ ୨୩.୪୦%। ମାଧ୍ୟମିକ ଶିକ୍ଷାର ଉନ୍ନତି ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପଗୁଡିକ ମଧ୍ୟରେ ରହିଛି -

କ) ଘରୋଇ ହାଇସ୍କୁଲଗୁଡିକ ବ୍ଲକଗ୍ରାଣ୍ଟ ପାଇବାକୁ ଅନୁମୋଦନ।

ଖ) ଚୁକ୍ତି ଭିତିରେ ଉଚ୍ଚଶିକ୍ଷିତମାନଙ୍କୁ ନିଯୁକ୍ତି କରିବା।

ଗ) ଛ'ବର୍ଷ ସଫଳତାର ସହ ଚୁକ୍ତିଭିତିରେ ଶିକ୍ଷକତା କରିଥିବା ଶିକ୍ଷକମାନଙ୍କୁ ନିୟମିତ କରିବା।

ଘ) R.A. ଯୋଜନା ଅଧିନରେ ନିଯୁକ୍ତି ପାଇ ସରକାରଙ୍କ ଅନୁମୋଦନ।

ଙ) ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ DEO ଖୋଲାଯିବା।

ଚ) ଅନୁସୂଚିତ ଜାତି / ଜନଜାତି / ବିପିଏଲ୍ ଶେଯରଣିର ବାଳିକାମାନଙ୍କୁ ମାଗଣାରେ ସାଇକେଲ ପ୍ରଦାନ କରିବା।

- ମାଧ୍ୟମିକ ଶିକ୍ଷା ପରିଷଦ : ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ବିଭିନ୍ନ ପ୍ରକାରର ପରୀକ୍ଷା ପରିଚାଳନା କରେ। ଏସବୁ ମଧ୍ୟୟରେ ହାଇସ୍କୁଲ ପରୀକ୍ଷା, ଶିକ୍ଷକ ପରୀକ୍ଷା, ହିନ୍ଦୀ ଶିକ୍ଷକ ପରୀକ୍ଷା, ଏବଂ ଶାରୀରିକ ଶିକ୍ଷା ପରୀକ୍ଷା ଅନ୍ତର୍ଭୁକ୍ତ। ଏହା ମଧ୍ୟ ପତ୍ର ମାଧ୍ୟମରେ ଶିକ୍ଷାଦାନ କରୁଥିବା ଅନୁଷ୍ଠାନଗୁଡିକୁ ସ୍ୱୀକୃତି ପ୍ରଦାନ କରେ।

- ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ : ରାଜ୍ୟରେ ୧୧୭ଟି ସାଧାରଣ ମହାବିଦ୍ୟାଳୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପାଇଁ ଉଦ୍ଦିଷ୍ଟ, ଯେଉଁଥିରେ କି ୫୦ଟି ମହାବିଦ୍ୟାଳୟ ସରକାରୀ। ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ରାଜ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଚାଳନା କରେ।

- ଧନ୍ଦାମୂଳକ ଶିକ୍ଷା : ଯୁକ୍ତ ଦୁଇ ସ୍ତରରେ ଧନ୍ଦାମୂଳକ ଶିକ୍ଷା ଯୋଗାଇଦେବାକୁ ରାଜ୍ୟର ୨୩୧ଟି ସରକାରୀ ଧନ୍ଦାମୂଳକ ଜୁନିୟର କଲେଜ GVJC ରେବ୍ୟବସ୍ଥା ଅଛି। ୨୦ଟି ବିଭିନ୍ନ ଧନ୍ଦାମୂଳକ ଶିକ୍ଷାଦାନ ବ୍ୟବସ୍ଥା ଥିବା ୨୩୧ କଲେଜ ମଧଯୟରୁ ୬୦ଟି ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଅବସ୍ଥିତ। ଛାତ୍ରଛାତ୍ରୀମାନଙ୍କୁ କୁଶଳୀ କରିବା ସହ ଆତ୍ମନିଯୁକ୍ତି ଯୋଗାଇଦେବାରେ ଏସବୁ ବିଷୟ ସହାୟକ। ବିଷୟ ବିଶାରଦମାନଙ୍କୁ ଜ୍ଞାନର ବିକାଶ ଉଦ୍ଦେଶ୍ୟରେ ତାଲିମ ଦିଆଯିବା ସହ ସମସ୍ତ ୨୩୧ GVJC ର ସାମର୍ଥ୍ୟ ବୃଦ୍ଧି ନେଇ ପଦକ୍ଷେପ ଗ୍ରହଣ କରାଯାଇଛି। କେନ୍ଦ୍ର ସରକାର ଏଥିପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

- ଉଚ୍ଚଶିକ୍ଷା : ଓଡିଶାରେ ଉଚ୍ଚଶିକ୍ଷା, ଡିଗ୍ରୀ ଓ ପୋଷ୍ଟଗ୍ରାଜୁଏଟ ସ୍ତରୀୟ ଶିକ୍ଷା, ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ଯୁକ୍ତ ଦୁଇ ଧନ୍ଦାମୂଳକ ଶିକ୍ଷାର ସମାହାର। ୧୯୪୭ ମସିହାରେ ଓଡିଶାରେ ୪୧୦୪ ଛାତ୍ରଛାତ୍ରୀଙ୍କୁ ନେଇ ୧୨ଟି କଲେଜ ଥିଲାବେଳେ ୨୦୧୩ରେ ୯୭ଟି ସରକାରୀ ମହାବିଦ୍ୟାଳୟ, ୫୮୩ଟି ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ, ୨୦୦ଟି ବ୍ଳକଗ୍ରାଣ୍ଡ ମହାବିଦ୍ୟାଳୟ, ୧୦୦୧ଟି ଅଣସରକାରୀ (ଅଣ ଅନୁଦାନପ୍ରାପ୍ତ) ମହାବିଦ୍ୟାଳୟ, ୨୮୭ଟି ସେଲଫ ପାଇନାନ୍ସିଙ୍ଗ ଓ ୧୪ଟି ଅନ୍ୟାନ୍ୟ ମହାବିଦ୍ୟାଳୟ ରାଜ୍ୟରେ ଅଛୀ। ସ୍ୱାଧୀନତା ପ୍ରାପ୍ତି ବେଳକୁ ରାଜ୍ୟରେ କେବଳ ଗୋଟିଏ ମାତ୍ର ବିଶ୍ୱବିଦ୍ୟାଳୟ ଥିବାବେଳେ ଏବେ ଏହା ୧୨କୁ ବୃଦ୍ଧିପାଇ ୪ଟି ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାନ ଯଥା - କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ଜାତୀୟ ଆଇନ ବିଶ୍ୱବଦ୍ୟାଳୟ, କଟକ, ନାଇଜେର NISER ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଏଥିରେ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟପାଳଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି। ରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ଜାଭିୟର ମ୍ୟାନେଜମେଣ୍ଟ ବିଶ୍ୱବିଦ୍ୟାଳୟ ଆରମ୍ଭ ହୋଇଛି। ଏସବୁ ଛଡା ୨୫ଟି ପ୍ରସ୍ତାବ, ବିଶ୍ୱିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ବିଚାରାଧିନ ଅଛି।

- ଜାତୀୟ ମୂଲ୍ୟାୟନ ଓ ସ୍ୱୀକୃତି ପରିଷଦ NAAC ର ସ୍ୱୀକୃତି ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ପାଇଁ ବାଧ୍ୟତାମୂଳକ। ରାଜ୍ୟରେ ୧୯ଟି ସରକାରୀ ଓ ୧୩ଟି ବେସରକାରୀ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ମିଳିଛଓ। ବିଶ୍ୱବିଦ୍ୟାଳୟ ଅଣୁଦାନ ଆୟୋଗ UGC କଟକର ରେଭେନ୍ସା ମହାବିଦ୍ୟାଳୟ, ଭବାନୀପାଟଣା ସରକାରୀ ମହାବିଦ୍ୟାଳୟ ଓ ସମ୍ବଲପୁରର ଗଙ୍ଗାଧର ମେହେର ମହାବିଦ୍ୟାଳୟକୁ ଚିହ୍ନଟ କରି ଉତ୍କର୍ଷ ସାମର୍ଥ୍ୟକେନ୍ଦ୍ର CPE ଭାବେ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଇତିମଧ୍ୟରେ ରେଭେନ୍ସା ମହାବିଦ୍ୟାଳୟ, ଆବସିକ ବିଶ୍ୱବିଦ୍ୟାଳୟରେ ପରିବର୍ତ୍ତିତ ହୋଇଛି।

- ବୈଷୟିକ ଶିକ୍ଷା : ରାଜ୍ୟର ଶିଳ୍ପନୀତି, ବୈଷୟିକ ଶିକ୍ଷାର ବିକାଶ ଓ ମଣିଷର ବୈଷୟିକ ସାମର୍ଥ୍ୟ ବୃଦ୍ଧି ପାଇଁ ବ୍ୟାପକ ପଦକ୍ଷେପ ନେଉଛି। ବୈଷୟିକ ଶିକ୍ଷା, ଇଂଜିନିୟରିଂ କଲେଜ, ଇଂଜିନିୟରିଂ ସ୍କୁଲ, ପଲିଟେକନିକ, ଶିଳ୍ପ ତାଲିମ ଅନୁଷ୍ଠାନ ITTS, ଶିଳ୍ପ ତାଲିମ କେନ୍ଦ୍ର ITCS, ଧନ୍ଦାମୂଳକ ଶିକ୍ଷା ପ୍ରତିଷ୍ଠାନ ଓ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଉପଲବ୍ଧ ହୋଇଥିଏ। ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ DTET, ନୋଡାଲ ସଂସ୍ଥା ଭାବେ ରାଜ୍ୟରେ ବୈଷୟିକ ଶିକ୍ଷା ପାଇଁ ଯୋଜନା ଓ ଯୋଜନାର କାର୍ଯ୍ୟକାରିତା କରିଥାଏ। ଅଧୁନା ରାଜ୍ୟ ସରକାରଙ୍କ ଅଧିନରେ ଦୁଇଟି ବୈଷୟିକ ବିଶ୍ୱବିଦ୍ୟାଳୟ କାର୍ଯ୍ୟରତ

୧) ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱିଦ୍ୟାଳୟ, ବୁର୍ଲା। ଏଠାରେ ୭ଟି ବିଷୟରେ ବି.ଟେକ୍ ଶିକ୍ଷାଦାନ ହୁଏ ଓ ୫ଟି ଏମ୍.ଟେକ୍. ଓ ଏମସିଏ ଶିକ୍ଷାଦାନ ହୁଏ।

୨) ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱିଦ୍ୟାଳୟ (ବିପିୟୁଟି), ରାଉରକେଲା। ଏହା ଅଧିନରେ ୭ଟି ସରକାରୀ କଲେଜ ଓ ଗୋଟିଏ ସରକାରୀ ଅନୁଦାନପ୍ରାପ୍ତ ସ୍ୱୟଂ ଶାସିତ କଲେଜ ସ୍ୱୀକୃତିପ୍ରାପ୍ତ। ୨୦୧୨-୧୩ରେ ସମୁଦାୟ ୧୪୯ଟି ମହାବିଦ୍ୟାଳୟ (ଉଭୟ ସରକାରୀ ଓ ଘରୋଇ) ୨୩ଟି ବିଷୟରେ ସମୁଦାୟ ୯୩ ହଜାର ଛାତ୍ରଛାତ୍ରୀଙ୍କୁ ବୈଷୟିକ ଶିକ୍ଷାପ୍ରଦାନ କରୁଛି। ୧୩ଟି ସରକାରୀ ଓ ୭୯ଟି ଘରୋଇ ଇଂଜିନିୟରିଂ ବିଷୟରେ ଡିପ୍ଲୋମା ପ୍ରଦାନ କରାଯାଇଛି।

- ସରକାରୀ ନୀତି ଓ କାର୍ଯ୍ୟକ୍ରମ : ସେପ୍ଟେମ୍ବର ୨୦୦୯ରେ କେନ୍ଦ୍ର ସରକାର ଆରମ୍ଭ କରିଥିବା 'ସାକ୍ଷର ଭାରତ' ଏକ କେନ୍ଦ୍ର ଅଣୁଦାନ ପ୍ରାପ୍ତ ଯୋଜନା, ଯାହାକି ଜାତୀୟ ସାକ୍ଷରତା ଅଣିଯାନ NLM ର ଏକ ଅଙ୍ଗ। ଏହା ୧୫ ବର୍ଷ ଓ ତଦୁର୍ଦ୍ଧ୍ୱ ନିରକ୍ଷରମାନଙ୍କୁ ସାକ୍ଷର କରିବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଛି। ୨୦୦୯-୧୦ରେ ଓଡିଶାର ୧୯ଟି ଜିଲ୍ଲାରେ କମ୍ ମହିଳା ସାକ୍ଷରତା ହାର ଚହ୍ନଟ କରାଯାଇ ଏହି ଯୋଜନା ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ୩ଟି ଜିଲ୍ଲାର ୪୪ଟି ବ୍ଲକରେ ଥିବା ୮୨୦ ଗ୍ରାମପଞ୍ଚାୟତରେ ଚାଲୁ ହୋଇଛି, କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ (ଅଧୁନା ଶିକ୍ଷା ମନ୍ତ୍ରଣାଳୟ) ଏହାର ପରିବର୍ତ୍ତନ କରିଛି।

- ମଧ୍ୟାହ୍ନ ଭୋଜନ ଯୋଜନା (MDM) : ବିଦ୍ୟାଳୟଗୁଡିକରେ ଉପସ୍ଥାନ ବୃଦ୍ଧି ଓ ଅଧାରୁ ପାଠଛଡା ସଂଖ୍ୟା ହ୍ରାସ ଲକ୍ଷ୍ୟରେ ୧୯୯୫ରେ ରାଜ୍ୟ ସରକାର ମଧ୍ୟାହ୍ନଭୋଜନ ଯୋଜନା MDM ଆରମ୍ଭ କରିଥିଲେ। ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ସରକାରୀ / ସରକାରୀ ସହାୟତାପ୍ରାପ୍ତ ବିଦ୍ୟାଳୟଗୁଡିକର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ସମୟରେ ରନ୍ଧାଖାଦ୍ୟ ୨୦୦୪ ମସିହା ସେପ୍ଟେମ୍ବର ୧ ତାରିଖରୁ ଯୋଗାଇ ଦିଆଯାଉଛି। ଏହାଛଡା ପ୍ରାଥମିକରୁ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ଏହା ୨୦୦୭ ଅକ୍ଟୋବର ୧ ତାରିଖରୁ ପ୍ରସାରିତ ହୋଇଛି।

- ରାଜ୍ୟ ବୈଷୟିକ ପ୍ରତିଷ୍ଠାନ SIET : ଏହି ପ୍ରତିଷ୍ଠାନର ମୁଖ୍ୟକାମ ବିଦ୍ୟାଳୟଗୁଡିକ ପାଇଁ ସମୟାନୁସାରେ ପାଠ୍ୟ ଖସଡା ପ୍ରସ୍ତୁତ କରିବା। ଅଡିଓ/ ଭିଡିଓ କାର୍ଯ୍ୟକ୍ରମ ଜରିଆରେ ଶିକ୍ଷାଦାନ ବିକାଶ କରିବା। ଏହା ମଧ୍ୟ ପାଠ୍ୟସାମଗ୍ରୀ ଉତ୍ପାଦନ, କ୍ରୟ ଓ ଯୋଗାଣ ଆଦି କରିଥାଏ। ଶୈକ୍ଷିକ କାର୍ଯ୍ୟକ୍ରମଗୁଡିକ ଗଣିତ, ବିଜ୍ଞାନ, ସାମାଜିକ ଅଧ୍ୟୟନ, ସ୍ୱସ୍ଥ୍ୟ ଓ ପରିମଳ ସମ୍ବନ୍ଧୀୟ ଏହି ପ୍ରତିଷ୍ଠାନ ଦ୍ୱାରା ବିକଶିତ ହୋଇଥାଏ।

- ଶିକ୍ଷାର ମାନ ବୃଦ୍ଧି : ରାଜ୍ୟ ସରକାର, ରାଜ୍ୟର ପ୍ରତ୍ୟେକ ସ୍ତରରେ ଶିକ୍ଷାର ପରିମାଣ ଓ ମାନ ବୃଦ୍ଧି ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ରାଜ୍ୟ ସରକାର ପ୍ରତିଷ୍ଠାନଗୁଡିକୁ ଅନୁଦାନ, ଶିକ୍ଷକମାନଙ୍କୁ ଆର୍ଥିକ ସହାୟତା ଓ କୃତି ଚାତ୍ରଛାତ୍ରୀମାନଙ୍କୁ ବୃତ୍ତି ପ୍ରଦାନ କରି ଶିକ୍ଷାର ମାନବୃଦ୍ଧି ପାଇଁ ପ୍ରଚେଷ୍ଟା ଅବ୍ୟାହତ ରଖିଛନ୍ତି ।

- ବୃତ୍ତି : ଉଚ୍ଚ ଶିକ୍ଷା ପାଇଁ କୃତି ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର ବୃତ୍ତି ପ୍ରଦାନ କରାଯାଉଛି । ଏହି ପ୍ରକ୍ରିୟାକୁ ସହଜ କରିବା ପାଇଁ ଏହାର ଆବେଦନ / ବିଭାଗ / ନବୀକରଣ ଓ ପ୍ରଦାନ ଆଦି ସମସ୍ତ ବ୍ୟବସ୍ଥା ଅନଲାଇନ ହୋଇଛି, +୨,+୩ ଓ ପିଜି ପିଲାମାନଙ୍କ ପାଇଁ ବୃତ୍ତିର ପରିମାଣ ବାର୍ଷିକ ୩ ହଜାର, ୫ ହଜାର ଓ ୧୦ ହଜାରକୁ ବୃଦ୍ଧି କରାଯାଇଥିବାବେଳେ ବୃତ୍ତିର ସଂଖ୍ୟା ଯଥାକ୍ରମେ ୧୦ ହଜାର, ୩ ହଜାର ଓ ଦେଢ ହଜାରକୁ ବୃଦ୍ଧି କରାଯାଇଛି । ଏଥିପାଇଁ ଅଭିଭାବକମାନଙ୍କର ଆୟସୀମା ମଧ୍ୟ ବାର୍ଷିକ ୪.୫ଲକ୍ଷରୁ ୬ଲକ୍ଷକୁ ବୃଦ୍ଧି କରାଯାଇଛି । ବୃତ୍ତି ପାଇଁ ଆବେଦନ କରୁଥିବା ଛାତ୍ରଛାତ୍ରୀମାନଙ୍କର ସର୍ବନିମ୍ନ ଯୋଗ୍ୟତା ୭୦% ରୁ ୬୦% କୁ ହ୍ରାସ କରାଯାଇଛି । ଏହା ଆଶା କରାଯାଉଛି ଯେ, ଏହା ଦ୍ୱାରା ଅଧିକରୁ ଅଧିକ ୨୪ ହଜାର ୫ ଶହ ବିଦ୍ୟାର୍ଥୀ ଉପକୃତ ହୋଇପାରିବେ । ଏହାଛଡା ଦଶହଜାର ମେଧାବୀ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ଦଶହଜାର ଟଙ୍କା ଲେଖାଏଁ ବୈଷୟିକ / ପେଶାଦାର ଶିକ୍ଷା କ୍ଷେତ୍ରରେ ପ୍ରଦାନ କରାଯାଉଛି ।

- ଶିକ୍ଷକ ଶିକ୍ଷା ଓ ତାଲିମ : ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଅଧୀନରେ ରାଜ୍ୟରେ ୭୮ (ପ୍ରାଥମିକ ୬୩ ଓ ମାଧ୍ୟମିକ ୧୫) ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ TEI କାର୍ଯ୍ୟ କରୁଛି । ୨୦୧୨-୧୩ ଶେଷ ସୁଦ୍ଧା ଏହି ୭୮ଟି ପ୍ରଶିକ୍ଷଣ ପ୍ରତିଷ୍ଠାନ ୪୭୮ ଶିକ୍ଷକ ଓ DTET ର କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା । ସମସ୍ତ ପ୍ରଶୀକ୍ଷଣ କେନ୍ଦ୍ର ସରକାରୀ ଏସବୁ କେନ୍ଦ୍ରରେ ପ୍ରଶୀକ୍ଷାର୍ଥୀ ଗ୍ରହଣ କରିବାର ସୀମା ୩୧୫୦ ଓ ମାଧ୍ୟମିକ ଶିକ୍ଷକ ପ୍ରଶିକ୍ଷାର୍ଥୀ ଗ୍ରହଣ କରିବାର ସୀମା ୧୩୭୩। ୧୧୪୦ ବି.ଏଡ୍, ୧୦୦ ବି.ଏଡ୍, ୯୭ ଏମ୍ .ଏଡ୍ ଓ ୩୬ ଏମ. ଫିଲ୍। ୨୦୧୨-୧୩ ରେ ଦୂର ନିରନ୍ତର ଶିକ୍ଷା ଆରମ୍ଭ ହୋଇଥିଲାଏବଂ ୧୩ ହଜାର ୮୮୮ ପ୍ରଶୀକ୍ଷାର୍ଥୀ ଏଥିରେ ନାମ ଲେଖାଇଥିଲେ । ଏଥିରେ ପ୍ରଶିକ୍ଷାର୍ଥୀ ସୀମା ଥିଲା ୧୮ ଜହାର ।

- ଜାତୀୟ ସେବା ସଂସ୍ଥା NSS : ଏହା କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଏକ ଯୋଜନା, ଯାହାକି ଗ୍ରାମୀଣ ଯୁବକଯୁବତୀମାନଙ୍କୁ ଉତ୍ପାଦନ ଭିତ୍ତିକ କାର୍ଯ୍ୟକଳାପରେ ନିୟୋଜିତ ଓ ଉତ୍ସାହିତ କରିଥାଏ । ଅଧୁନା ଏହି ଯୋଜନା ବିଶ୍ୱବିଦ୍ୟାଳୟ, ଡିମଡ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ କାର୍ଯ୍ୟକରୁଛି । ଏହାର ପାଣ୍ଠି ଅନୁପାତ ହାର ୭୫:୨୫, ସ୍ୱେଚ୍ଛାସେବୀମାନେ ରକ୍ତଦାନ, ବୃକ୍ଷରୋପଣ ଏବଂ ଏପସ୍ ସଚେତନତା ଆଦି ବ୍ୟାପକ ସମାଜସେବା ମୂଳକ କାର୍ଯ୍ୟ କରନ୍ତି । କେନ୍ଦ୍ର ସରକାର ଏନଏସଏସ ସ୍ୱେଚ୍ଛାସେବୀମାନଙ୍କର ଖର୍ଚ୍ଚ ପରିମାଣକୁ ବି ଇତି ମଧ୍ୟରେ ବୃଦ୍ଧି କରିଛନ୍ତି ।

## ୧.୮.୨ ସ୍ୱାସ୍ଥ୍ୟସେବା

ରାଜ୍ୟ ସରକାରଙ୍କ ଏକ ଅଗ୍ରାଧିକାର କ୍ଷେତ୍ର ହେଉଛି, ସ୍ୱାସ୍ଥ୍ୟ ସେବା। ରାଜ୍ୟରେ ସ୍ୱସ୍ଥ୍ୟସେବା ଯୋଗାଇଦେବାରେ ସରକାର ମୁଖ୍ୟ ହୋଇଥିବାରୁ ଏହି କ୍ଷେତ୍ରରେ ସରକାରଙ୍କ ପାଣ୍ଠିର ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ୨୦୧୨ଯାଏ ଓଡିଶାରେ ଶିଶୁ ଜନ୍ମହାର CBR ଥରଲା ୧୯.୯, ଯାହାକୁ ଜାତୀୟ ସ୍ତରରେ ଥିଲା ୨୧.୬। ଏହା ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଯଥାକ୍ରମେ ୧୪.୬ ଓ ୨୦.୮ ଥିବାବେଳେ ଜାତୀୟ ସ୍ତରରେ ଥିଲା ୧୭.୪ ଓ ୨୩.୧। ତେବେ ଶିଶୁମୃତ୍ୟୁହାର CDR ରାଜ୍ୟରେ ୧୯୮୧ରେ ୧୩.୧ ଥିବାବେଳେ ୨୦୧୨ରେ ୮.୫କୁ ଖସି ଆସିଛି। ଜାତୀୟ ସ୍ତରରେ ଏହି ହାର ୨୦୧୨ରେ ଥିଲା ୭.୦। ରାଜ୍ୟରେ IMR ୫୩ ଥିବାବେଳେ ଜାତୀୟ ସ୍ତରରେ ଏହା ୪୨ ରହିଛି। ୨୦୧୨ରେ OPD ରୋଗୀମାନଙ୍କ ସଂଖ୍ୟା ୮୦% ରୁ ଅଧିକ ହାରରେ ବୃଦ୍ଧି ହୋଇଛି। ରାଜ୍ୟରେ ୫ଟି ମୁଖ୍ୟ ବ୍ୟାଧି ଯାହା ପଞ୍ଚବ୍ୟାଧି ଭାବରେ ପରିଚିତ, ତାହା ହେଲା - ମ୍ୟାଲେରିଆ, କୁଷ୍ଠ, କୁଣ୍ଡିଆ, ଯକ୍ଷ୍ମା ଓ ଡାଇରିଆ ଯାହାକି ୭୦ ଭାଗରୁ ଅଧିକ ରୋଗୀ ଭାର ବହନ କରିଥାଏ। ରାଜ୍ୟରେ ଆୟୁ ସମ୍ଭାବନା ହାର ଇତି ମଧ୍ୟରେ ବୃଦ୍ଧିପାଇଛି। ୧୯୯୯ରୁ ୨୦୦୩ ମଧ୍ୟରେ ଏହି ହାର ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ଯଥାକ୍ରମେ ୫୮.୬ ବର୍ଷ ଓ ୫୮.୭ ଭର୍ଷ ଥିବାବେଳେ ୨୦୦୨ରୁ ୦୬ ମଧ୍ୟରେ ଏହା ଯଥାକ୍ରମେ ୫୯.୫ ୫୯.୬ରେ ପହଞ୍ଚିଥିଲା। ଜନସଂଖ୍ୟା ସମ୍ଭାବନା ଉପରେ ବୈଷୟିକ ଦଳର ରିପୋର୍ଟ ଅନୁସାରେ ଓଡିଶାରେ ଜନ୍ମହାରରେ ଆୟୁ ସମ୍ଭାବନା ଉପରେ ବୈଷୟିକ ଦଳର ରିପୋର୍ଟ ଅନୁସାରେ ଓଡିଶାରେ ଜନ୍ମହାରରେ ଆୟୁ ସମ୍ଭାବନା ବୃଦ୍ଧି ପାଇପାରେ। ୨୦୧୬ରୁ ୨୦ ମଧ୍ୟରେ ଏହା ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ଯଥାକ୍ରମେ ୬୬.୩ ବର୍ଷ ଓ ୬୯.୬ ବର୍ଷ ହେବାର ସମ୍ଭାବନା ଥିବାବେଳେ ଜାତୀୟସ୍ତରରେ ଏହି ହାର ଯଥାକ୍ରମେ ୬୮.୮ ଓ ୭୧.୧ ବର୍ଷ ହୋଇପାରେ। ଓଡିଶାରେ ପ୍ରସୂତି ମୃତ୍ୟୁ ହାର MMR ମଧ୍ୟଯୟ କମିବାରେ ଲାଗୁଛି। ୧୯୯୭-୯୮ ରେ ଏହା ୩୪୬ ଥିବାବେଳେ ୨୦୦୭ରୁ୦୯ ମଧ୍ୟଯରେ ୨୫୮କୁ ଖସି ଆସିଛି। ଯାହାକି ସର୍ବଭାରତୀୟ ସ୍ତରରେ ୧୯୯୭-୯୮ରେ ୩୩୮ ଥିବାବେଳେ ୨୦୦୭-୦୯ରେ ୨୧୨ ଥିଲା। ଏହି ହାର ୨୦୧୧-୧୨ ରେ ଆହୁରି ହ୍ରାସ ପାଇ ଓଡିଶାରେ ୨୩୭ ଓ ସର୍ବଭାରତୀୟ ସ୍ତରରେ ୧୭୮ କୁ ହ୍ରାସ ପାଇଥିଲା। ସୁସ୍ଥ ମାତୃତ୍ୱ ଓ ନିରାପଦ ଶିଶୁ ଜନ୍ମ ପାଇଁ ପ୍ରସୂତିପୂର୍ବ ଓ ପ୍ରସୂତି ପରବର୍ତ୍ତୀ ଯତ୍ନର ଆବଶ୍ୟକତା ରହିଛି। ଏହି ଯତ୍ନ ପାଉଥିବା ମହିଳା ଓ ଶିଶୁମାନଙ୍କ ସଂଖ୍ୟା ପ୍ରତିବର୍ଷ ବୃଦ୍ଧି ପାଉଛି। ସାଧାରଣ ମାତୃତ୍ୱ ହାର GFR ଓଡିଶାରେ ସର୍ବଭାରତୀହ ହାର ତୁଳନାରେ କମ୍ ଏବଂ ଏହା ୨୦୧୦ରେ ୮୩.୯ ଥିବାବେଳେ ୨୦୧୧ରେ ୭୯.୩କୁ ହ୍ରାସ ପାଇଛି।ଉଚ୍ଚ ଜନ୍ମହାରରେ ସଙ୍କେତ ଦିଏ ଯେ ଦୀର୍ଘ ପୁନଃଉତ୍ପାଦନ ଓ ସଂଯୁକ୍ତ ଶିଶୁ ଧାରଣ ସମସ୍ୟା। ପ୍ରାୟ ଏକ ଚତୁର୍ଥାଂଶ (୨୩.୯%) ଜନ୍ମଦେବା ହାର ଓଡିଶାରେ ୨୦୧୧ ରେ ଉଚ୍ଚ ଥିଲା, ଯାହାକି ସର୍ବଭାରତୀୟ ହାର ଥିଲା। ୨୮%। ଏହା ଅବଶ୍ୟ ୨୦୦୪ରୁ ୨୦୧୧ ମଧ୍ୟରେ ହ୍ରାସ ପାଇଛି। ଏହି ଅନୁପାତ ୨୦୦୪ରେ ୩୪.୮ ଥିବାବେଳେ ୨୦୧୧ରେ ୨୩.୯କୁ ଖସି ଆସିଥିଲା। ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଓଡିଶାରେ ୧୯୫୬ ମସିହାରୁ ବିଭିନ୍ନ ପ୍ରକାରର ପରିବାର କଲ୍ୟାଣ କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମ ଅଧିନରେ ଯୋଗ୍ୟ ଦମ୍ପତିଙ୍କୁ ବିଭିନ୍ନ ପ୍ରକାରର ଯୋଜନାବଦ୍ଧ ଅନୁସାରେ ପରିବାରକୁ ସୀମିତ ଓ ସ୍ଥିତ କରିବା ପାଇଁ ବୁଝାଯାଉଛି। ଏହାକୁ ସଚେତନ ଅଭିଭାବକତ୍ୱଉପରେ ଅଧିକ ଗୁରୁତ୍ୱ

ଦିଆଯାଇ ଗୋଟିଏ ସନ୍ତାନ ପରିବାର ଉପରେ ବୁଝାଯିବାର ଆବଶ୍ୟକତା ରହିଛି । ଦ୍ରୁତ ପ୍ରସୂତି ହାର IMR ୨୦୦୫ ରୁ ୨୦୧୨ ମଧ୍ୟରେ ଓଡିଶାରେ କ୍ରମାଗତ ଭାବେ କମିବାରେ ଲାଗିଛି, ଯାହାକି ୨୦୦୫ରେ ୭୫ ଥିବାବେଳେ ୨୦୧୨ ରେ ଥିଲା ୫୩। IMR ଅନୁସାରେ ୨୦୦୫ରେ ଏକ ହଜାର ଜନ୍ମରେ ଏହି ହାର ୭୫ ଥିବାବେଳେ ୨୦୧୨ରେ ଏହା ୫୩କୁ ହ୍ରାସ ପାଇଥିଲା । ୨୦୧୨ରେ ଗ୍ରାମୀଣ ଓଡିଶାରେ IMR ଥିଲା ୫୫, ସହରାଞ୍ଚଳରେ ସେହି ସଂଖ୍ୟା ଥିଲା ୩୯ । ଜାତୀୟ ସ୍ତରରେ IMR ଥିଲା ୪୨, ଯାହାକି ୨୦୧୨ରେ ଗ୍ରାମାଞ୍ଚଳରେ ୪୬ ଓ ସହରାଞ୍ଚଳରେ ୨୮ ଥିଲା । ଯଦିଓ IMR ବିଗତ ବର୍ଷଗୁଡିକରେ ଓଡିଶାରେ ହ୍ରାସ ପାଉଥିଲେ ହେଁ ଏହା ଏବେବି ଅଧିକ ଅଛି । ଏହା ମୁଖ୍ୟତଃ ତିନୋଟି କାରଣରୁ ହେଉଛି -

୧) ପ୍ରସୂତିକାଳରେ ଅଭିଜ୍ଞମାନଙ୍କର ଅଭାବ ଓ ପ୍ରାକପ୍ରସୂତି ଜନ୍ମହାର ବୃଦ୍ଧି ।

୨) ମାତୃତ୍ୱକାଳରେ ଶିଶୁ ଓ ମହିଳାଙ୍କୁ ମାଲେରିଆ, ଟିଟାନସ୍, ରକ୍ତହ୍ରାସ ଆଦି ରୋଗର ସମ୍ଭାବନା ଅଧିକ ।

୩) ଗର୍ଭପୂର୍ବ ଓ ପରବର୍ତ୍ତୀ ଯତ୍ନ ପାଇଁ ଅଭିଜ୍ଞମାନଙ୍କର ଅଭାବ । ପ୍ରାୟ ୬୯% ଶିଶୁ ମୃତ୍ୟୁ, ନବଜାତ ମୃତ୍ୟୁହାର ବୃଦ୍ଧିର କାରଣ । ସମୟ ପୂର୍ବରୁ ଜନ୍ମ ହେତୁ ୩୮.୫% ଶିଶୁମୃତ୍ୟୁ ହେଉଛି । ନିମୋନିଆମ ଶ୍ୱାସ ଯନ୍ତ୍ରଣା, ପତଳାଝାଡା ଆଦି କାରଣରୁ ୩୪.୧ % ଶିଶି ମୃତ୍ୟୁ ହେଉଛି । ପୁଷ୍ଟିକର ଖାଦ୍ୟ ଅଭାବରୁ ରକ୍ତ ଅଭାବରୁ ୩୪.୧% ଶିଶୁମୃତ୍ୟୁ ହେଉଛି । ପୁଷ୍ଟିକର ଖାଦ୍ୟ ଅଭାବରୁ ରକ୍ତ ଅଭାବଗତ ରୋଗକାରଣରୁ ଉଭୟ ଗର୍ଭବତୀ ମା' ଓ ଶିଶୁ ମୃତ୍ୟୁ ହାର ୮.୧% ହାରରେ ହେଉଛୀ । ଶିଶୁ ମୃତ୍ୟୁହାର କମାଇବା ପାଇଁ ଓଡିଶା ସରକାର ଏକ ଅଭିଯାନ ଆରମ୍ଭ କରିଛନ୍ତି । ଶିଶୁ ପୁଷ୍ଟିହୀନତା ଓଡିଶାରେ ଅଧିକ । ପ୍ରାୟ ୫୦%ରୁ ଅଧିକ ପୁଷ୍ଟିହୀନତାର ଶିକାର । ସେମାନଙ୍କୁ ୪ଟି ଶ୍ରେଣୀରେ ବିଭକ୍ତ କରାଯାଏ । ଗ୍ରେଡ ୧ରେ ସବୁଠାରୁ କମ୍ ପୁଷ୍ଟିହୀନତା ଓ ଗ୍ରେଡ ୪ରେ ସବୁଠାରୁ ଅଧିକ ପୁଷ୍ଟିହୀନତା । ଏହି ଅନୁପାତ ହାର ୨୦୦୪ରୁ ୨୦୧୦ ମଧ୍ୟରେ ଗ୍ରେଡ ୧ ରେ ୩୬% ଥିଲା । ତେବେ ଏହା ସମୟ ଅନୁସାରେ ହ୍ରାସ ପାଇବାରେ ଲାଗିଛି ।

- ଔଷଧ ବ୍ୟବସ୍ଥା ଓ ଡାକ୍ତରଖାନା : ରାଜ୍ୟରେ ସ୍ୱାସ୍ଥ୍ୟ ସେବା ମୁଖ୍ୟତଃ ଏଲୋପାଥି ଆନୁଷଯଟାନଗୁଡିକ ଦ୍ୱାରା ଯୋଗାଇ ଦିଆଯାଉଛି । ତେବେ ରାଜ୍ୟରେ ସ୍ୱସ୍ଥ୍ୟ ସେବାର ବିକଳ୍ପ ବ୍ୟବସ୍ଥା ମଧ୍ୟ ଉପଲବ୍ଧ । ହିସାବରୁ ଜଣାଯାଏ ଯେ, ରାଜ୍ୟରେ ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ଦଶଜଣ ଡାକ୍ତର ଓ ପ୍ରତି ଦଶହଜାର ଜନସଂଖ୍ୟାରେ ୪ରୁ କମ୍ ବେଡ (ଖଟିଆ) ରହିଛି ।

- ଏଲୋପାଥି ଔଷଧ : ୧୯୫୧ ମସିହାରେ ଓଡିଶାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ସରକାର ସ୍ତରରେ ୩୧୧୨ ଡାକ୍ତରଖାନା ବେଡ ଓ ୧୦୮୩ ଡାକ୍ତର ଥିଲେ । ଡାକ୍ତର-ଜନସଂଖ୍ୟା ଅନୁପାତରେ ଥିଲା ୧୩,୫୦୦ । ୨୦୧୨-୧୩ ଶେଷସୁଦ୍ଧା ୧୯୪୪ଟି ଡାକ୍ତରୀ ପ୍ରତିଷ୍ଠାନ ଯେଉଁଥିରେ ୧୪୦ଟି ଡାକ୍ତରଖାନା, ୩୭୮ଟି ଗୋଷ୍ଠୀ ସ୍ୱସ୍ଥ୍ୟ କେନ୍ଦ୍ର, ୧୨୨୭ଟି ପ୍ରାଥମିକ ସ୍ୱସ୍ଥ୍ୟକେନ୍ଦ୍ର ଓ ୧୯୯ଟି ଭ୍ରାମ୍ୟମାଣ ସ୍ୱସ୍ଥ୍ୟ ୟୁନିଟ କାର୍ଯ୍ୟକରୁଥିଲା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୧୬.୫୩୭ଟି ବେଡ (ଖଟିଆ) ଉପଲବ୍ଧ ଥିଲା । ଏହା ସହ ୧୪୭୨ଟି ଘରୋଇ ଡାକ୍ତରୀ ପ୍ରତିଷ୍ଠାନ ଯେଉଁଥିରେ ୧୧,୭୨୬ଟି ବେଡ ଉପଲବ୍ଧ

ଥିବା ୨୦୧୨-୧୩ର ଏକ ହିସାବରୁ ଜଣାଯାଏ। ତେଣୁ ସରକାରୀ ଓ ଘରୋଇ ମିଶାଇ ରାଜ୍ୟରେ ୩୪୧୬ଟି ଏଲୋପାଥି ଡାକ୍ତରୀ ପ୍ରତିଷ୍ଠାନ ରହିଛି। ସେହିଭଳି ୬୬୮୮ଟି ଉପସ୍ୱାସ୍ଥ୍ୟକେନ୍ଦ୍ର ରାଜ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସହଯୋଗ କରୁଛି। ୨୦୧୨-୧୩ ଶେଷ ସୁଦ୍ଧା ପ୍ରତି ଏକଲକ୍ଷରେ ଆଟଟି ଡାକ୍ତରୀ ପ୍ରତିଷ୍ଠାନ ଓ ପ୍ରତି ୪୬ ସ୍କୋୟାର କିଲୋମିଟରରେ ଗୋଟିଏ ଡାକ୍ତରୀ ପ୍ରତିଷ୍ଠାନ ଥିଲା। ବେଡ, ଜନସଂଖ୍ୟା ଅନୁପାତ ୧:୧୪୩୫।

- ଆୟୁଷ ଔଷଧ ବ୍ୟବସ୍ଥା, ରାଜ୍ୟରେ ଜୀବନ ଶୈଳୀ ସମ୍ବନ୍ଧୀୟ ରୋଗଗୁଡିକର ଔଷଧ ନିଶ୍ଚିତ କରାଇଥାଏ। ଓଡିଶାର ଜନସାଧାରଣ ଆୟୁଷ ବ୍ୟବସ୍ଥାକୁ ପସନ୍ଦ କରନ୍ତି, କାରଣ ଏହା ଦେଶୀ ଚିକିତ୍ସା ଓ ଶସ୍ତା ସୁଲଭ, ରୋଗ ନିରାକରଣରେ ଏହି ଚିକିତ୍ସା ବ୍ୟବସ୍ଥା ସରଳ ଓ ଗ୍ରହଣେଯାଗ୍ୟ ହୋଇଥଏ। ଅଧୁନା ରାଜ୍ୟରେ ୫ଟି ଆୟୁର୍ବେଦ ଡାକ୍ତରଖାନା ୪ଟି ହୋମିଓପାଥି ଡାକ୍ତରଖାନା, ୬୧୯ଟି ଆୟୁର୍ବେଦ ଦାତବ୍ୟ ସ୍ୱାସ୍ଥ୍ୟକେନ୍ଦ୍ର, ୫୬୧ ଟି ହୋମିଓପାଥିକ ଦାତବ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧ଟି ୟୁନାନୀ ଦାତବ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି, ଯେଉଁଥିରେ ୫୯୩ଟି ବେଡ ଥିବାବେଳେ ୮୪୦ ଜଣ ଡାକ୍ତର ନିଯୋଜିତ ହୋଇ ରାଜ୍ୟରେ ଆୟୁଷ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି।

- କର୍ମଚାରୀ ରାଜ୍ୟ ବୀମା ESI ଯୋଜନା : ଏହା ଏକ ସୁସଂହତ ବହୁମୁଖୀ ସ୍ୱାସ୍ଥ୍ୟ ବୀମା ଓ ସାମାଜିକ ସୁରକ୍ଷା ଯୋଜନା, ଯାହାକି ୧୯୬୦ରୁ ରାଜ୍ୟରେ କାର୍ଯ୍ୟକାରୀ ହୋଇଛି। ଏହା ଏକ ଫଳପ୍ରଦ ସାମାଜିକ ସୁରକ୍ଷା ପଦକ୍ଷେପ, ଯାହା ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡିକର କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ। ବର୍ତ୍ତମାନ ଏହି ଯୋଜାନ ଜରିଆରେ ୨ଲକ୍ଷ ୪୭ହଜାର ୮୯୭ ଜଣ କର୍ମଚାରୀ ଓ ସେମାନଙ୍କ ପରିବାର ବର୍ଗକୁ ୫ଟି EESI ଡାକ୍ତରଖାନା ଓ ୪୫ଟି ESI ସ୍ୱାସ୍ଥ୍ୟକେନ୍ଦ୍ର ମାଧ୍ୟମରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଏହି କ୍ଷେତ୍ରରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବାକୁ ୧୯୫ଜଣ ଡାକ୍ତର ଓ ୨୯୭ଟି ବେଡ ନିୟୋଜିତ ହୋଇଥିବା ଜଣାଯାଏ। ESI କର୍ପୋରେସନ ପ୍ରତି ବୀମାଭୁକ୍ତ କର୍ମଚାରୀଙ୍କୁ ୨୦୧୨ ଏପ୍ରିଲ ୧ ରୁ ବାର୍ଷିକ ୧୫୦୦ ପ୍ରଦାନ କରୁଛି। ଏହା ESI ର କର୍ପୋରେସନ ଓ ରାଜ୍ୟ ସରକାରଙ୍କ ମଧ୍ୟ ବୁଝାମଣା ଅନୁପାତ ୭:୧ ଅନୁସାରେ କାର୍ଯ୍ୟରତ। ଅଧିକ ଖର୍ଚ୍ଚଭାର ରାଜ୍ୟସରକାର ବହନ କରିଥାନ୍ତି।

- ସଂଶୋଧିତ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ RNTCP : ସଂଶୋଧିତ ଜାତୀୟ ଯକ୍ଷ୍ମାନିୟନ୍ତ୍ରଣ କାର୍ଯ୍ୟକ୍ରମ ଓଡିଶାରେ ୧୯୯୭ରୁ କାର୍ଯ୍ୟକାରି ହୋଇଛି, ଯାହାର ଆଭିମୁଖ୍ୟ ୭୦% ଯକ୍ଷ୍ମା ଆକ୍ରାନ୍ତଙ୍କୁ ଚିହ୍ନଟ କରିବା ଓ ଅନ୍ତତଃ ୮୫%କୁ ସେଥର ମଧ୍ୟରୁ ରୋଗମୁକ୍ତ କରିବା। ଏହି କାର୍ଯ୍ୟକ୍ରମ ସଂଶୋଧିତ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ RNTCP ର ବୈଷୟିକ, ବ୍ୟାବହାରିକ ଓ ଆର୍ଥିକ ନିର୍ଦ୍ଦେଶାବଳୀ ଅନୁସାରେ ଚାଲିଥାଏ। ଏହା ୩୧ଟି କାର୍ଯ୍ୟକାରୀ ୟୁନିଟ, ୧୦୯ଟି ଟିବି ୟୁନିଟ ଓ ୫୪୯ଟି ମାଇକ୍ରୋସ୍କୋପି କେନ୍ଦ୍ର ଦ୍ୱାରା କାର୍ଯ୍ୟରତ। ଏହାଛଡା ୪୬,୮୩୯ଟି DOT କେନ୍ଦ୍ର ମଧ୍ୟ ଏହି ଯୋଜନା ଅଧିନରେ କାର୍ଯ୍ୟ କରି ଯକ୍ଷ୍ମା ନିରୂପଣ ଓ ନିରାକରଣ ଦିଗରେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛି।

- ଜାତୀୟ ଫାଇଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ NFCP : ମ୍ୟାଲେରିଆ ପରେ, ଫାଇଲେରିଆ (ବାତଜ୍ୱର) ଓଡିଶାରେ ଏକ ମୁଖ୍ୟ ବ୍ୟାଧି ଭାବେ ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ । ଓଡିଶାର ଉପକୂଳ ଜିଲ୍ଲା ମୁଖ୍ୟତଃ ବାତଜ୍ୱର ଅଧ୍ୟୁଷିତ ଅଞ୍ଚଳ । ଏହି ବ୍ୟାଧିର ବେଗକୁ ବିଚାର କରି ଭାରତ ସରକାର ଜାତୀୟ ବାତଜ୍ୱର ନିୟନ୍ତ୍ରଣ କାର୍ଯ୍ୟକ୍ରମ NFCP ଆରମ୍ଭ କରିଥିଲେ । ୧୯୬୩ ରେ ଜନସଂଖ୍ୟା ଆଧାରରେ କିଛି ସହରାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ ଏହା ଆରମ୍ଭ କରାଯାଇଥିଲା । ବର୍ତ୍ତମାନ ରାଜ୍ୟରେ ୧୫ଟି ବାତଜ୍ୱର ନିୟନ୍ତ୍ରଣ ୟୁନିଟ ଓ ୧୫ଟି ବାତଜ୍ୱର କ୍ଲିନିକ କାର୍ଯ୍ୟରତ । ଅଧ୍ୟୁଷିତ ଅଞ୍ଚଳରେ ରକ୍ତ ନମୁନା ସଂଗ୍ରହ ସହ ଚିକିତ୍ସା ଓ ନିରାକରଣ ଦିଗରେ କାର୍ଯ୍ୟ କରିଥାଏ ଏହି ଯୋଜନା ।

- ଜାତୀୟ ଅନ୍ଧତ୍ୱ ନିୟନ୍ତ୍ରଣ କାର୍ଯ୍ୟକ୍ରମ NPCB : ବିଶ୍ୱବ୍ୟାଙ୍କ ସହାୟତା ପ୍ରକଳ୍ପ ଭାବେ ଏହି କାର୍ଯ୍ୟକ୍ରମ ୧୯୭୬ରେ ରାଜ୍ୟରେ ଆରମ୍ଭ କରାଯାଇଥିଲା । ଯାହା ରାଜ୍ୟରେ ଅନ୍ଧତ୍ୱ ହାର ୧.୪% ରୁ ୦.୦୩% ହ୍ରାସ କରିବା ଲକ୍ଷ୍ୟ ରଖୀଥିଲା । ବର୍ତ୍ତମାନ ଏହା ପୂର୍ଣ୍ଣ ନିୟନ୍ତ୍ରଣ ସହ କାର୍ଯ୍ୟରତ । ଚକ୍ଷୁଦାନକୁ ରାଜ୍ୟର ତିନୋଟି ମେଡିକାଲ କଲେଜ ଓ ଗୋଟିଏ ଘରୋଇ ଅନୁଷ୍ଠାନକୁ ରାଜ୍ୟର ତିନୋଟି ମେଡିକାଲ କଲେଜ ଓ ଗୋଟିଏ ଘରୋଇ ଅନୁଷ୍ଠାନ ଦ୍ୱାରା ପ୍ରସାର ଓ କାର୍ଯ୍ୟକାରି କରାଯାଉଛି ।

- ଜାତୀୟ ଆୟୋଡିନ ଅଭାବ ଅକ୍ଷମତା ନିୟନ୍ତ୍ରଣ କାର୍ଯ୍ୟକ୍ରମ : ଆୟୋଡିନ ଏକ ଅତ୍ୟାବଶ୍ୟକ କ୍ଷୁଦ୍ର ପୁଷ୍ଟିସାର । ଦୈନିକ ୧୦୦-୧୫୦ ଗ୍ରାମ ଆୟୋଡିନ ଦୈନିକ ଗୋଟିଏ ସାଧାରଣ ଶରୀର ଓ ମାନସିକ ବିକାଶ ପାଇଁ ଆବଶ୍ୟକ । ଏହାର ଅଭାବରେ ହେଉଥରବା ଅକ୍ଷମତାକୁ ଆୟୋଡିନ ଅଭାବ ଅକ୍ଷମତା IDD କୁହାଯାଇଥାଏ । ପୁଷ୍ଟିକର ଆୟୋଡିନ ଅଭାବରୁ ଜଣେ ବ୍ୟକ୍ତିର ବିକାଶ ଶିଶୁ, ଅବସ୍ଥାରୁ ପ୍ରଭାବିତ ହୋଇଥାଏ । ଏହା ଗର୍ଭପାତ, ମାନସିକ ଅକ୍ଷମ ସନ୍ତାନ ଜନ୍ମ, ଶ୍ରବଣ ବାଧିତ ଶଶୁ ଜନ୍ମ ଆଦି ବିବିଧ ଅକ୍ଷମତାପୂର୍ଣ୍ଣ ଫଳର କାରଣ ରାଜ୍ୟରେ ଏହାକୁ ରୋକିବା ପାଇଁ ନିୟମିତ ସର୍ଭେ ଓ ବ୍ୟବସ୍ଥା କରାଯାଇଛି ।

- ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ NLEP : ଏହି କାର୍ଯ୍ୟକ୍ରମ ରାଜ୍ୟରେ ୧୯୮୨-୮୩ରୁ କାର୍ଯ୍ୟ କରୁଛି । ଏହାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱବ୍ୟାଙ୍କ ଓ ଅନ୍ୟାନ୍ୟ ଆନ୍ତର୍ଜାତୀୟ ଦାତା ସଂସ୍ଥା ଯେପରିକି LEPRA INDIA, HOINA & GERMAN LEPROSY RELIEF ASSOCIATION ସହାୟତା କରୁଛନ୍ତି । ଏହି ଯୋଜନାର ଲକ୍ଷ୍ୟ, କୁଷ୍ଠ ବ୍ୟାଧିକୁ ଚିହ୍ନଟ କରି ଏହାର ସମୂଳ ନିରାକରଣ ଦିଗରେ କାର୍ଯ୍ୟ କରିବା । ବିବିଧ ଔଷଧ ଚିକିତ୍ସା MDT ବଳରେ କୁଷ୍ଠକୁ ନିୟନ୍ତ୍ରଣ କରିବା ସହ ପ୍ରତି ଦଶ ହଜାର ଜନସଂଖ୍ୟାରେ ଏକ ବା କମ୍ କୁଷ୍ଠ ସଂଖ୍ୟା ରଖିବା ଆଦି ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ଫଳସ୍ୱରୂପ ୧୯୮୨-୮୩ରେ ରାଜ୍ୟରେ ପ୍ରତି ଦଶହଜାର ଜନସଂଖ୍ୟାରେ ୧୨୧.୪ କୁଷ୍ଠ ହାର ଥିବାବେଳେ ୨୦୧୨ରେ ଏହି ହାର ଯଥେଷ୍ଟ କମି ଯାଇ ୦.୯୯କୁ ଖସି ଆସିଥିଲା । ସେହି ସମୟରେ ଜାତୀୟ ସ୍ତରରେ ଏହି ହାର ୫୫% ରୁ ୦.୬୫% ଖସି ଆସିଥିବା ସୂଚନା ମିଳେ ।

- ଜାତୀୟ ଭେକ୍ଟର ଜନ୍ମିତ ବ୍ୟାଧି ନିୟନ୍ତ୍ରଣ କାର୍ଯ୍ୟକ୍ରମ NVBDCP : ଏହି କାର୍ଯ୍ୟକ୍ରମ ଏକାଧିକ ନୂଆ କୌଶଳ ଓ ପ୍ରୟୋଗ ଦ୍ୱାରା ପରୀକ୍ଷଣ ଚିକିତ୍ସା ପରିଚାଳନା ସହ ଏହି ବ୍ୟାଧି ସଂକ୍ରମଣକୁ ରୋକିବା ଦିଗରେ

କାର୍ଯ୍ୟକରେ । ଏହାକୁ ଭାରତ ସରକାରଙ୍କ ପକ୍ଷରୁ ଅତିରିକ୍ତ ସମ୍ବଳ ପ୍ରଦାନ କରାଯାଏ । ସଂକ୍ରମଣ ଆଶଙ୍କା ଦେଖାଯାଉଥିବା ଅଞ୍ଚଳଗୁଡିକ ସହ ଅନ୍ୟାନ୍ୟ ଅଞ୍ଚଳରେ ଏହି ଜାତୀୟ ଭକ୍ଟେର ଜନ୍ମିତ ବ୍ୟାଧି ନିୟନ୍ତ୍ରଣ କାର୍ଯ୍ୟକ୍ରମ ଚାଲୁ ରହିଛି । ଓଡିଶା ଏହି ଯୋଜନାର ଅନ୍ତର୍ଭୁକ୍ତ । ଓଡିଶା ମଧ୍ୟ AIDS, TB ଓ ମ୍ୟାଲେରିଆ ନିୟନ୍ତ୍ରଣ ପାଇ ବିଶ୍ୱପାଣ୍ଠି ସହାୟତା ପାଉଛି । ଛ'ଟି ଭେକ୍ଟର ଜନ୍ମିତ ବ୍ୟାଧି (ମାଲେରିଆମ ବାତଜ୍ୱର, ଜାପାନୀ କଳାଜର, ଚିକେନଗୁନିଆ ଓ ଡେଙ୍ଗୁ) ଭାରତୀୟ ଜାତୀୟ ନିୟନ୍ତ୍ରଣ କାର୍ଯ୍ୟ, ମ୍ୟାଲେରିଆ ମୁଖ୍ୟ ବ୍ୟାଧି । ବିଶ୍ୱ ମ୍ୟାଲେରିଆ ରିପୋର୍ଟ ୨୦୦୮ ଅନୁସାରେ ଭାରତ ବିଶ୍ୱର ୧୦୯ଟି ଆକ୍ରାନ୍ତ ଦେଶ ମଧ୍ୟରେ ପଞ୍ଚଦଶ ସ୍ଥାନ ପାଇବା ସହ ୨୦୦୬ରେ ସମଗ୍ର ବିଶ୍ୱମ୍ୟାଲେରିଆ ପରିମାଣର ଶତକଡା ୨ ଭାଗ ଭାରତରେ ଥିବା ଜଣାଯାଏ । ଓଡିଶାରେ ୪୮ ଲକ୍ଷ ଜ୍ୱର ଲକ୍ଷଣ ନମୁନା ପରୀକ୍ଷା କରାଯାଇ ସେଥିରୁ ୩ରୁ୪ ଲକ୍ଷ ମ୍ୟାଲେରିଆ ପଜିଟିଭ ଚିହ୍ନଟ ହୋଇଛି । ଓଡିଶାର ପଶ୍ଚିମ ଓ ଦକ୍ଷିଣ ଜିଲ୍ଲାଗୁଡିକର ପାହାଡିଆ ଓ ଜଙ୍ଗଲ ଅଞ୍ଚଳରେ ମୁଖ୍ୟତଃ ଏହି ବ୍ୟାଧି ବୃଦ୍ଧି ପାଇଛି ।

- ଜାତୀୟ ଏଡସ ନିୟନ୍ତ୍ରଣ କାର୍ଯ୍ୟକ୍ରମ NACP : ଜାତୀୟ ଏଡସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମ ନୂଆ ସଂକ୍ରମଣ ଆଦିକୁ ରୋକିବା ଦିଗରେ କାର୍ଯ୍ୟରତ । ଏଥିପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଓ ମାନବ ସମ୍ବଳକୁ ବୃଦ୍ଧି କରାଯାଇ ଦେଶବ୍ୟାପୀ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି । ଏଡସ ଭଳି ଏକ ଦୁରାରୋଗ୍ୟ ବ୍ୟାଧି ନିୟନ୍ତ୍ରଣ ଓ ନିରାକରଣ ଦିଗରେ ଏହି କାର୍ଯ୍ୟକ୍ରମ ବିଶେଷ ଭାବେ ସହାୟକ ହୋଇପାରିଛି ।

## ୧.୯ ସାରାଂଶ

ଓଡିଶାର ଇତିହାସ କହେ, ଏହା ଭାରତର ଏକ ସମୃଦ୍ଧ ଓ ଅର୍ଥନୀତି ଦୃଷ୍ଟିରୁ ସୁଦୃଢ ଅଞ୍ଚଳ ଥିଲା । ଏହାର ଉନ୍ନତି କୃଷି ଉତ୍ପାଦନ ଓ ଖଣିଜ ସଂପଦ ପାଇଁ ଓଡିଶା ପରିଚିତ ଥିଲା । ବିପୁଳ ଜଳ ସଂପଦ, ଜଙ୍ଗଲ, ବର୍ଷା ଏବଂ କୁଶଳୀ କାରିଗରମାନଙ୍କ ପାଇଁ ଓଡିଶାରେ କୃଷି ଉତ୍ପାଦନ ଆଶାଜନକ ହେଉଥିଲା । ଓଡିଶାରେ ଅଧିକାଂଶ ଗ୍ରାମାଞ୍ଚଳରେ ବସବାସ କରୁଥିବାରୁ କୃଷି, ଏ ରାଜ୍ୟର ମୁଖ୍ୟଜୀବିକା । ଗ୍ରାମାଞ୍ଚଳରେ ବସବାସ କରୁଥିବା ପ୍ରତି ଦଶ ଜଣଙ୍କ ମଧ୍ୟରୁ ଆଠ ଜଣ କୃଷି ଉପରେ ନିର୍ଭର କରନ୍ତି । ତେବେ କ୍ରମାଗତ ଭାବେ ନିଜ ଗୌରବ ହରାଇ ଦେଶର ଏକ ଗରିବ ରାଜ୍ୟ ଭାବେ ପରିଚିତ ହେଉଛି । ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଉଥରଲେ ମଧ୍ୟୟ ଏହି ଗୌରବମୟ ରାଜ୍ୟ ଏବେ ଗରିବ ରାଜ୍ୟରେ ପରିଣତ ହୋଇଛି ।

## ୧.୧୦ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧) ବିକାଶ ପାଇଁ ଯୋଜନା ସମୂହ ଓ ସହଯୋଗ ବିଷୟରେ ଆଲୋଚନା କର ।

୨) ଜଙ୍ଗଲ ବିକାଶ ପାଇଁ ସରକାରୀ ପଦକ୍ଷେପଗୁଡିକ ବିଷୟରେ ରଚନା ଲେଖ ।

୩) ମତ୍ସ୍ୟସଂପଦ ବିକାଶ ବିଷୟରେ ସଂକ୍ଷେପରେ ଲେଖ ।

୪) ଜଙ୍ଗଲ ବିକାଶ ପାଇଁ ସରକାରୀ ପଦକ୍ଷେପଗୁଡିକ ବିଷୟରେ ଆଲୋଚନା କର ।

# ଦ୍ୱିତୀୟ ଏକକ : ଦାରିଦ୍ର୍ୟ ଦୂରୀକରଣ ପାଇଁ ଯୋଜନା - ବିଜୁକେବିକେ ଯୋଜନା, ସଂଶୋଧିତ ଦୀର୍ଘସୂତ୍ରୀ କାର୍ଯ୍ୟଯୋଜନା (RLTAP), ବିଜୁ କନ୍ଧମାଳ ଓ ଗଜପତି ଯୋଜନା

**ବିଷୟ ଗଠନ :**


୨.୦ ପଠନର ଉଦ୍ଦେଶ୍ୟ

୨.୧ ଉପକ୍ରମ

୨.୨ ବିଜୁ କେବିକେ ଯୋଜନା

୨.୩ ସଂଶୋଧିତ ଦୀର୍ଘସୂତ୍ରୀ କାର୍ଯ୍ୟ ଯୋଜନା RLTAP

୨.୪ ବିଜୁ କନ୍ଧମାଳ ଓ ଗଜପତି ଯୋଜନା BKGY

୨.୫ ସାରାଂଶ

୨.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ


## ୨.୦ ପଠନର ଉଦ୍ଦେଶ୍ୟ

ଏହି ଏକକ ଅଧ୍ୟୟନ ପରେ ତୁମେମାନେ -

- ବିଜୁ କେବିକେ ଯୋଜନା, ଜାଣିପାରିବ।
- ସଂଶୋଧିତ ଦୀର୍ଘସୂତ୍ରୀ କାର୍ଯ୍ୟ ଯୋଜନା, ବୁଝାଇପାରିବ।
- ବିଜୁ କନ୍ଧମାଳ ଓ ଗଜପତି ଯୋଜନା, ଜାଣିପାରିବ।

## ୨.୧ ଉପକ୍ରମ

ଦାରିଦ୍ର୍ୟ ସଂଜ୍ଞା, ସମାଜର ଶ୍ରେଣୀ ବିଭାଗ, ଭେଦଭାବ, ଅସମାନତା ଆଦି ବିଭିନ୍ନ କାରଣ ଆଧାରରେ ନିରୂପିତ ହୋଇଥାଏ। ଏହାର ସାମାଜିକ, ରାଜନୈତିକ, ବୌଦ୍ଧିକ, ସାମଗ୍ରୀକ, ସ୍ୱାସ୍ଥ୍ୟଗତ, ଆଦି ବିବିଧ ପର୍ଯ୍ୟାୟ ରହିଛି। ଦାରିଦ୍ର୍ୟ ଦୂରୀକରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ବିଭିନ୍ନ ପ୍ରକାରର ପଦକ୍ଷେପ ନିଆଯାଉଛି, ଯାହାକି ସମାଜର ଶ୍ରେଣୀ ବିଭାଗ ଆଧାରିତ ପରିସଂଖ୍ୟାନକୁ ବିଚାରକୁ ନେଇ କାର୍ଯ୍ୟକାରି ହେଉଛି। ୨୦୧୧-୧୨ରେ ଓଡିଶାର ଗ୍ରାମାଞ୍ଚଳରେ ୬୩.୫୨% ଜନଜାତି, ୪୧.୩୯% ତଫସିଲଭୁକ୍ତ ଜାତି, ୨୪.୧୬% ଓବିସି (ଅନ୍ୟାନ୍ୟ ପଛୁଆ ବର୍ଗ) ଏବଂ ସମୁଦାୟ ୩୫.୬୯% ଦାରିଦ୍ର୍ୟ ସୀମାରେଖା ତଳେ ଥିବାର ଆକଳନ କରାଯାଇଥିଲା। ସାମଗ୍ରୀକ ଭାବେ ଓଡିଶାରେ ୩୨.୫୯% ଦରିଦ୍ର। ଓଡିଶା ସରକାର ଏହାକୁ ଦୃଷ୍ଟିରେ ରଖି ଦାରିଦ୍ର୍ୟ ଦୂରୀକରଣ ପାଇଁ ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି। ସେଥି ମଧ୍ୟରୁ କେତୋଟି ହେଉଛି -

## ୨.୨ ବିଜୁ କେବିକେ ଯୋଜନା

କେବିକେ ଅଞ୍ଚଳରେ ବିକାଶର ଅଗ୍ରଗତି ପାଇଁ ୨୦୦୬-୦୭ ମସିହାରେ ଓଡିଶା ସରକାର ନିଜସ୍ୱ ପାଣ୍ଠିରେ ଏହି ଯୋଜନା ଆରମ୍ଭ କରିଥିଲେ। ଏହାର ବାର୍ଷିକ ଅନୁଦାନ ପରିମାଣ ଥିଲା ୧୨୦ କୋଟି ଟଙ୍କା। ପ୍ରଥମିକ ପର୍ଯ୍ୟାୟରେ ଏହା ବିଜୁଳି, ସଡକ ଓ ପାଣି ଉପରେ କେନ୍ଦ୍ରୀଭୂତ ଥିଲା, ଯାହାକି ଗ୍ରାମାଞ୍ଚଳର ବିଦ୍ୟୁତ୍ କରଣ ରାସ୍ତା ଆଲୁଅ, ଗ୍ରାମାଞ୍ଚଳର ପକ୍କା ସଡକ ନିର୍ମାଣ ଅଥବା ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ଏବଂ ଜଳସେଚନ / ପାନୀୟ ଜଳ ବ୍ୟବସ୍ଥା ସମ୍ୱଳିତ। ତେବେ ଏହି ଯୋଜନାର ଆଭିମୁଖ୍ୟ ୨୦୧୩-୧୪ରେ ପରିବର୍ତ୍ତିତ ହୋଇଥିଲା। କେବିକେ ଅଞ୍ଚଳରେ ସାମଗ୍ରୀକ ଭାବେ ଲୋକମାନଙ୍କର ଜୀବନଜୀବିକାର ଉନ୍ନତି ଆଭିମୁଖ୍ୟରେ ଏହା କାର୍ଯ୍ୟ କରିଲା। ୨୦୧୪-୧୫ରେ ଏହି ଯୋଜନାରେ ବାର୍ଷିକ ଅନୁଦାନ ପରିମାଣ ଥିଲା ୧୨୦ କୋଟି ଟଙ୍କା।

## ୨.୩ ସଂଶୋଧିତ ଦୀର୍ଘସୂତ୍ରୀ କାର୍ଯ୍ୟ ଯୋଜନା RLTAP

ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କ ସହ ପରାମର୍ଶ କରି କେବିକେ ଜିଲ୍ଲାଗୁଡିକରେ ଦ୍ରୁତବିକାଶ ପାଇଁ ଦୀର୍ଘସୂତ୍ରୀ କାର୍ଯ୍ୟ ଯୋଜନା LTAP / ସଂଶୋଧିତ ଦୀର୍ଘସୂତ୍ରୀ କାର୍ଯ୍ୟ ଯୋଜନା RLTAP ପ୍ରଚଳନ କରିଛନ୍ତି। ଏହି ସ୍ୱତନ୍ତ୍ର ଯୋଜନା, କେବିକେ ଅଞ୍ଚଳର ଜୀବନଶୈଳୀରେ ଉନ୍ନତି ସହ ଉତ୍ପାଦନର ଆନୁଷଙ୍ଗିକ ବିକାଶ, ସାକ୍ଷରତା ହାର ବୃଦ୍ଧି ଓ ଅଞ୍ଚଳର ସାମଗ୍ରୀକ ବିକାଶ ପାଇଁ ଅଭିପ୍ରେତ। ଏଥିପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ୧୯୯୮-୯୯ରୁ ୨୦୧୩-୧୪ ମଧ୍ୟରେ ୨୫୯୩.୯୫ କୋଟି ପ୍ରଦାନ କରାଯାଇଥିବା ବେଳେ ୨୦୧୪ ମାର୍ଚ୍ଚ ଶେଷ ସୁଦ୍ଧା ଏଥିରୁ ୨୫୦୯.୧୭ କୋଟି ଟଙ୍କା ବ୍ୟୟ ହୋଇଥିବାର ଜଣାଯାଏ। ଏହି ସ୍ୱତନ୍ତ୍ର ଯୋଜନା, କେବିକେ ଅଞ୍ଚଳରେ ବ୍ୟାପକ ସୁଫଳ ଆଣିପାରିଛି। ତେନ୍ଦୁଲକର ପଦ୍ଧତି ଅନୁସାରେ, ଏହି ସବୁ ଅଞ୍ଚଳରେ ଗ୍ରାମୀଣ ଦାରିଦ୍ର୍ୟ ୨୫.୪୦% ହାରରେ ହ୍ରାସ ପାଇ ୨୦୦୪-୦୫ର ୭୩.୪୦% ଦାରିଦ୍ର୍ୟ ୨୦୧୧-୧୨ରେ ୪୮.୦% କୁ ହ୍ରାସ ପାଇଛି। କେବିକେ ଜିଲ୍ଲାଗୁଡିକର ପ୍ରାଥମିକ ବିଦ୍ୟାଳୟରେ ନାମଲେଖା ହାର ୨୦୧୧-୧୨ରେ ୯୮.୦୫ ଶତକଡା ହୋଇଥିଲା, ଯାହାକି ୧୯୯୬-୯୭ରେ ଥିଲା ୭୫.୮୯%। ସେହିଭଳି ଉଚ୍ଚପ୍ରାଥମିକ ବିଦ୍ୟାଳୟଗୁଡିକରେ ନାମଲେଖା ହାର ୨୦୧୦-୧୧ରେ ୧୦୩.୫୮% ରେ ପହଞ୍ଚିଥିଲା, ଯାହାକି ୧୯୯୬-୯୭ରେ ଥିଲା ୫୬.୩୯%। କେବିକେ ଜିଲ୍ଲାଗୁଡିକରେ ପ୍ରାଥମିକ ବିଦ୍ୟାଳୟରେ ଅଧାରୁ ପାଠଛଡା ହାର ୨୦୧୧-୧୨ରେ ୩.୫୭% କୁ ହ୍ରାସ ପାଇଛି। ମହିଳା ସାକ୍ଷରତା ହାର ୨୦୧୧ରେ ୪୫.୪୯% ଥରବାବେଳେ ସେହିବର୍ଷ ଏହିସବୁ ଅଞ୍ଚଳରେ ସାମଗ୍ରୀକ ସାକ୍ଷରତା ହାର ଥିଲା ୫୭.୧୭%।

## ୨.୪ ବିଜୁ କନ୍ଧମାଳ ଓ ଗଜପତି ଯୋଜନା BKGY

ଓଡିଶା ସରକାର ୨୦୦୯-୧୦ରେ ଏକ ନୂଆ ସ୍ୱତନ୍ତ୍ର ବିକାଶମୂଳକ ପଦକ୍ଷେପ ଆରମ୍ଭ କରିଥିଲେ, ଯାହା ଥିଲା ବିଜୁ କନ୍ଧମାଳ ଓ ଗଜପତି ଯୋଜନା BKGY। ରାଜ୍ୟଯୋଜନା ଅନ୍ତର୍ଗତ ଏହି କାର୍ଯ୍ୟକ୍ରମ ଜନଜାତି ଅଧ୍ୟୁଷିତ କନ୍ଧମାଳ ଓ ଗଜପତି ଜିଲ୍ଲାରେ ବିକାଶର ଧାରା ସହ ଦାରିଦ୍ର୍ୟ ଦୂରୀକରଣ ଉଦ୍ଦେଶ୍ୟରେ ଅଭିପ୍ରେତ।

ଏହି ଯୋଜନା ମଧ୍ୟ ଏହି ଜିଲ୍ଲାଗୁଡିକରେ ସାମାଜିକ ଆର୍ଥିକ ବିକାଶ ସହ ସାମଗ୍ରୀକ ଭାବେ ଲୋକମାନଙ୍କର ଉନ୍ନତି ପାଇଁ ଉଦ୍ଦିଷ୍ଟ। ଏଥିପାଇଁ ବାର୍ଷିକ ୨୮.୫୦ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନର ଯୋଜନା ମୁତାବକ ୨୦୧୪-୧୫ରେ ସେହି ପରିମାଣର ଟଙ୍କା ୨୮.୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। କନ୍ଧମାଳ ଓ ଗଜପତି, ଏହି ଦୁଇ ଜିଲ୍ଲାର ସାମଗ୍ରୀକ ବିକାଶ ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିବା ଏହି ସ୍ୱତନ୍ତ୍ର ଯୋଜନା ଅନେକାଂଶରେ ସଫଳ ହୋଇପାରିଛି।

## ୨.୫ ସାରାଂଶ

ଜାତୀୟ ଚିତ୍ର ତୁଳନାରେ ଓଡିଶାରେ ଦାରିଦ୍ର୍ୟର ସ୍ଥିତି ଉଦ୍ବେଗଜନକ। ତେବେ ପ୍ରାକୃତିକ ସଂପଦ ଭରପୁର ଓଡିଶା ରାଜ୍ୟରେ କାହିଁକି ଅନ୍ୟରାଜ୍ୟ ତୁଳନାରେ ସାମଗ୍ରୀକ ଆର୍ଥିକ ବିକାଶ ସମ୍ଭ ହୋଇପାରିନାହିଁ, ତାହା ଚିନ୍ତାର ବିଷୟ, ରାଜ୍ୟର ଅର୍ଥନୀତି ମୁଖ୍ୟତଃ କୃଷିଭିତ୍ତିକ ଏବଂ ରାଜ୍ୟର କୃଷିର ବିକାଶ, ପାଣିପାଗ ଉପରେ ନିର୍ଭରଶୀଳ। ଓଡିଶାର ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ରାଜନୈତିକ ଅର୍ଥନୀତି ହୁଏତ ଜମିବଣ୍ଟନରେ ଆସମାନତା, କ୍ଷୁଦ୍ରଜମି, ନାମମାତ୍ର ଜମି, ବହୁ ସଂଖ୍ୟକ ଭୂମିହୀନ ଚାଷୀ ଆଦିର ସମାହାର, ତେବେ ବିକାଶ ଅଗ୍ରଗତି ହାର ବଢାଇବା ସହ ଏ ନେଇଥରବା ବ୍ୟବଧାନ ଦୂରେଇବା ଲୋକମାନଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବା ଲକ୍ଷ୍ୟରେ ସରକାର ସଦା ଚେଷ୍ଟିତ। ରାଜ୍ୟର ଭୂସଂପଦ, ଜଳସଂପଦ, ଜଙ୍ଗ ସଂପଦ, ବିସ୍ତୃତ ବେଳାଭୁମି ଏବଂ ଶାନ୍ତିପୂର୍ଣ୍ଣ ସାମାଜିକ ବାତାବରଣ ସତ୍ତ୍ୱେ କୃଷି, ଶିଳ୍ପ ଓ ମାନବ ସମ୍ବଳରେ ଆଶାନୁରୂପ ବିକାଶ ହୋଇପାରିନାହିଁ। ଏ କଥା ସତ୍ୟ ଯେ, ଏବେବି ଦାରିଦ୍ର୍ୟ, ଅନଗ୍ରସରତା, ବେକାରୀ, ଶୋଷଣ ଆଦି ରାଜ୍ୟରେ ରହିଛି, ଜାତୀୟ ସ୍ତରରେ ଓଡିଶା ଦାରିଦ୍ର୍ୟ, କ୍ଷୁଧା ଓ ଅନାହାର ମୃତ୍ୟୁ ପାଇଁ ଏବେବି ପରିଚିତ। ଓଡିଶାକୁ ବିକାଶ ପଥରେ ଆଗେଇ ନେବାକୁ ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅଧିକ ଫଳପ୍ରଦ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

## ୨.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧) ବିଜୁ କେବିକେ ଯୋଜନା ଉପରେ ଏକ ରଚନା ଲେଖ।

୨) ଦାରିଦ୍ର୍ୟ ଦୂରୀକରଣରେ ବିଜୁ ଯୋଜନାରେ ଭୂମିକା ବିଷୟରେ ଆଲୋଚନା କର।

❐❐❐

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University, Sambalpur
www.osou.ac.in
e-mail: info@osou.ac.in